
-46

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ନବମ ପୁଷ୍ପ ❋ ତୃତୀୟ ପାଖୁଡ଼ା ❋ ଷଟ୍‌ଚତ୍ୱାରିଂଶତମ ସଂଖ୍ୟା ❋ ୪୬ ❋

ସଂପାଦକ : କେଶବ ଦାସ
ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ
ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍‌ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

✽ କେଶବାଢ : ଅଷ୍ଟପଞ୍ଚାଶତ୍ (୫୮) ✽ ଆବିର୍ଭାବ ମାସ ✽ କୁମାର ପୂର୍ଣ୍ଣିମା ✽

# ପ୍ରବେଶ ପରିଚିତି

✽ ନବମ ପୁଷ୍ପ ✽
ତୃତୀୟ ପାଖୁଡ଼ା
ଷଟ୍‌ଚତ୍ୱାରିଂଶତ୍ତମ ସଂଖ୍ୟା (୪୬)

✣ ବୈଦିକ ପ୍ରାର୍ଥନା ✣

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ପୁନଃ ମୁଦ୍ରଣ : କେଶବାଢ-୫୯, ଦେବାଭିଷେକ ପୂର୍ଣ୍ଣିମା, ୨୦୧୪


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦପଦ୍ମ ବନ୍ଦନା | ୧ |
| **ସିଂହଦ୍ୱାର** | |
| ମାଗୁଣି (୧) | ୨ |
| ଭଜନ (୨,୩) | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚି : | ୧୮ |
| ଉତିଷ୍ଠତଃ ! ଜାଗ୍ରତ !! | ୨୦ |
| ଜିଜ୍ଞାସା : ଜିଜ୍ଞାସୁ : | ୨୩ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କଲ୍ୟାଣ ଦେଖି ତୋତେ | ୨୯ |
| କେଶବ କୈବଲ୍ୟ କଣିକା | ୩୩ |
| **ନୀଳଚକ୍ର** | |
| ଚରମର ସଂକେତ | |
| ଉତ୍ସବ ପରିଚିତି | ୩୫ |
| ଆଶ୍ରମ ସନ୍ଦେଶ | ୪୬ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହଂ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର   ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ   ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ   ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା   ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



ଅଷ୍ଟାଙ୍ଗଯୋଗେନ ବିଭୂଷିତଂ ତନୁମ୍ ।
ତଂ ସାଧକଂ କ୍ଷେମମୟଂ ପ୍ରଭୁଂ ମମ ।।
ଲଭେଥ ଶାନ୍ତିଂ ମନସା ସ୍ମରନ୍ ସଦା ।
କୃତାଞ୍ଜଳିଃ ସନ୍ ପ୍ରଣମାମି କେଶବମ୍ ।।

## ମଙ୍ଗଳାଚରଣ

## ଶ୍ରୀପାଦପଦ୍ମ ବନ୍ଦନା

ଶ୍ରୀଗୁରୁ ଶ୍ରୀପାଦ ପରମପିତା ।
ଶ୍ରୀଗୁରୁ ଶ୍ରୀପାଦ ମୁକତି ଦାତା ।।
ଶ୍ରୀଗୁରୁ ଶ୍ରୀପାଦ ପରମଧାମ ।
ଶ୍ରୀଗୁରୁ ଶ୍ରୀପାଦେ କର ବିଶ୍ରାମ ।।
ଶ୍ରୀଗୁରୁ ଶ୍ରୀପାଦେ ଅହଲ୍ୟାନାରୀ ।
ଶ୍ରୀଗୁରୁ ଶ୍ରୀପାଦେ ହୋଇଲା ପାରି ।।
ଶ୍ରୀଗୁରୁ ଶ୍ରୀପାଦ ଉଦ୍ଧବ ଚିନ୍ତି ।
ଶ୍ରୀଗୁରୁ ଶ୍ରୀପାଦେ ଲଭିଲା ଶାନ୍ତି ।।
ଶ୍ରୀଗୁରୁ ଶ୍ରୀପାଦ ଚିନ୍ତି ଭରତ ।
ଶ୍ରୀଗୁରୁ ଶ୍ରୀପାଦେ ହେଲା ମୁକତ ।।
ଶ୍ରୀଗୁରୁ ଶ୍ରୀପାଦେ ବଳି ରାଜନ ।
ଶ୍ରୀଗୁରୁ ଶ୍ରୀପାଦ ଲାଭେ ଭାଜନ ।।
ଶ୍ରୀଗୁରୁ ଶ୍ରୀପାଦ ପିଉଷଧାରା ।
ଶ୍ରୀଗୁରୁ ଶ୍ରୀପାଦ ମୁକ୍ତି ପସରା ।।
ଶ୍ରୀଗୁରୁ ଶ୍ରୀପାଦ ସଦା ଅଭିନ୍ନ ।
ଶ୍ରୀଗୁରୁ ଶ୍ରୀପାଦେ ଦିଅହେ ଧାନ ।।



ଶ୍ରୀଗୁରୁ ଶ୍ରୀପାଦ ସଂସାରେ ସାର ।
ଶ୍ରୀଗୁରୁ ଶ୍ରୀପାଦ ବେଳହୁଁ ଧର ।।
ଶ୍ରୀଗୁରୁ ଶ୍ରୀପାଦେ କର କୀର୍ତ୍ତନ ।
ଶ୍ରୀଗୁରୁ ଶ୍ରୀପାଦ କର ବନ୍ଦନ ।।
ଶ୍ରୀଗୁରୁ ଶ୍ରୀପାଦ ଜ୍ଞାନସାଗର ।
ଶ୍ରୀଗୁରୁ ଶ୍ରୀପାଦ ଅମିୟଝର ।।
ଶ୍ରୀଗୁରୁ ଶ୍ରୀପାଦ ନୋହେ ଅଥୟ ।
ଶ୍ରୀଗୁରୁ ଶ୍ରୀପାଦେ ତରୀ ଲଗାଅ ।।
ଶ୍ରୀଗୁରୁ ଶ୍ରୀପାଦ ଆଶାର ଆଶା ।
ଶ୍ରୀଗୁରୁ ଶ୍ରୀପାଦେ କର ଭରସା ।।
ଶ୍ରୀଗୁରୁ ଶ୍ରୀପାଦେ ନେଲେ ଆଶ୍ରୟ ।
ଶ୍ରୀଗୁରୁ ଶ୍ରୀପାଦ ଦିଏ ଅଭୟ ।।
ଶ୍ରୀଗୁରୁ ଶ୍ରୀପାଦ ଅମୃତ ସିନ୍ଧୁ ।
ଶ୍ରୀଗୁରୁ ଶ୍ରୀପାଦ ଜୀବନ ବିନ୍ଦୁ ।।
ଶ୍ରୀଗୁରୁ ଶ୍ରୀପାଦ କଲେ ଦର୍ଶନ ।
ଶ୍ରୀଗୁରୁ ଶ୍ରୀପାଦ କାଟେ ବନ୍ଧନ ।।


ଶ୍ରୀଗୁରୁ ଶ୍ରୀପାଦ ଯୁଗ ଚରମ ।
ଶ୍ରୀଗୁରୁ ଶ୍ରୀପାଦେ କର ପ୍ରଣାମ ।।



# ସିଂହଦ୍ୱାର

## (୧)





ଆରେ ମନୁଆ ବାଇ,
ଶାରୀକୁ ନଚିହ୍ନି ପଞ୍ଜୁରୀକୁ ଅଛୁ ସଜାଇ ।
ଅନାହାରେ ଅଛି ଶାରୀ ଯିବ ଯେ ପଞ୍ଜୁରୀ ଛାଡ଼ି
ସଜାଡ଼ିବା ନିଶା ତୋର ଦେବ ଛିଣ୍ଡାଇ ....(୦)

କାମକ୍ରୋଧ ମାୟା ଲୋଭ ମୋହ ର ପଞ୍ଚପରାଣ
ପଞ୍ଚମନେ ବାଣ୍ଟିଦେଇ ଶାରୀ ହୋଇଛି ମଉନ
ପଞ୍ଚ ପବନକୁ ଧୀରେ ଅଛି ଖେଳାଇ ....(୧)

ନବଦ୍ୱାର ଅଛି ଫିଟି ଶାରୀ ରହିଛି ଓଲଟି
ଫିଟିଗଲେ ଦଶପଥ ଶାରୀ ନୋହିବ ଆୟତ୍ତ
ଶ୍ରୀଗୁରୁ ପୟର ସଦା ରହିଛି ଧାୟୀ ....(୨)



ସିଂହଦ୍ୱାର

# ଭଜନ

## (୨)

ଭଜରେ ମନ କେଶବ ଚରମଧାରୀ,
କେଶବ ନାମ ଭଜିଲେ ତୁହି ମହାପ୍ରଳୟୁ ହେବୁରେ ପାରି ।
ଭଜରେ ମନ କେଶବ ଚରମଧାରୀ ।।୦।।
କେଶବ ନାମ ଅଟେ ଚାରିଧାମ ସଙ୍କଟ ମୋଚନକାରୀ
ଶ୍ରୀଯଦୁନନ୍ଦନ ସୁକାନ୍ତି ତନୟ ମହୁରା ମାଧବ ହରି
ଭଜରେ ମନ .... ।।୧।।
ଅଣାକାରରୁ ଆକାର ନିରାକାରରୁ ସାକାର ଅବ୍ୟକ୍ତରୁ ବ୍ୟକ୍ତ ହୋଇ
ଯାଚିଦେଉଥାଇ ମୁକ୍ତି ମୋକ୍ଷ ସେହି କଳୁଷ ବିନାଶକାରୀ
ଭଜରେ ମନ .... ।।୨।।
ନୁହଁଇ ସେ କାଠ ନୁହଁଇ ପାଷାଣ କଥାକୁହା ଦିଅଁଟିଏ
ଭକ୍ତଙ୍କ ପାଇଁକି ପୂର୍ଣ୍ଣମୟ ବ୍ରହ୍ମ ଦୁଷ୍ଟଙ୍କ କାଳଯମପରି
ଭଜରେ ମନ .... ।।୩।।

## (୩)

ଭଜ ଅନନ୍ତ କେଶବ, ସନାତନ ।।୦।।
ଜପ ହରେରାମକୃଷ୍ଣ, ସତ୍ୟଧାମ ।।୧।।
ଜୟ ସୁଭଦ୍ରାବିମଳା, ଶକ୍ତିଧାମ ।।୨।।
ଜୟ ମାଧବ ମହେଶ, ମୁକ୍ତିଧାମ ।।୩।।
ଜୟ ଚତୁର୍ଦ୍ଧାମୂରତି, ପୂର୍ଣ୍ଣଧାମ ।।୪।।
ଜୟ ଚରମ ପରମ, ପାଦଧାମ ।।୫।।
ଜୟ ଅଗ୍ରଜ ଗୋବିନ୍ଦ, ଗୁରୁଧାମ ।।୬।।
ଜୟ କାରଣବାରଣ, ଗୁପ୍ତଧାମ ।।୭।।
ଭଜ ଅନନ୍ତକେଶବ, ସନାତନ ।।୦।।



# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଅବ୍ୟକ୍ତପୁରୁଷ ଆଜି ଆମ ଗହଣରେ ବ୍ୟକ୍ତ ହୋଇ ମଧ୍ୟ ଅବ୍ୟକ୍ତ ରହିଯାଉଛନ୍ତି । ଏହାହିଁ ଆମ୍ଭମାନଙ୍କ ପାଇଁ ଆମ କର୍ମର ବିଡ଼ମ୍ବନା, ଆମ ଭାଗ୍ୟର ଉପହାସ । ତା' ନୁହେଁ ତ ଆଉ କ'ଣ ? ଆମ୍ଭେମାନେ ଠାକୁରଙ୍କୁ ଚିହ୍ନୁଛୁ ତାଙ୍କ ଶରୀରରୁ, ଜାଣୁଛୁ ତାଙ୍କ ନାମରୁ, ପୂଜୁଛୁ ତାଙ୍କ ବିଗ୍ରହକୁ, ପାଦୁକାକୁ । ଏହା ନା ଆଉ କ'ଣ ? ତାଙ୍କର ଆପାଦମସ୍ତକ ରକ୍ତମାଂସର ସ୍ଥୂଳ ଦେହକୁ ଦର୍ଶନ କରୁଛୁ, ପରିତୃପ୍ତ ହେଉଛୁ । କିନ୍ତୁ ଭୁଲି ଯାଉଛୁ, ଏ ଦେହ ସବୁଦିନକୁ ରହିବ ନାହିଁ, ରହି ନାହିଁ କାହାରି, ରହେ ନାହିଁ । ତେବେ କ'ଣ ଠାକୁରେ ରହିବେନି ? କୁଆଡ଼େ ଯିବେ ଠାକୁରେ ? ବାମନ, ନୃସିଂହ, ରାମ, କୃଷ୍ଣ, ବଳରାମ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ଆଦି କୁଆଡ଼େ ଗଲେ ? ହାୟ ହାୟରେ, ଦୁର୍ଭାଗା ମଣିଷ ! ହାୟ ହାୟରେ, ଅଜ୍ଞାନ ମଣିଷ, ହାୟ ହାୟରେ ଅହଂକାରୀ ମଣିଷ !! ଅନେକ ସମୟରେ ତୁମ୍ଭମାନଙ୍କର ଏପରି ବିଚାର ବୁଦ୍ଧି ଓ ଅହଂକାର ଦେଖି କ୍ରୋଧ ଜନ୍ମେ ସତ, ମାତ୍ର ବେଳେବେଳେ ତୁମ୍ଭମାନଙ୍କର ଏପରି ପିଲାଳିଆମି ପାଇଁ ଦୟା ବି ହୁଏ ।

ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କର ଦଉଡ଼ ଏତିକି ପର୍ଯ୍ୟନ୍ତ ହୋଇଛି । ସାମାନ୍ୟ, ନଗଣ୍ୟ, ଅତି ସାମାନ୍ୟ ଭୌତିକ ପ୍ରାପ୍ତି ପାଇଁ ଆମର ଲିପ୍ସାର ଅନ୍ତ ନାହିଁ । ଅଭୀପ୍ସା ଆମର ଆତ୍ମକୈନ୍ଦ୍ରିକ । ଆମ ସ୍ତ୍ରୀ ପୁତ୍ରକନ୍ୟା, ଆମ ପରିବାର, ଆମ ଘରଦ୍ୱାର, ଆମ ଜମିଜମାକୁ ହିଁ ଆମେ ଆମର ବୋଲି ମନେ କରିଥାଉଁ । ଆଉ ଆମର ଯାହା ନୁହେଁ ? ସେ ନିଶ୍ଚୟ ଆମର ପର, ଆପଣାର ନୁହେଁ, ନିଶ୍ଚୟ । ନୁହେଁକି ? ଛାତିରେ ହାତ ରଖି ରାଣନିୟମ ଖାଇ କହିଲ ଶୁଣିବା, ଆମ ଭିତରୁ କେତେ ଜଣ ଠାକୁରଙ୍କୁ ଆମର ବୋଲି ମନେ କରୁ ? ଯଦି ତାଙ୍କୁ ଆମର ବୋଲି ମନେକରୁ, ତେବେ ତାଙ୍କୁ ଆମ ପରିବାରଭୁକ୍ତ କରିପାରିଛୁ କି ? ଯଦି କରି ପାରିଛୁ-ତେବେ ଆମ ସ୍ତ୍ରୀ, ପୁତ୍ର, କନ୍ୟା, ବାପାମା', ଭାଇବନ୍ଧୁଙ୍କ ପାଇଁ ଜୀବନରେ କେବେ ଯଦି କିଛି କରିଥାଉ, ଠାକୁରଙ୍କ ପାଇଁ ତହିଁର କଣିକାଏ କରିଛୁ କି ? ଯଦି କରିନାହୁଁ, ତେବେ କବିବର ରାଧାନାଥ ରାୟଙ୍କର ଏହି କବିତା ପଙ୍କ୍ତିକୁ ମନେମନେ ବୀଜମନ୍ତ୍ର ପରି ମାନସ ଜପ କରିବା ଉଚିତ-

**'ସଲିଳ ନ ସିଞ୍ଚି ତୁଚ୍ଛା ଦଣ୍ଡବତ । କରିବାକୁଛନ୍ତି ଲୋକ ଶତଶତ ।।'**

ମନେ ରଖିବାକୁ ହେବ, ଆଜି ପର୍ଯ୍ୟନ୍ତ ଆମ୍ଭେମାନେ ଗୁରୁଗ୍ରହଣ କରି କେବଳ ତୁଚ୍ଛା ଭାଣ୍ଡାମି ଓ ବାକ୍‌ବିତଣ୍ଡା କରି ଚାଲିଛୁ । ଶୁଣିଲି, ଠାକୁରେ ଆସିବେ ବୋଲି କଲିକତାରୁ ଫୁଲ ଅଣାଯାଇ ଶାଖାଗୃହ ସୁସଜ୍ଜିତ କରାଯାଇଥିଲା । ଏହାର ଅର୍ଥ, ଶାଖାରେ ଠାକୁରଙ୍କର ଶ୍ରୀପାଦପଦ୍ମ ଭୂଷଣ ଶ୍ରୀପାଦୁକା ପୂଜାର୍ଚ୍ଚିତ ହେଉଥିଲେ ମଧ୍ୟ ଆମର ବିଶ୍ୱାସ ଠାକୁରେ ଶାଖାରେ ନାହାନ୍ତି, ମାହାଙ୍ଗାରେ ଅଛନ୍ତି । ଏତିକି ପର୍ଯ୍ୟନ୍ତ ହିଁ ଆମର ସାଧନାର ଗତି, ଏତିକି ହିଁ ଆମର ସିଦ୍ଧି । ମୁହଁରେ କିନ୍ତୁ ଆମର ଅବ୍ୟକ୍ତ ବିନ୍ଦୁ ସେପାରିର ଜ୍ଞାନ ପ୍ରବଚନ, ଚରମ ସମ୍ଭାଷଣ ଇତ୍ୟାଦି ଇତ୍ୟାଦି କେତେ କ'ଣ କଥାର ତରଙ୍ଗ ।

ଆରେ, ପୋଥିପୁରାଣ, ଚରମ ଇତ୍ୟାଦି ପଢ଼ିଲେ 'ଶିକ୍ଷା' ଲାଭହୁଏ । ଅଭିଜ୍ଞତା ତଥା ପ୍ରଭୁଙ୍କ ଦୟାରୁ ସ୍ୱତଃ 'ଜ୍ଞାନ' ଲାଭହୁଏ । **ବେଦବେଦାନ୍ତ ଓ ଚରମ ଶାସ୍ତ୍ର ଅଧ୍ୟୟନ ଠିକ୍‌ରୂପେ କରି ଠିକ୍ ଭାବରେ ବୁଝି**

**ଜୀବନଯାତ୍ରା ପଥରେ ପାଦେପାଦେ କାମରେ ଲଗାଇଲେ ମୁକ୍ତିର ମାର୍ଗ 'ବିଦ୍ୟା' ଲାଭ ହୁଏ । 'ସା ବିଦ୍ୟା ଯା ବିମୁକ୍ତୟେ' । ଯାହା ସକଳ ବନ୍ଧନରୁ ଏ ଜୀବକୁ ମୁକ୍ତ କରି ଚରମପ୍ରାପ୍ତି କରାଏ, ତାହା ହିଁ ବିଦ୍ୟା । ମୁକ୍ତି ନାହିଁ ତ ଚରମପ୍ରାପ୍ତି ନାହିଁ । ମୃତ୍ୟୁ ପରେ ମୁକ୍ତି କିମ୍ବା ଚରମପ୍ରାପ୍ତିରେ ନରପିଶାଚ ମାନେ ବିଶ୍ୱାସ କରିପାରନ୍ତି । ମାତ୍ର ଆମର ଦୃଢ଼ ବିଶ୍ୱାସ-ଏ ଜନ୍ମରେ, ଏ ଜୀବନରେ, ମୃତ୍ୟୁର ବହୁପୂର୍ବରୁ ଚରମପ୍ରାପ୍ତି ହୁଏ- ଏହି ଚରମ ପ୍ରାପ୍ତି ହିଁ ଆମର ପରମ ଲକ୍ଷ୍ୟ ।**

ଆଜି ଆମ୍ଭେମାନେ କରୁଛୁ କ'ଣ ? କ'ଣ କରି ପାରିଛୁ ଆଜି ପର୍ଯ୍ୟନ୍ତ ? ଧାରାଧରି, ସନ୍ଦେଶପତ୍ର ନେଇ, ଗୁରୁ ଗ୍ରହଣ କରି ଅତିବେଶୀରେ ସକାଳେ ସଂଧ୍ୟାରେ ଯନ୍ତ୍ରଚାଳିତ ପରି ଧ୍ୟାନପ୍ରାର୍ଥନା କରିବା, ଧୂପଦୀପଦେବା, ଫୁଲ ଚନ୍ଦନ ଓ ତୁଳସୀ ଏବଂ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବାରେ ଆମର ସାଧନା ସୀମିତ । ଦଶମୋଦକରୁ ଏ ପର୍ଯ୍ୟନ୍ତ ଗୋଟିଏ ମୋଦକ ମଧ୍ୟ ଆମେ ଭୁଞ୍ଜି ପାରି ନାହୁଁ । ଧାରା ଧରିବା ପୂର୍ବରୁ ଆମେ ଯାହାଥିଲୁ, ଆଜି ବି ଆମେ ସେଇୟା । ଯଥା ପୂର୍ବଂ ତଥା ପରଂ । ତେବେ ହେଲା କ'ଣ ? କି ଲାଭ ମିଳିଲା ? କି ଲାଭ ବା ମିଳିବ ଆଗକୁ ? କାମ, କ୍ରୋଧ, ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା, ପରକୁତ୍ସା, ପରନିନ୍ଦା, ଲଜ୍ଜା, ଘୃଣା, ଭୟ, ସଂକୋଚ, କୁଣ୍ଠାଦି ଆମ ଭିତରେ ଦୃଢ଼ ବସା ବାନ୍ଧି ରହିଛନ୍ତି । ମୋଦକରୁ ଯେଉଁ ମୋଦ ବା ଆନନ୍ଦ ମିଳେ, ତାହା ଆମ୍ଭମାନଙ୍କୁ ମିଳିବ ବା କେଉଁଠୁ ?

**ତେଣୁ ଆମର କହିବାର ତାତ୍ପର୍ଯ୍ୟ ହେଉଛି- ଠାକୁରେ ଆମ ପାଖରେ ବ୍ୟକ୍ତ ହୋଇ ମଧ୍ୟ ଅବ୍ୟକ୍ତ ହୋଇ ରହି ଯାଉଛନ୍ତି । ଠାକୁରେ ଆମ ପାଇଁ କେବଳ ତୁଚ୍ଛା ରକ୍ତ ମାଂସର ନଶ୍ୱର ଆପାଦମସ୍ତକ ଗୋଟିଏ ନରଶରୀର-ମଣିଷଟିଏ ମାତ୍ର । ଠାକୁରେ ଆମ ପାଇଁ କେବଳ ମାତ୍ର କେଶବ । ବାସ୍, ଏତିକିରେ ଆମର ଠାକୁରଙ୍କୁ ଜାଣିବା, ଚିହ୍ନିବା ଇତ୍ୟାଦି ସବୁ ଶେଷ । ଏହାହିଁ ଆମର ଚରମ ପ୍ରାପ୍ତି । ଚରମ ଜ୍ଞାନ !! ମନେରଖ-ଠାକୁରଙ୍କ ସ୍ଥୂଳ ଶରୀର ମଧ୍ୟସ୍ଥ କୋଟିଏ ସୂର୍ଯ୍ୟର ତେଜସ୍କର ଜ୍ୟୋତିଃ ହିଁ ବ୍ରହ୍ମ । ସେହି ବ୍ରହ୍ମାନୁଭୂତି ପାଇଁ ସାଧନା ଅବ୍ୟାହତ ରଖ । ମନେରଖ-ଠାକୁରଙ୍କ ନାମ କେବଳ ଗୋଟିଏ-ସଚ୍ଚିଦାନନ୍ଦ-ସତ୍ (ସତ୍ୟ), ଚିତ୍ (ଜ୍ଞାନ) ଏବଂ ଆନନ୍ଦ (ଶାନ୍ତି) ।** ଯଦି ତୁମ ଠାରେ ସତ୍ୟ ନାହିଁ, ଜ୍ଞାନ ନାହିଁ କିମ୍ବା ଶାନ୍ତି ନାହିଁ, ତେବେ ତୁମ ପାଖରେ କଦାପି ଠାକୁରେ ନାହାନ୍ତି ।

ଶ୍ରୀ କେଶବ ସମର୍ପଣମସ୍ତୁ !!!
ଅଳମତି ବିସ୍ତରେଣ ! ଓମିତି ନମସ୍କାରାନ୍ତେ-
ବିନୀତ, କେଶବଦାସ ।
**ସଂପାଦକ,**
**'ଚରମ' ।**

ଭଣିତା କରିଲୁ ଗଣିକା ପଣେ
ଦେଶ-ଦଶରେ ତ ନହେଲୁ ଜଣେ
ତୋ ପରି ଅଛନ୍ତି ମୋ ପାଣେ ପଣେ
ସ୍ୱର୍ଗଛିଡ଼ା ବୋଲି କିଏ ସେ ଗଣେ,
ସନମାନ କିଆଁ ଲୋଡୁ ?
ଚିଆଁ ଲାଗିଲାଣି ନିଦ ଭାଙ୍ଗୁନାହିଁ ବୃଥାରେ ଭ୍ରମରେ ପଡୁ ।।

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## ମଣିଷ ଅନ୍ୱେଷଣ

ବେଦଠାରୁ ଆରମ୍ଭ କରି ବାଇବେଲ୍ ପର୍ଯ୍ୟନ୍ତ, କୋରାନ୍ ଠାରୁ ଆରମ୍ଭ କରି ଚରମ ପର୍ଯ୍ୟନ୍ତ ସବୁଠି ମଣିଷର ଅନ୍ୱେଷଣ ଓ ଅନୁସନ୍ଧାନ କରାଯାଇଛି, ଆଜି ମଧ୍ୟ କରାଯାଉଛି । ପାପପଙ୍କିଳ ସମାଜରେ ମଣିଷ ପରି ମଣିଷଟିଏ କାହିଁ କେଉଁ ଆଦିମକାଳରୁ ଖୋଜା ଚାଲିଛି । ଯେପରି କୋଇଲା ଖଣିରୁ ହୀରା, ପଙ୍କରୁ ପଦ୍ମ, ଶାମୁକାରୁ ମୁକ୍ତା ଖୋଜା ଯାଉଛି । ସୃଷ୍ଟି ଆରମ୍ଭରେ ପୃଥିବୀଧାମରେ ମଣିଷ ଭିତରେ ଘୃଣା, ଲଜ୍ଜା, ଭୟ, ହିଂସା, ଦ୍ୱେଷ, ଈର୍ଷା ଇତ୍ୟାଦି ଅମାନବୀୟ ଗୁଣ ସମୂହ ପ୍ରକୃତରେ ଆଦୌ ନ ଥିଲା । ମଣିଷ ପ୍ରକୃତରେ ଅମୃତର ସନ୍ତାନ, ଦେବଶିଶୁ ହୋଇ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲା । ସେ ସମୟରୁ ବହୁକାଳ ପର୍ଯ୍ୟନ୍ତ ମଣିଷ ପ୍ରକୃତ ଅର୍ଥରେ ନିଷ୍ପାପ ଥିଲା । କୁକର୍ମରେ ଜଡ଼ିତ ନ ଥିଲା । କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ଓ ମଦ ଇତ୍ୟାଦି ରିପୁ ତା' ସହିତ ଶତ୍ରୁତା ଆଚରଣ ନ କରି ତା'ର ବିଶ୍ୱସ୍ତ ସେବକ ଓ ଭୃତ୍ୟ ଭଳି ପରିମିତ ବ୍ୟବହାର ପ୍ରଦର୍ଶନ କରିଥିଲେ । ଅଭିଜ୍ଞତା ଓ ଅପରୋକ୍ଷ ଅନୁଭୂତିରୁ ମଣିଷ ହୃଦୟରେ ସ୍ୱତଃ ଦିବ୍ୟଜ୍ଞାନ ଉଦୟ ହେବାକୁ ଲାଗିଲା । ତାହା ଦେଖି ଓ ଜାଣି ପରମବ୍ରହ୍ମ ଚରମ ପୁରୁଷ ପରମ ସନ୍ତୋଷ ଲାଭ କରି ତା'କୁ ଦୟା କରିବାକୁ ଲାଗିଲେ । ତାଙ୍କର ସଦୟ କୃପାରୁ ମଣିଷ ଠାରେ କ୍ରମଶଃ ଅଧିକରୁ ଅଧିକ ଦିବ୍ୟଜ୍ଞାନ ଉଦୟ ହେଲା । ଏଥିରେ ପରମ ସନ୍ତୋଷ ଲାଭ କରି ଚରମ ପୁରୁଷ ମଣିଷକୁ ନିଜ ଇଚ୍ଛା ଅନୁସାରେ ଗଠନ କରିବା ପ୍ରୟାସରେ ପ୍ରକ୍ରିୟା ଆରମ୍ଭ କଲେ । ଫଳତଃ ମଣିଷ ଠାରେ କ୍ରମଶଃ ପ୍ରେମ, ସ୍ନେହ, ଶ୍ରଦ୍ଧା, ମମତା, ଭକ୍ତି, କ୍ଷମା, ଦୟା, ଅନୁକମ୍ପା, ଧର୍ମ, ସତ୍ୟ, ଶାନ୍ତି, ସନ୍ତୋଷ, ପ୍ରଶଂସା, ଶକ୍ତି ଇତ୍ୟାଦି ସକଳ ଦୈବୀଗୁଣ ଗୋଟିଏ ପରେ ଗୋଟିଏ ଶତଦଳ ସୁଗନ୍ଧ ପଦ୍ମ ସଦୃଶ ବିକଶିତ ହେବାକୁ ଆରମ୍ଭ କଲା । ବହୁକାଳ ଧରି ମଣିଷ ପାଇଁ ଏହି ଦିବ୍ୟ ସ୍ୱର୍ଣ୍ଣଯୁଗ ପୃଥିବୀପୃଷ୍ଠରେ ବିରାଜି ଥିଲା ।

କିନ୍ତୁ ଏହି ଦିବ୍ୟ ସ୍ୱର୍ଣ୍ଣଯୁଗର ଅବକ୍ଷୟ ପ୍ରକ୍ରିୟାରେ ମଣିଷ ସ୍ୱତଃ କ୍ରିୟାଶୀଳ ହେଲା । କାଳର ଗତି ସବୁକାଳରେ କୁଟିଳ । କାଳଚକ୍ରର କୁଟିଳ ଗତିର ପ୍ରଭାବରୁ ମଣିଷ ଅଧିକ କାଳ ନିଜକୁ ମୁକ୍ତ କରି ରଖିବାକୁ ଅକ୍ଷମ, ଅଶକ୍ତ ଓ ଅସମର୍ଥ ହେବାକୁ ବାଧ୍ୟ ହେଲା । ସରଳତା ପରିବର୍ତ୍ତେ କୁଟିଳତା ମଣିଷର ଅନ୍ତଃକରଣକୁ କ୍ରମଶଃ ପ୍ରବେଶ କରି ଦୃଢ଼ ସ୍ଥିତିରେ ଆସନ ଜମେଇ ବସିବାକୁ ଲାଗିଲା । ଫଳରେ ମଣିଷ ହୃଦୟରୁ ଦୟା, କ୍ଷମା, ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା, ଭକ୍ତି, ଶାନ୍ତି, ଶକ୍ତି, ସତ୍ୟ, ଧର୍ମ ଇତ୍ୟାଦି ସ୍ୱର୍ଗୀୟ ଦିବ୍ୟଗୁଣ ଗୋଟିଏ ପରେ ଗୋଟିଏ କ୍ରମଶଃ ଅପସାରିତ ହେବାକୁ ଆରମ୍ଭ କଲା ଓ ସେସବୁ ସ୍ଥାନ ପ୍ରାକୃତିକ ପ୍ରକ୍ରିୟା ଓ ସୃଷ୍ଟି ଚକ୍ରର ନିୟମ ଅନୁସାରେ ଶୂନ୍ୟ ନ ରହି ସେଠାରେ ଘୃଣା, ଲଜ୍ଜା, ଭୟ, କୁତ୍ସା, ହିଂସା, ଦ୍ୱେଷ, ଈର୍ଷା, କାମ, କ୍ରୋଧ, ଲୋଭ, ମୋହ, ମଦ, ଅହଂକାର, କପଟତା, ଛଳନା, ମିଥ୍ୟାଚାର ଆଦି ଆସୁରିକ ଗୁଣ ସକଳ ଦ୍ୱାରା କ୍ରମଶଃ ପରିପୂର୍ଣ୍ଣ ହେବାକୁ ଲାଗିଲା । ଅମୃତର ସନ୍ତାନ ଏହି ମଣିଷ ସକଳ ଦିବ୍ୟଗୁଣ ହରାଇ ଦେବଶିଶୁ ପରିବର୍ତ୍ତେ ଅସୁର ଓ ପଶୁରେ ରୂପାନ୍ତରିତ ହେଲା । ମଣିଷ ଦେହରେ ଆଉ ଦିବ୍ୟଜ୍ଞାନର ଉଦୟ ହେଲା ନାହିଁ । ପରମବ୍ରହ୍ମ ଚରମପୁରୁଷଙ୍କର ଅପାର ଦୟା ଓ କୃପାରୁ ମଣିଷ ବଞ୍ଚିତ ହେଲା । ନିଜଇଚ୍ଛା ଅନୁସାରେ ସେ ମଣିଷକୁ ଗଠନ କରିବା ପାଇଁ ଶତ ସହସ୍ର ଚେଷ୍ଟା କଲେ ମଧ୍ୟ ମଣିଷର କର୍ମଫଳ ଓ ଫଳ ଭୋଗ ହେତୁ ସେ ସଫଳ ନ ହୋଇ ବାରମ୍ବାର ବିଫଳ

ହେଲେ, ଆଜି ମଧ୍ୟ ସେ ବିଫଳ । ହତଭାଗ୍ୟ ମଣିଷ ଆପଣାର କୃତକର୍ମର ଫଳ ଭୋଗ କରି ଚାଲିଛି ଯୁଗଯୁଗ ପାଇଁ, ଜନ୍ମଜନ୍ମାନ୍ତର ପାଇଁ । ମଣିଷ ଜାତିକୁ ମାର୍ଗ ପ୍ରଦର୍ଶନ କରିବା ଇଚ୍ଛାରେ ପ୍ରଭୁ ଯୁଗେ ଯୁଗେ ଏହି ଧରାଧାମରେ ସମ୍ଭବି ଲୀଳା ରଚନା କରିଅଛନ୍ତି । ହେଲେ, ହୋଇଛି କ'ଣ ?

ମଣିଷ ଦେହ ଧରି ମଣିଷ ମଣିଷତ୍ୱ ହରାଇ ବସିଛି । ମଣିଷ ଦେହଧରି ମଣିଷ ସତରେ ଅସୁର, ପଶୁ, ସରୀସୃପ ହୋଇ ଯାଇଛି । ତେଣୁ ମଣିଷ ଭିତରୁ ମଣିଷଟିଏ ଅନ୍ୱେଷଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ମଣିଷ ପରି ମଣିଷଟିଏ କୋଟିଏରେ ଗୋଟିଏ ଆଜି ଦୁର୍ଲ୍ଲଭ । ଦୁର୍ଲ୍ଲଭ ଆଜି ମଣିଷ ଠାରେ ପ୍ରେମ, ପ୍ରୀତି, ସ୍ନେହ, ମମତା, ଶ୍ରଦ୍ଧା, ଭକ୍ତି, ଶକ୍ତି, ସାମର୍ଥ୍ୟ, ଶାନ୍ତି, ସନ୍ତୋଷ, ସରଳତା, ସହିଷ୍ଣୁତା । କିନ୍ତୁ ସର୍ବଥା ଓ ସର୍ବଦା ସୁଲଭ ହୋଇଛି ଛଳନା, କପଟତା, ମିଥ୍ୟାଚାର, ଅହଂକାର, ଆତ୍ମବଡ଼ିମା, ଆତ୍ମପ୍ରଶଂସା, କାମକ୍ରୋଧ, ଲୋଭମୋହ, ମଦ ମାତ୍ସର୍ଯ୍ୟ, ହିଂସାଦ୍ୱେଷ, ଈର୍ଷା ପରଶ୍ରୀକାତରତା, ପରକୁତ୍ସା, ପରନିନ୍ଦା । ଫଳରେ ଧର୍ମ ସ୍ୱତଃ ସଂକୁଚିତ ଅବସ୍ଥାରେ ଧରାପୃଷ୍ଠରେ କାହିଁ କେଉଁ ଅଜଣା ଅଦେଖା ଅଶୁଣା ଅନ୍ଧାରୀ ଗୁମ୍ଫାରେ କାଳଚକ୍ରର ନିର୍ଦ୍ଦେଶରେ ଆତ୍ମଗୋପନ କରି ରହିଛି । ଧର୍ମତତ୍ତ୍ୱକୁ ଗୁହା ମଧ୍ୟରେ ନିହିତ କରି ପ୍ରଭୁ ମହାପୁରୁଷମାନଙ୍କୁ ବିଭିନ୍ନ ସମୟରେ ମାର୍ଗ ପ୍ରଦର୍ଶନ କରାଇବା ପାଇଁ ଧରାଧାମକୁ ମଣିଷମାନଙ୍କ ଗହଣକୁ ପଠାଇଛନ୍ତି । ମାତ୍ର ହତଭାଗା ମଣିଷ ମୋହାସକ୍ତ ଓ ମଦାନ୍ଧ ହୋଇ ସେମାନଙ୍କୁ ଆପଣାର ପରମହିତୈଷୀ ବନ୍ଧୁ ଭାବରେ ଗ୍ରହଣ ନ କରି ଜଘନ୍ୟ ଶତ୍ରୁ ମନେକରି ଯୁଗେଯୁଗେ, କାଳେକାଳେ ନିଷ୍ଠୁର ନିର୍ଯାତନା ଦେଇ ସ୍ୱାର୍ଥସିଦ୍ଧି ପଥରେ ଦ୍ରୁତଗତିରେ ଅଗ୍ରସର ହୋଇ ନିଜକୁ ବୁଦ୍ଧିମାନ ମନେ କରି ଆତ୍ମସନ୍ତୋଷ ଲାଭ କରିଛି । ମହାପୁରୁଷ ଓ ଅବତାରମାନଙ୍କର ଧରାପୃଷ୍ଠରେ ଅବତୀର୍ଣ୍ଣ ହେବାର ଉଦ୍ଦେଶ୍ୟ ବ୍ୟର୍ଥ ଓ ନିଷ୍ଫଳ ହୋଇଛି ବହୁକ୍ଷେତ୍ରରେ, ବହୁମାତ୍ରାରେ । ସେମାନଙ୍କୁ ଅନୁସରଣ କରି ଆତ୍ମସ୍ୱାର୍ଥ ସିଦ୍ଧି ପରି ହୀନ ପ୍ରୟାସରୁ ବିଚ୍ୟୁତ ହେବା ପାଇଁ ସ୍ୱାର୍ଥାନ୍ୱେଷୀ ମଣିଷ କୁଣ୍ଠିତ ହୋଇଛି । କାଳର ଗତି ଏହିପରି କୁଟିଳ ।

କେବଳ ମଣିଷ ପରି ମଣିଷଟିଏ ଖୋଜିବା ପାଇଁ ପରଂବ୍ରହ୍ମ ଚରମ ପୁରୁଷ ଅବ୍ୟକ୍ତ ବିନ୍ଦୁରୁ ଓହ୍ଲାଇ ଆସି ବ୍ୟକ୍ତ ହୋଇ ବ୍ୟକ୍ତି ବିଶେଷର ରୂପ ଓ ନାମ, ଗୁଣ ଓ କର୍ମ ଗ୍ରହଣ କରିଛନ୍ତି ସାଦର ଅଭିପ୍ରାୟରେ । ଅବ୍ୟକ୍ତ, ଅରୂପ, ଅନାମ, ନିର୍ଗୁଣ ଓ ନିଷ୍କ୍ରିୟ ବ୍ରହ୍ମ ସ୍ୱରୂପ ବ୍ୟକ୍ତ ହୋଇ ମଧ୍ୟ ଆଦି ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ସାଦର ଆଗ୍ରହରେ ତାଙ୍କର ପ୍ରିୟ ସନ୍ତାନଟିଏ ଖୋଜି ଚାଲିଛନ୍ତି ସତ, ମାତ୍ର ଏ ଯାବତ୍ ବହୁ ଭାବରେ ବ୍ୟର୍ଥ ହୋଇଛନ୍ତି କହିଲେ ସତ୍ୟର ଅପଳାପ ହେବ ନାହିଁ । ଏକଥା ସତ୍ୟ ଯେ, ନିଜ ଇଚ୍ଛା ଅନୁସାରେ ସେ ଏ ମଣିଷକୁ ଗଠନ କରିବାକୁ ସର୍ବଥା ଓ ସର୍ବଦା ଇଚ୍ଛାକରି ମଧ୍ୟ ସଫଳକାମ ହୋଇ ପାରିନାହାନ୍ତି । ବିଫଳ ହୋଇଛନ୍ତି ପ୍ରଚୁର । ତାଙ୍କର ସକଳ ପ୍ରୟାସ ନିଷ୍ଫଳ ହୋଇଛି । ହୀନ ସ୍ୱାର୍ଥସିଦ୍ଧିର ଗ୍ରନ୍ଥି ଓ ବିଷୟା ବିଷର ବନ୍ଧନ ମଣିଷକୁ ଦୃଢ଼ ଭାବରେ ବନ୍ଧନ କରିଛି । ଏପରି କ୍ଷେତ୍ରରେ ଚିନ୍ତା କରି ଥରେ ଦେଖ-'ଆମର ଲକ୍ଷ୍ୟ: ଚରମ ପ୍ରାପ୍ତି'- ସମ୍ଭବ ହେବ କିପରି ? ଆମ୍ଭେମାନେ ଆମ୍ଭମାନଙ୍କର ପରମ ଲକ୍ଷ୍ୟ ଚରମ ପ୍ରାପ୍ତିରେ ସଫଳ ହେବୁ ପୁଣି କିପରି ?

ହୀନ ସ୍ୱାର୍ଥବୁଦ୍ଧି ଓ ବିଷୟାବିଷର ଦୃଢ଼ବନ୍ଧନରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ମୁକ୍ତି ନାହିଁ, ଏବଂ ମୁକ୍ତି ଲାଭ ନ କଲେ ଚରମପ୍ରାପ୍ତି ମଧ୍ୟ ସମ୍ଭବ ନୁହେଁ । ମନେରଖିବାକୁ ହେବ ଯେ, ସ୍ୱାର୍ଥ ବୁଦ୍ଧି ଓ ବିଷୟାବିଷ ଆମକୁ ଜାବୋଡ଼ି ଧରି ନାହିଁ, ବରଂ ବହୁଭାବରେ ଆମ୍ଭେମାନେ ନିଜେ ନିଜେ ହିଁ ଏସବୁକୁ ଜାବୋଡ଼ି ଧରି ରଖିଛୁ । ବଡ଼ ସୁନ୍ଦର ଓ ମନୋଜ୍ଞ ଭାବରେ ପରମହଂସ ଶ୍ରୀରାମକୃଷ୍ଣଦେବ ଏହି କଥା ବୁଝାଇ ଦେଇ ଯାଇଛନ୍ତି । ଥରେ ଜଣେ ଲୋକ

ଶ୍ରୀରାମକୃଷ୍ଣଙ୍କୁ ସାକ୍ଷାତ୍ ଆଲୋଚନା କାଳରେ କହିଲେ, ''ଆଜ୍ଞା, ମୋତେ ଏ ଘର ସଂସାର ଓ ବିଷୟ ସମ୍ପତ୍ତି ଏମିତି ଜୋର୍‌ରେ ଧରି ରଖିଛି ଯେ, ମୁଁ ଶତଚେଷ୍ଟା କରି ମଧ ତହିଁରୁ ମୁକୁଳି ପାରୁ ନାହିଁ । କ'ଣ କିପରି କଲେ ମୁଁ ଏ ବିଷୟବନ୍ଧନରୁ ମୁକ୍ତି ପାଇ ପାରିବି ଦୟାକରି ଆପଣ ମୋତେ ବତାଇ ଦିଅନ୍ତୁ । ମୁଁ ରକ୍ଷା ପାଇଯାଏ ।'' ଏ କଥା ଶୁଣି ପରମହଂସ ଦେବ ନିଜ ଆସନରୁ ଉଠି ଦ୍ରୁତ ପଦକ୍ଷେପରେ ନିକଟରେ ଥିବା ଗୋଟିଏ ଗଛ ପାଖକୁ ଯାଇ ଗଛଟିର ଗଣ୍ଡିକୁ ଦୁଇହାତରେ କୁଣ୍ଢେଇ ଧରି ଚିତ୍କାର କରିବାକୁ ଲାଗିଲେ- 'ଆହେ ଦେଖହେ, ଏ ଗଛଟା କିପରି ମୋତେ ଜୋରରେ ଜାବୋଡ଼ି ଧରି ରଖିଛି । ମୁଁ ଶତଚେଷ୍ଟା କରି ମଧ ଏହା କବଳରୁ ମୁକୁଳି ଖସି ଯାଇ ପାରୁନି । ଆହେ, ଶୀଘ୍ର ଶୀଘ୍ର ଧାଇଁ ଆସ ହେ ! ମୋତେ ଗଛ କବଳରୁ ମୁକୁଳାଇ ରକ୍ଷା କର ହେ ।' ସେ ଲୋକ ଜଣକ ରାମକୃଷ୍ଣଦେବଙ୍କର ଏପରି ଆଚରଣରେ ଆଶ୍ଚର୍ଯ୍ୟ ଚକିତ ହୋଇ ତାଙ୍କ ନିକଟକୁ ଯାଇ କହିଲେ, 'ଆଜ୍ଞା, ଆପଣ ଏକ'ଣ କହୁଛନ୍ତି ? ମୁଁ ତ ବେଶ୍ ସ୍ପଷ୍ଟଭାବରେ ଦେଖି ପାରୁଛି ଯେ ଗଛଟାର କିଛି ଭୁଲ ନାହିଁ । ଭୁଲ କରୁଛନ୍ତି ଆପଣ ନିଜେ । ଗଛଟା ତ ଆପଣଙ୍କୁ ଜାବୋଡ଼ି ଧରି ରଖି ନାହିଁ, ବରଂ ଆପଣ ନିଜେ ନିଜର ସମସ୍ତ ଶକ୍ତି ଖଟେଇ ଦୁଇ ହାତରେ ଗଛର ଗଣ୍ଡିକୁ ଖୁବ୍ ଜୋର୍‌ରେ କୁଣ୍ଢେଇ ଧରି ରଖିଛନ୍ତି ।' ଏକଥା ଶୁଣି ରାମକୃଷ୍ଣ ଗଛଟିକୁ ଛାଡ଼ି ଦେଇ ଲୋକକୁ କହିଲେ- 'ଏହି କିଛି ସମୟ ପୂର୍ବରୁ ତୁ କହୁଥିଲୁ ନା ତୋର ଘରସଂସାର ଓ ବିଷୟ ସମ୍ପତ୍ତି ତୋତେ ଏତେ ଜୋର୍‌ରେ ଜାବୋଡ଼ି ଧରି ରଖିଛି ଯେ, ତୁ ଯେତେ ଚେଷ୍ଟା କଲେ ମଧ ତହିଁରୁ ମୁକୁଳି ପାରୁନାହୁଁ ?' ପରମହଂସ ରାମକୃଷ୍ଣଦେବଙ୍କର ଏପରି ଆଚରଣ ଓ ଉଚ୍ଚାରଣରୁ ସେ ଲୋକ ଜଣକ ସତ୍‌ଶିକ୍ଷା ଲାଭ କରି ତୁଚ୍ଛ ଘରସଂସାର ଓ ବିଷୟ ସମ୍ପତ୍ତିର ମୋହ ସର୍ବାଦୌ ତ୍ୟାଗ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଓ ସାଧନ ମାର୍ଗରେ ଅଗ୍ରସର ହୋଇ ଆଧାତ୍ମିକ ସମ୍ପତ୍ତିର ଅଧିକାରୀ ହୋଇପାରିଥିଲେ ।

ତେଣୁ, ଏ ଧରାପୃଷ୍ଠରେ ନରଶରୀର ଧରି କିଛି ତ୍ୟାଗ କଲେ ଅନ୍ୟ କିଛି ଲାଭ କରାଯାଏ । ଯେ ଯେତେ ସ୍ଥୂଳ ବିଷୟ ତ୍ୟାଗ କରେ, ସେ ସେତେ ସୂକ୍ଷ୍ମ ବିଷୟ ଲାଭ କରେ । ଯେ ଯେତେ ଅଧିକ ତୁଚ୍ଛ, ମୂଲ୍ୟହୀନ, ନଶ୍ୱର ବିଷୟ ତ୍ୟାଗ କରେ, ତାକୁ ସେତେ ଅଧିକ ବହୁମୂଲ୍ୟବାନ ଅବିନଶ୍ୱର ଶାଶ୍ୱତ ବିଷୟ ପ୍ରାପ୍ତ ହୁଏ । 'ଆମର ଲକ୍ଷ୍ୟ: ଚରମ ପ୍ରାପ୍ତି' ନିମନ୍ତେ ମଧ ଏହି ଗୋଟିଏ ସୂତ୍ର ବା ଉପାୟ ଅବଲମ୍ବନ କରାଯାଏ । ଏପରି ଭାବରେ ଆମ୍ଭମାନଙ୍କୁ ତାଙ୍କର ନିଜ ଇଚ୍ଛା ଅନୁସାରେ ଜୀବନ ପଥରେ ଚଳାଇନେବା ପାଇଁ ପରମବ୍ରହ୍ମ ଚରମ ପୁରୁଷ ସମଗ୍ର ବିଶ୍ୱର ମଣିଷ ସମାଜ ମଧରେ ମଣିଷ ପରି ମଣିଷଟିଏ ଖୋଜି ଚାଲିଛନ୍ତି । ସେ ଏପରି ମଣିଷ ଖୋଜୁଛନ୍ତି ଯାହା ପାଖରେ ଛଳନା, କପଟତା, ମିଥ୍ୟାଚାର, ଅସତ୍ୟ, ହିଂସାଦ୍ୱେଷ, ଈର୍ଷା, ଘୃଣାଆଦି ଆଦୌ ନଥିବ ଓ ଯେ ତାଙ୍କ ପଦ (ଆଦେଶ) ସେବା (ପାଳନ) ପାଇଁ ନିଜର ସମସ୍ତ ବୁଦ୍ଧି, ବିଚାର, ବିବେକ ଆଦିକୁ ଜଳାଞ୍ଜଳି ଦେଇ ସର୍ବାନ୍ତକରଣରେ ତାଙ୍କରି କାମରେ ଫଳପ୍ରାପ୍ତି ବା ପ୍ରଶଂସାଦିର ଲୋଭ ନରଖି ନିରାଶା ହୋଇ ଆଗେଇ ଯାଇ ପାରିବ । ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

ପ୍ରଭୁଙ୍କର ଜୟ ହେଉ ! ବିଶ୍ୱଜଗତର ମଙ୍ଗଳ ହେଉ !!

ମରଣ ଡେଇଁ ଜୀବନପାଇଁ ବିକଳେ ଆସିଲୁ ଧାଇଁ ।
ଆସିବା ଦିନର ଶପଥଭୁଲି ଫୋପାଡ଼ି ଦେଇଛୁ କାହିଁ ??

# ଶ୍ରୀମନ୍ଦିର


**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**

## ଅଚ୍ୟୁତଙ୍କ ଲେଖନୀରୁ

### ପରମଗ୍ୟାଂନ ଗୀତାରୁ ଉଦ୍ଧୃତ

ମୂଳକମଳରେ ମନ ଗଣପତି ଛନ୍ତି । ଗୁହ୍ୟଚକ୍ର ପରେ କାମେଶ୍ୱର ବିହରନ୍ତି ॥
ନାଭିଚକ୍ର ପରେ ବ୍ରହ୍ମ ରହିଛନ୍ତି ଧାୟୀ । ହୃଦଚକ୍ର ପରେ ବିଷ୍ଣୁ ବିହରନ୍ତି ରହି ॥
ନାସାଚକ୍ରଠାରେ ଚନ୍ଦ୍ର ହୋନ୍ତି ଗମାଗମ । ଲଲାଟ ପାଖୁଡ଼ା ତେଜି ଚଳିବ ବହନ ॥
ଶୂନ୍ୟରେ ପଶିବ ଯାଇଁ କେଶର ମଧ୍ୟରେ । ଅନନ୍ତ ଶୟନ ନିଶ୍ଚେ ଦେଖିବୁ ନେତ୍ରରେ ॥
ଏହି ଭାବ ସାର ନିଶ୍ଚେ ସୂକ୍ଷ୍ମ ବୋଲି କହି । ଅନାଦି ଅନାମ ନାମ ଠୁଳ ଶୂନ୍ୟ ଦେହୀ ॥
ଏହି ଦ୍ୱାରେ ମନ ଯେବେ ନିଶ୍ଚଳେ ରହିବ । ଗୋଲୋକ ପାଟଣା ତେବେ ଅଗ୍ରେ ବିକାଶିବ ॥
ଶୋଇବା ବସିବା କିବା ଗମିବା ଠାବରେ । କିବା ଦିବା କିବା ରାତ୍ର ଉଦୟ ଆଗରେ ॥
ଏହି ଭାବ ଅଣସୂତ୍ର ଅଟଇ ପ୍ରମାଣ । ଏହି ଭାବ ଯାକୁ ଦୃଶ୍ୟ ନିଶ୍ଚେ ଦାସଜନ ॥
ଅଜପା ଅକ୍ଷରେ ତହିଂ ଲାଗିଛି ଭଜନ । ଚନ୍ଦ୍ରସୂର୍ଯ୍ୟ ଗମାଗମ ଅଗମ୍ୟ ଭୁବନ ॥
ଠୁଳଶୂନ୍ୟ ପରେ ନିତ୍ୟରାସଯେ ଲାଗିଛି । ଅପୂର୍ବ ପଦାର୍ଥ କେହି ଭାବି ନପାରନ୍ତି ॥
ଅଣସୂତ୍ରେ କରୁଥିବ ପ୍ରଭୁଙ୍କୁ ଭାବନା । ପବନ ନିରୋଧି ଜ୍ୟୋତି ଉପରେ ଥାପନା ॥
ଦଶଦ୍ୱାର ବାଟ ତାର ଚଉଦ କବାଟ । ଯିବାକୁ ସଂକଟ ତହିଂ ସୂଚୀରନ୍ଧ୍ରେ ବାଟ ॥
ଦେବ ନାଶନ ବର୍ଟ ଯଉଂ ଠାବକୁ ଯେ କହି । ତହିଂ ସହସ୍ରେକ କଟୁଆଳ ଛନ୍ତି ରହି ॥
ଷଡ଼ ଅଳରିକି ମନ ତୁରିତେ ଛେଦିବୁ । ଯୋଗାରୂଢ଼ ପୁରୁଷ ଯେ ନିଶ୍ଚୟେ ହୋଇବୁ ॥
ହରେ ରାମକୃଷ୍ଣ ମନ୍ତ୍ର କି ଉପମା ଦେବି । ବ୍ରହ୍ମାଶଙ୍କର ଯାହାଙ୍କୁ ସଦାଛନ୍ତି ଭାବି ॥
ଉଂକାରକୁ ଧରିଣ ଯେ ଅଣଚାଶ ହରି । ଅମନ ଶିଖରେ ମତ୍ତ-ଗଜ ବନ୍ଧୀ କରି ॥
ଗଜକୁ ଚିହ୍ନିଲେ ମନ ହରଷ ହୋଇବୁ । ଅମୂଲ୍ୟ ପଦାର୍ଥ ସଙ୍ଗେ ମନ ବଳାଇବୁ ॥

❋❋❋




ଗଳ୍ପାଂଶ

## ଶୋକରୁ ଶ୍ଳୋକ :

ବହୁତ ପ୍ରାଚୀନକାଳର ଏ କଥା । ଅନେକେ ଏହା ଜାଣନ୍ତି । ତଥାପି ବହୁ ସଂଖ୍ୟାରେ ସାଧାରଣ ଲୋକମାନେ ଏହା ଜାଣି ନାହାନ୍ତି । ସେମାନଙ୍କୁ ଜଣାଇଦେବା ପାଇଁ 'ଚରମ' ପୃଷ୍ଠାରେ ଏହା ମୁଦ୍ରଣ କରାଯାଉଅଛି ।

ଥରେ ବାଲ୍ମୀକି ଋଷି ତମସାନଦୀ କୂଳରେ ଥିବା ତାଙ୍କ ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ଦେବର୍ଷି ନାରଦ ସେଠାରେ ଉପସ୍ଥିତ ହେଲେ । କଥାବାର୍ତ୍ତା ମଝିରେ ବାଲ୍ମୀକି ନାରଦଙ୍କୁ ପଚାରିଲେ-ସଂସାରରେ ଏପରି କେହି ସୁପୁରୁଷ ନାହାନ୍ତି, ଯିଏ ସବୁ ସ୍ୱର୍ଗୀୟ ଗୁଣର ଆଧାର, ଧାର୍ମିକ, କୃତଜ୍ଞ, ବୀର, ସଚ୍ଚରିତ୍ର, ମଙ୍ଗଳକାରୀ, ସତ୍ୟବ୍ରତ, ସୁପଣ୍ଡିତ, ସୁନ୍ଦର, ତେଜସ୍ୱୀ, କ୍ରୋଧଶୂନ୍ୟ, ହିଂସା ଈର୍ଷାଦି ବିବର୍ଜିତ ହୋଇଥିବେ ଓ ଯୁଦ୍ଧକ୍ଷେତ୍ରରେ ଯାହାଙ୍କର ତେଜୋଦୀପ୍ତ କ୍ରୋଧ ଦେଖି ଏପରିକି ଦେବଗଣ ମଧ୍ୟ ଭୟଭୀତ ହେଉଥିବେ ?

ନାରଦ ବାଲ୍ମୀକିଙ୍କର ଏପରି ପ୍ରଶ୍ନରେ ଆନନ୍ଦିତ ହୋଇ କହିଲେ-ତୁମେ ଯେଉଁସବୁ ଗୁଣମାନ ବର୍ଣ୍ଣନା କଲ, ଜଣେ ଲୋକ ପାଖରେ ଏ ସଂସାରରେ ତାହା ଖୋଜି ପାଇବା ଦୁର୍ଲଭ ଓ ବିରଳ । ତେବେ ମୋ ଜାଣିବାରେ କେବଳ ଜଣେ ବ୍ୟକ୍ତି ଏପରି ସକଳ ଗୁଣର ଅଧିକାରୀ ହୋଇଅଛନ୍ତି । ତାଙ୍କର ନାମ ରାମ । ସେ ଇକ୍ଷ୍ୱାକୁ ବଂଶରେ ଜନ୍ମ ଗ୍ରହଣ କରିଛନ୍ତି । ତାଙ୍କ ନାମ ଲୋକ ବିଶ୍ରୁତ ।

ସେହି ରାମ ସଂଯତ ଚିତ୍ତ, ଜିତେନ୍ଦ୍ରିୟ, ଧୈର୍ଯ୍ୟଶୀଳ ଓ କାନ୍ତିମାନ୍ । ସେ ବୁଦ୍ଧିମାନ୍, ନୀତିଜ୍ଞ, ସୁଶ୍ରୀ ଶତ୍ରୁନାଶକ, ବାଗ୍ମୀ ଏବଂ ତାଙ୍କର ସ୍କନ୍ଧ ଉନ୍ନତ, ବାହୁ ଦୀର୍ଘ, ବକ୍ଷବିଶାଳ, ଗଣ୍ଡଦେଶ ସୁଠାମ ଏବଂ କଣ୍ଠଦେଶ ଶଙ୍ଖପରି ସୁନ୍ଦର । ସେ ସୁନ୍ଦର ଲଲାଟଯୁକ୍ତ, ଧନୁର୍ଦ୍ଧାରୀ, ପ୍ରତାପବାନ୍, ବୀର ଏବଂ ସହଜରେ ଶତ୍ରୁମାନଙ୍କୁ ଦମନ କରିପାରନ୍ତି । ତାଙ୍କର ସବୁ ଅଙ୍ଗ ପ୍ରତ୍ୟଙ୍ଗ ସୁନ୍ଦର, ସୁଗଠିତ ଓ ବର୍ଣ୍ଣରେ ସ୍ନିଗ୍ଧ । ତାଙ୍କର ନେତ୍ରଯୁଗଳ ଆୟତ, ସେ ସକଳ ଶୁଭଲକ୍ଷଣଯୁକ୍ତ ଅଟନ୍ତି । ସେହି ସତ୍ୟସନ୍ଧ, ଧର୍ମଜ୍ଞ, ପ୍ରଜାହିତରେ ରତ, ଜ୍ଞାନୀ, କୁଳୀନ, ଯଶସ୍ୱୀ ଏବଂ ସ୍ଥିତଧୀ ଅଟନ୍ତି । ସକଳ ଶାସ୍ତ୍ର ଓ ଶସ୍ତ୍ର ନିପୁଣ ସେହି ରାଜା ରାମ ସଂସାର ରାଜ୍ୟରେ ଧର୍ମରକ୍ଷା କରୁଅଛନ୍ତି । ସର୍ବଗୁଣରେ ଅଳଂକୃତ ମାତା କୌଶଲ୍ୟାଙ୍କର ଆନନ୍ଦ ବର୍ଦ୍ଧକ ଶ୍ରୀରାମଙ୍କର ତୁଳନା କେବଳ ସେ ହିଁ ନିଜେ । ସେ ଅନୁପମ । ସେ ଆକାଶ ପରି ଉଦାର, ହିମାଳୟ ପରି ଧୀରସ୍ଥିର, ସମୁଦ୍ର ପରି ଗଭୀର ଓ ଗମ୍ଭୀର, ପୂର୍ଣ୍ଣଚନ୍ଦ୍ର ପରି ସୁସୁନ୍ଦର, କ୍ଷମାରେ ଓ ସହିଷ୍ଣୁତାରେ ଧରିତ୍ରୀ ପରି ଏବଂ ବୀରତ୍ୱରେ ସ୍ୱୟଂ ବିଷ୍ଣୁଙ୍କ ପରି ଅଟନ୍ତି ।

ଜଣେଲୋକ ଠାରେ ବାଲ୍ମିକୀ ଯେଉଁସବୁ ସୁଗୁଣ ଆଶା କରୁଥିଲେ ନାରଦଙ୍କ ମୁହଁରୁ ରାମଙ୍କର ଗୁଣ ସକଳର ବର୍ଣ୍ଣନା ଶୁଣି ସେ ପରମପ୍ରୀତ ହୋଇ ରାମଙ୍କ ବିଷୟରେ ଆହୁରି ଅଧିକ ଜାଣିବାପାଇଁ ଆଗ୍ରହ ପ୍ରକାଶ କରିବାରୁ ନାରଦ ସଂକ୍ଷେପରେ କହିଲେ-ସର୍ବଗୁଣ ସମ୍ପନ୍ନ ରାମଙ୍କୁ ଅଯୋଧ୍ୟାର ରାଜା ଦଶରଥ ଯୁବରାଜ ପଦରେ

ଅଭିଷିକ୍ତ କରିବା ପାଇଁ ଶୁଭଦିନ ସ୍ଥିର କଲେ । ମାତ୍ର ରାଣୀ କୈକେୟୀ ପୂର୍ବରୁ ଯେଉଁ ବର ପାଇଥିଲେ ତାହା ଏ ସମୟରେ ମାଗିବା ହେତୁ ରାମଙ୍କୁ ବନବାସରେ ଯିବାକୁ ପଡ଼ିଲା । ଏ ଦୁଃଖରେ ଦଶରଥ ମୃତ୍ୟୁବରଣ କଲେ । କୈକେୟୀଙ୍କ ପୁତ୍ର ଭରତ ରାଜପଦ ଗ୍ରହଣ ନ କରି ରାମଙ୍କୁ ଫେରାଇ ଆଣିବା ପାଇଁ ଚିତ୍ରକୂଟକୁ ଗଲେ । ମାତ୍ର ରାମ ଭରତଙ୍କର ଅନୁରୋଧ ରକ୍ଷା ନ କରି ତାଙ୍କୁ ନିଜର ପାଦୁକା ଦୁଇଟି ଦେଇ ଫେରାଇ ଦେଲେ । ସେ ଅଯୋଧ୍ୟା ନିକଟବର୍ତ୍ତୀ ନନ୍ଦୀଗ୍ରାମରେ ଗୋଟିଏ କୁଟୀରରେ ଅବସ୍ଥାନ କରି ରାମଙ୍କ ପ୍ରତିନିଧି ସ୍ୱରୂପ ରାଜ୍ୟଶାସନ ଓ ପ୍ରଜାପାଳନ କଲେ ।

ଏହା କହି ନାରଦ ରାମଚନ୍ଦ୍ରଙ୍କର ଚଉଦବର୍ଷର ବନବାସ ଜୀବନ, ଦଣ୍ଡକାରଣ୍ୟରେ ଅବସ୍ଥାନ, ଖରଦୂଷଣ ନିଧନ, ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ମାୟାମୃଗ ରୂପୀ ମାରିଚବଧ, ସୀତାହରଣ, ରାମଙ୍କ ସହିତ ସୁଗ୍ରୀବ ଓ ହନୁମାନଙ୍କର ମିତ୍ରତା, ବାଳୀବଧ, ସୀତାଙ୍କର ଅନ୍ୱେଷଣ ଠାରୁ ଆରମ୍ଭ କରି ରାମରାବଣଯୁଦ୍ଧ, ରାବଣବଧ, ସୀତାଙ୍କ ଅଗ୍ନିପରୀକ୍ଷା, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ ଆଦି ସଂକ୍ଷେପରେ ବର୍ଣ୍ଣନା କଲେ । ତା'ପରେ ରାମରାଜ୍ୟରେ ପ୍ରଜାମାନଙ୍କର ସୁଖମୟ ଜୀବନଯାପନ ଚିତ୍ର ଦେଇ କହିଲେ- ରାମ ରାଜ୍ୟରେ ପ୍ରଜାମାନେ ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦରେ ରହିବେ । ସମସ୍ତେ ଧର୍ମପାଳନ କରିବେ । କାହାରି ରୋଗବ୍ୟାଧି ହେବନାହିଁ । ଦୁର୍ଭିକ୍ଷ, ମହାମାରୀ ଆଦିର ଭୟ ରହିବ ନାହିଁ । ପୁତ୍ରଶୋକ, ପତିଶୋକର ଭୟ, କ୍ଷୁଧା, ତୃଷା, ଚୋର, ତସ୍କର ଆଦିର ଭୟ ମଧ୍ୟ ରହିବ ନାହିଁ । ନଗର ଜନପଦ ଓ ରାଜ୍ୟ ସକଳ ଧନଧାନ୍ୟରେ ପୂର୍ଣ୍ଣହେବ । ସତ୍ୟଯୁଗର ଲୋକଙ୍କ ପରି ପ୍ରଜାମାନେ ସବୁପ୍ରକାର ଶାନ୍ତି ସନ୍ତୋଷରେ ରହିବେ । ବହୁ ଅଶ୍ୱମେଧ ଯଜ୍ଞ କରି ଦୀର୍ଘକାଳ ରାଜ୍ୟ, ପ୍ରଜାଶାସନ ଓ ପାଳନ କରି ରାମ ଦେହରକ୍ଷା କରିବେ । ଏପରି ପବିତ୍ର, ପାପନାଶକ, ପୁଣ୍ୟଜନକ ରାମଚରିତ ଯେ ଶୁଣିବ, ସେ ସକଳ ପାପରୁ ମୁକ୍ତ ହେବ ।

ରାଜା ରାମଙ୍କର ଏପରି ପୁଣ୍ୟମୟ ଚରିତ ନାରଦଙ୍କ ମୁହଁରୁ ଶୁଣି ଶିଷ୍ୟ ସମେତ ବାଲ୍ମିକୀ ପରମ ସନ୍ତୋଷ ଲାଭ କଲେ । ନାରଦଙ୍କୁ ଯଥାଯୋଗ୍ୟ ପୂଜା ଓ ଉପଯୁକ୍ତ ସତ୍କାର କରି ଆନନ୍ଦମନରେ ଆଶ୍ରମରୁ ବିଦାୟ ଦେଲେ ଓ ଶିଷ୍ୟମାନଙ୍କ ଗହଣରେ ବ୍ରହ୍ମଚିନ୍ତାରେ କାଳଯାପନ କରିବାକୁ ଲାଗିଲେ ।

ଦିନେ ବାଲ୍ମୀକି ଶିଷ୍ୟମାନଙ୍କ ସହିତ ତମସା କୂଳରେ ବିଚରଣ କରୁଥିବାବେଳେ ନଦୀର ସୁନ୍ଦର ଘାଟଟିଏ ଦେଖି ଶିଷ୍ୟଙ୍କୁ କହିଲେ- ଭରଦ୍ୱାଜ ! ଏହି କର୍ଦ୍ଦମଶୂନ୍ୟ ରମଣୀୟ ତୀର୍ଥକୁ ଦେଖ । ସଜ୍ଜନ ବ୍ୟକ୍ତିର ମନ ପରି ଏ ଜଳ ନିର୍ମଳ ଦେଖାଯାଉଛି । ଏଠାରେ କଳସ ରଖି ମୋତେ ବଳ୍କଳ ଖଣ୍ଡିକ ଦିଅ । ଏହି ତୀର୍ଥରେ ମୁଁ ସ୍ନାନ କରିବାକୁ ମନବଳାଉଛି । ଶିଷ୍ୟଙ୍କ ଠାରୁ ବଳ୍କଳ ନେଇ ବାଲ୍ମିକୀ ତମସା ତୀରବର୍ତ୍ତୀ ଘଞ୍ଚ ବନ ମଧ୍ୟରେ ଭ୍ରମଣ କାଳରେ ଯୋଡ଼ାଏ ବଗବଗୁଲି ଆନନ୍ଦରେ ବିହାର କରୁଥିବାର ଦୃଶ୍ୟ ଦେଖିଲେ । ଏହି ସମୟରେ ସଙ୍ଗମରତ ପକ୍ଷୀଦୁଇଟି ମଧ୍ୟରୁ ଜଣେ ବ୍ୟାଧର ଶରାଘାତରେ ପୁରୁଷ ପକ୍ଷୀଟି ଆହତ ରକ୍ତାକ୍ତ ଅବସ୍ଥାରେ ତଳକୁ ଖସିପଡ଼ି ଛଟପଟ ହୋଇ ମରିଗଲା । ସଙ୍ଗମ ସହଚର ବଗର ମୃତ୍ୟୁରେ ବଗୁଲିଟି କରୁଣ ବିଳାପ କରି ବନଭୂମିକୁ କମ୍ପାଇ ଦେଲା । ମହର୍ଷି ବାଲ୍ମିକୀ ଏ ଦୃଶ୍ୟରେ କରୁଣାବିଗଳିତ ହୃଦୟରେ ମର୍ମାହତ ହେଲେ । ଏ ବ୍ୟାଧକୁ ଧିକ୍କାର ଓ ତିରସ୍କାର କରି କହିଲେ-

'ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ

ଯତ୍ କ୍ରୌଞ୍ଚମିଥୁନାଦେକ ମବଧୀଃ କାମମୋହିତମ ।'

-ନିଷାଦ, ତୁ କେବେହେଲେ ପ୍ରତିଷ୍ଠା ଲାଭ କରି ପାରିବୁ ନାହିଁ । କାରଣ, ତୁ ଏହି ବଗବଗୁଲି ମଧ୍ୟରୁ ଗୋଟିକୁ କାମାସକ୍ତ ଅବସ୍ଥାରେ ବଧ କରିଛୁ ।

ବାଲ୍ମିକୀ ବ୍ୟାଧକୁ ଅଭିଶାପ ଦେଇ ଭାବିଲେ, ପକ୍ଷୀର ଦୁଃଖରେ ବ୍ୟଥିତ ହୋଇ ସେ କ'ଣ ସବୁ କହିଗଲେ ଏବଂ ଶିଷ୍ୟ ଭରଦ୍ୱାଜଙ୍କୁ ନିକଟକୁ ଡାକି କହିଲେ- ଦେଖ, ଶୋକାକୁଳ ଅବସ୍ଥାରେ ମୋ ମୁହଁରେ ପାଦ ଓ ଛନ୍ଦବଦ୍ଧ ସମାନ ଅକ୍ଷର ବିଶିଷ୍ଟ ସ୍ୱରଲୟଯୁକ୍ତ ଯେଉଁ ବାକ୍ୟ ବାହାରିଛି, ତାହା ଶ୍ଳୋକ ନାମରେ ବିଖ୍ୟାତ ହେବ । ମୋ କଥା କେବେ ଅନ୍ୟଥା ହେବ ନାହିଁ । ଶିଷ୍ୟ ଭରଦ୍ୱାଜ ଗୁରୁବାଲ୍ମିକୀଙ୍କର ବାକ୍ୟକୁ ମାନି ନେଇ ସେହି ଶ୍ଳୋକକୁ ମୁଖସ୍ଥ କଲେ ଓ ମନେ ରଖିନେଲେ । ଏହାପରେ ବାଲ୍ମିକୀ ତମସାର ନିର୍ମଳ ଜଳରେ ସ୍ନାନ କରି ଆଶ୍ରମକୁ ସଶିଷ୍ୟ ପ୍ରତ୍ୟାଗମନ କଲେ । ଆଶ୍ରମରେ ଧ୍ୟାନ ସାରି ବାଲ୍ମିକୀ ବସିଥିବା ବେଳେ ପ୍ରଜାପତି ବ୍ରହ୍ମା ସେଠାରେ ଉପସ୍ଥିତ ହେଲେ । ବାଲ୍ମିକୀ ଆନନ୍ଦ ଓ ବିସ୍ମୟରେ ବ୍ରହ୍ମାଙ୍କ ଦର୍ଶନ ଲାଭ କରି ଯଥାଯୋଗ୍ୟ ପାଦ୍ୟ, ଅର୍ଘ୍ୟ, ଆସନ ଦେଇ ପାଦ ବନ୍ଦନା କରି ସାଷ୍ଟାଙ୍ଗ ପ୍ରଣାମ କଲେ । ପ୍ରଜାପତି ବ୍ରହ୍ମା ମହର୍ଷି ବାଲ୍ମିକୀଙ୍କୁ ଆସନ ଗ୍ରହଣ କରିବାକୁ କହି ତାଙ୍କର ସକଳ କୁଶଳବାର୍ତ୍ତା ଜାଣିବା ପରେ କହିଲେ- ପୁତ୍ର ! ବ୍ୟାଧ ବିନାକାରଣରେ ନିଷ୍ଠୁର ଭାବରେ ଯେପରି କାମଯୁକ୍ତ ଅବସ୍ଥାରେ ବଗପକ୍ଷୀକୁ ହତ୍ୟାକଲା ଓ ସହଚରର ନିଧନରେ ବଗୁଲି ଯେପରି କରୁଣ ବିଳାପ କଲା ତାହା ଚିନ୍ତା ଓ ସ୍ମରଣ କରି ତୁମେ ଯେଉଁ ଶ୍ଳୋକ ଉଚ୍ଚାରଣ କରିଥିଲ, ତାହା ମୋତେ ଶୁଣାଇ ଦିଅ । ବ୍ରହ୍ମାଙ୍କର ଆଦେଶରେ ବାଲ୍ମିକୀ ତାହା ଆବୃତ୍ତି କରି ଶୁଣାଇଲେ ।

ପ୍ରଜାପତି ବ୍ରହ୍ମା ତାହାଶୁଣି କହିଲେ- ମହାମୁନି, ତୁମେ ସ୍ୱତଃ ଯାହା ରଚନା କରିଛ, ତାହା ଶ୍ଳୋକ ନାମରେ ବିଖ୍ୟାତ ହେବ । ମୋ ଇଚ୍ଛାରୁ ହିଁ ଏହା ତୁମ ମୁହଁରୁ ବାହାରିଛି । ବାଗ୍‌ଦେବୀ ସରସ୍ୱତୀ ତୁମ ପ୍ରତି ପ୍ରସନ୍ନ ହୋଇଛନ୍ତି । ଏବେ ତୁମେ ନାରଦଙ୍କ ଠାରୁ ଶୁଣିଥିବା ସମସ୍ତ ରାମ ଚରିତକୁ ଏହିପରି ଶ୍ଳୋକ ଆକାରରେ ରଚନା କର । ଯାହା ଘଟିଛି ତାହା ନାରଦଙ୍କ ଠାରୁ ତୁମର ଜ୍ଞାତ । ଯାହା ତୁମର ଅଜ୍ଞାତ ତାହା ତୁମେ ଧ୍ୟାନସ୍ଥ ଅବସ୍ଥାରେ ଜାଣିପାରିବ । ସେ ସବୁକୁ ତୁମେ ରାମ ଚରିତରେ ଉଲ୍ଲେଖ କରିବ । ମୋ କଥା ମିଥ୍ୟା ହେବ ନାହିଁ କିମ୍ୱା ରାମଚରିତରେ ସତ୍ୟ ବ୍ୟତୀତ ଅସତ୍ୟ ବା ମିଥ୍ୟା ସ୍ଥାନ ପାଇ ପାରିବ ନାହିଁ । ଏ ପୃଥିବୀରେ ଯେତେ କାଳ ପର୍ଯ୍ୟନ୍ତ ନଦୀ ଓ ପର୍ବତମାନେ ରହିଥିବେ, ସେ ପର୍ଯ୍ୟନ୍ତ ରାମାୟଣ କଥା ଜନଗଣରେ ପ୍ରଚାରିତ ହେଉଥିବ । ଯେତେଦିନ ପର୍ଯ୍ୟନ୍ତ ତୁମ ରଚିତ ରାମାୟଣ କଥା ପୃଥିବୀରେ ପ୍ରଚାରିତ ହେଉଥିବ, ସେତେଦିନ ଧରି ତୁମେ ଏହି ପୃଥିବୀର ଊର୍ଦ୍ଧ୍ୱ ଓ ଅଧଃ ସର୍ବତ୍ର ରହିଥିବ । ଏହାର ଅର୍ଥ ପୃଥିବୀରେ ତୁମର ଏହି କୀର୍ତ୍ତି ଅମର ହୋଇ ରହିବ ।

ବ୍ରହ୍ମା ଏହା କହି ପୁତ୍ର ବାଲ୍ମିକୀଙ୍କୁ କଲ୍ୟାଣ କରି ଅନ୍ତର୍ଦ୍ଧାନ ହେଲେ । ମହର୍ଷି ବାଲ୍ମିକୀ ମନେ କଲେ ତାଙ୍କର ଏହି ଶ୍ଳୋକ ରଚନା ବିଧିପ୍ରେରିତ ଏବଂ ଏବେ ବିଶ୍ୱଜଗତର କଲ୍ୟାଣ ପାଇଁ ତାଙ୍କୁ ହିଁ ରାମାୟଣ ରଚନା କରିବାକୁ ହେବ । ଏହାପରେ ମହାମୁନି କୁଶାସନରେ ବସି ଧ୍ୟାନସ୍ଥ ହେଲେ । ଧ୍ୟାନସ୍ଥ ଅବସ୍ଥାରେ ଶ୍ରୀରାମଙ୍କ ଜନ୍ମ ଠାରୁ ଏପର୍ଯ୍ୟନ୍ତ ଯାହାସବୁ ଘଟଣା ଘଟି ଯାଇଛି ସେସବୁ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ । କ୍ରମଶଃ ସବୁ ଘଟଣା ଗୋଟିଗୋଟି କରି ତାଙ୍କ ଆଖି ଆଗରେ ଘଟି ଯାଉଥିବାର ସେ ଧ୍ୟାନଚକ୍ଷୁରେ ଦେଖିବାକୁ ପାଇ ପରମ ଆନନ୍ଦ ଓ ସନ୍ତୋଷ ଲାଭ କଲେ । ସେହିଦିନଠାରୁ ସେ ରାମାୟଣ ରଚନାରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କଲେ । ବିଚିତ୍ର ପଦଯୁକ୍ତ ଓ ଅର୍ଥଯୁକ୍ତ ଚବିଶହଜାର (୨୪,୦୦୦) ଶ୍ଳୋକରେ ପାଞ୍ଚଶହ (୫୦୦) ସର୍ଗ ଓ ଛଅ (୬) କାଣ୍ଡରେ ରାମଚରିତ ରଚନା ସମାପ୍ତ କଲେ । ଅବଶ୍ୟ ଏହାପରେ ରାମାୟଣର ଉତ୍ତର କାଣ୍ଡ ମଧ୍ୟ ସେ ରଚନା କରିଥିଲେ ।

**ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!**

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ



## ମୋହ

'ଆଦି ଯା'ର ନାହିଁ ଅନ୍ତଯା'ର ନାହିଁ ଲୀଳା ତାହାର ଅନନ୍ତ ।
ଅନାଦି ଲୀଳାର ଆଦିଅନ୍ତ ଖୋଜି ପାଇବ କେ' ବପୁବନ୍ତ !!
ଲୀଳା ସେ ଶୂନ୍ୟେ ରଚଇ,
ଶୂନ୍ୟ ମହାଶୂନ୍ୟ ହୋଇଯାଏ ଧନ୍ୟ ଶୂନ୍ୟରେ ସେ ବିଚରଇ ।।'

ବିଶେଷରେ ବ୍ରହ୍ମ ହିଁ ପୁରୁଷ, ବ୍ରହ୍ମ ହିଁ ପ୍ରକୃତି । ପ୍ରକୃତି ହିଁ ଶକ୍ତି, ଏକମାତ୍ର ଶକ୍ତି । ଶକ୍ତିର କୃପାରୁ ମିଳେ ଭକ୍ତି । ଶକ୍ତି ଉପାସନା ଏହି ମହାଭାବରୁ ବହୁ ପ୍ରାଚୀନ ଯୁଗରୁ ଧରାପୃଷ୍ଠରେ ପ୍ରଚଳିତ ହୋଇ ଆସୁଅଛି । ଶକ୍ତିର ଉତ୍ସ ଏକ, ମାତ୍ର ଏହା ବହୁଧା ବିଭକ୍ତ । ଶକ୍ତି ସହିତ ଯୁକ୍ତି ହିଁ ମୁକ୍ତିର ପଥ ଉନ୍ମୁକ୍ତ କରେ । ଶକ୍ତି ସହିତ ଯୁକ୍ତ ହେବା ହିଁ ଯୁକ୍ତି । ଶକ୍ତି, ଭକ୍ତି, ଯୁକ୍ତି, ମୁକ୍ତି ଆଦିର ଅର୍ଥ ପ୍ରାଚ୍ୟ ଅଧ୍ୟାତ୍ମବିଦ୍ୟାର ନିଗୂଢ଼, ନିଗମ ତତ୍ତ୍ୱ ବ୍ୟାଖ୍ୟା କରେ । ଏ ଶବ୍ଦ ସମୂହର ଯଥାର୍ଥ ଅର୍ଥଠାରୁ ସାମ୍ପ୍ରତିକ ଶିକ୍ଷା, ଜ୍ଞାନ ଏବଂ ବିଦ୍ୟା କ୍ରମଶଃ ଦୂରେଇ ଯାଇ କଦର୍ଥର ଘୂର୍ଣ୍ଣିରେ ବିଘୂର୍ଣ୍ଣିତ ହୋଇ ଅନ୍ତଃସାରଶୂନ୍ୟ ହୋଇଯିବା ପ୍ରକ୍ରିୟା ଶତାବ୍ଦୀ ଶତାବ୍ଦୀ ଧରି କ୍ରିୟାଶୀଳ । ତେଣୁ ମୁକ୍ତିର ପଥ ଅବରୁଦ୍ଧ । 'ଚରମପ୍ରାପ୍ତି' : ଆମର ଚରମ ଲକ୍ଷ୍ୟ ଅଧୁନା ସୁଦୂର ପରାହତ ।

ମାୟିକ ବିଷୟାବିଷପାଶରୁ ମୁକ୍ତିକାମୀ, ଚରମପ୍ରାପ୍ତି କାମୀ ଜୀବ ପାଇଁ ମହାମାୟା ପରମାପ୍ରକୃତିର ପାଦରେ ନତିସ୍ୱୀକାର ହିଁ ପ୍ରକୃତ ଏବଂ ପ୍ରକୃଷ୍ଟମାର୍ଗ । ଏହି ସ୍ଥଳରେ ମନଅଙ୍ଗନରେ ଉଦ୍‌ଗମ ହୁଏ ପ୍ରଶ୍ନଟିଏ । ପ୍ରଥମେ ନତି ନା ପ୍ରଥମେ ମୁକ୍ତି । ଅହଂଜ୍ଞାନ ସର୍ବସ୍ୱ ମୋହାନ୍ଧ ଜୀବର ଅହଂକାର ନତିସ୍ୱୀକାର ପଥରେ ପ୍ରତିବନ୍ଧକ ହୋଇ ଦାମ୍ଭିକତାର ସହିତ ଦଣ୍ଡାୟମାନ । ଜୀବନ୍ମୁକ୍ତ ନହେଲେ ଅହଂକାରଶୂନ୍ୟ ହୋଇପାରେ ନାହିଁ । ତେଣୁ ପ୍ରଥମେ ମୁକ୍ତି ବୋଲି ପ୍ରତ୍ୟୟଜାତ ହେବା ସ୍ୱାଭାବିକ । ପୁଣି ନତିସ୍ୱୀକାର ନକଲେ ମୁକ୍ତିର ମାର୍ଗ ଉନ୍ମୁକ୍ତ ହୁଏ ନାହିଁ । ଅତଏବ ପ୍ରଥମେ ନତି ପ୍ରତି ଗୁରୁତ୍ୱ ଆରୋପ କରାଯିବା ମଧ୍ୟ ସ୍ୱାଭାବିକ । ଅଧ୍ୟାତ୍ମବିଦ୍ୟା ଏପରି ବହୁ ଦ୍ୱନ୍ଦ୍ୱର ଗ୍ରନ୍ଥିରେ ବାହ୍ୟତଃ ପରିପୂର୍ଣ୍ଣ ବୋଲି ପ୍ରତୀତ ହୁଏ ।


ଏ ସକଳ ଦ୍ୱନ୍ଦ୍ୱ, ସଂଘର୍ଷ, ସନ୍ଦେହ ତଥା ଆତ୍ମ-ଅବିଶ୍ୱାସର କୁହେଳିକା ବିଦୂରିତ କରିବା ପାଇଁ ଏହାର ମୂଳ କାରଣର ଏକାନ୍ତ ଅନ୍ୱେଷା ଅପରିହାର୍ଯ୍ୟ । କାରଣ ଅନ୍ୱେଷଣର ଶୈଳୀ ମଧ୍ୟ ଆଧ୍ୟାତ୍ମିକ ମାର୍ଗ ଅନୁସୃତି ହେବା ବାଞ୍ଛନୀୟ । ବାଗାଡ଼ମ୍ବର, ବାକ୍‌ବିତଣ୍ଡା, ଅଯୌକ୍ତିକତର୍କ ଦ୍ୱାରା ସମସ୍ୟା ଜଟିଳରୁ ଜଟିଳତର ହୁଏ ସିନା, ମାତ୍ର ସମାଧାନ ସୁଦୂର ପରାହତ ହୁଏ । ସୁତରାଂ ସର୍ବପ୍ରଥମେ ବିଶ୍ୱାସକୁ ମୂଳଭିତ୍ତି କରିବା ପ୍ରୟୋଜନ । ବିଶ୍ୱାସ ଥରେ ଦୃଢ଼ ହେଲେ, ବିଶ୍ୱନିୟନ୍ତା ପରମେଶ୍ୱର ଠାକୁର ପରବର୍ତ୍ତୀ ସକଳ ଦାୟିତ୍ୱ ସ୍ୱୟଂ ସ୍ୱୀକାର କରି ଜୀବର ସର୍ବବିଧ ମଙ୍ଗଳ ସର୍ବତୋଭାବେ କରନ୍ତି, କରୁଛନ୍ତି । ଏହି ବିଶ୍ୱାସ ଦିବ୍ୟ ଅନୁଭୂତି ପ୍ରାପ୍ତି ପଥରେ ସହାୟକ ହୁଏ । ଅନୁଭୂତିକୁ ପାଥେୟ କରି ମୁକ୍ତିପଥର ମୁକ୍ତିକାମୀ ପଥିକ ସହଜରେ ସରଳପଥରେ ଅଗ୍ରସର ହୁଏ । ଚରମରେ ଚରମପ୍ରାପ୍ତି ସମ୍ଭବପର ହୁଏ ।

ସୁସ୍ପଷ୍ଟତଃ ଅନ୍ତରଙ୍ଗା ପ୍ରକୃତି ହିଁ ଶକ୍ତିଶାଳୀ । ଏହା ଅନ୍ତରଙ୍ଗ ପୁରୁଷର ସକଳ ନିଷ୍କ୍ରିୟତା ଦୂରକରିପାରେ । ପୁରୁଷର ନିଷ୍କ୍ରିୟତା ଯେତେ ଯେତେ ଅପସୃୟମାଣ ହୁଏ, ସେ ସେତେସେତେ ମାୟାମୋହର ଅନ୍ଧକାର ଗହ୍ୱରକୁ ପ୍ରବେଶ କରିଯାଏ । ଶେଷରେ ମୋହମାୟାରେ ଅନ୍ଧ ହୋଇଯାଏ । ଏହା ପ୍ରକୃତିର କେଳି, ଶକ୍ତିର କ୍ରୀଡ଼ା, ମାୟାର ଲୀଳାଖେଳା।

ବ୍ରହ୍ମ ନିରାକାର । ଶୂନ୍ୟ । ମହାଶୂନ୍ୟ । ଏକ ଅଂଶରେ ବ୍ରହ୍ମ ପୁରୁଷ । ଆଉ ଏକ ଅଂଶରେ ବ୍ରହ୍ମ ପ୍ରକୃତି । ପୁରୁଷ ଚେତନ । ଚୈତନ୍ୟମୟ । ତେଣୁ ନିଶ୍ଚଳ, ନିଷ୍କ୍ରିୟ । ଚେତନାର ଚରମ ଶିଖରରେ ସ୍ଥିତ ବ୍ରହ୍ମପୁରୁଷ । ପ୍ରକୃତି କିନ୍ତୁ ଜଡ଼ । ଚେତନଶୂନ୍ୟ । ସୁତରାଂ କ୍ରିୟମାଣ । କ୍ରିୟାଶୀଳ । ଇଚ୍ଛାହିଁ ପୁରୁଷର ଶକ୍ତି । ମାତ୍ର ଏହି ଶକ୍ତି ବା ଇଚ୍ଛାଶକ୍ତି ଇଚ୍ଛାକୁ ସ୍ୱପ୍ନମୟ କରି ତୋଳେ, ମାତ୍ର କ୍ରିୟାମୟ କରିପାରେ ନାହିଁ । କ୍ରିୟାଶୀଳ ଶକ୍ତି ପ୍ରକୃତି ସହିତ ପୁରୁଷ ଯୁକ୍ତ ହେବା ମାତ୍ରେ ପୁରୁଷ କ୍ରିୟମାଣ ହୁଏ । ନିଷ୍କ୍ରିୟତା ଅପସରିଯାଏ । ଦୂରରୁ ଦୂରକୁ ଦୂରେଇଯାଏ । ତହୁଁ ଘୋଟି ଆସେ ମାୟା, ମୋହ ଏବଂ ଏଥିରୁ ଜାତ ନାନାପ୍ରକାର ଦରକାରୀ ଅଦରକାରୀ ଗୁଣ ସମୂହ । ତହିଁରେ ଛନ୍ଦି ହୋଇଯାଏ ଜୀବ । ଫଳତଃ ଆମରଣ ଦୁଃଖ, କଷ୍ଟ, ଜ୍ୱାଳା, ଯନ୍ତ୍ରଣା, ରୋଗ, ଶୋକ, ଜରା ଏବଂ ମୃତ୍ୟୁର ଚକ୍ରରେ ପଡ଼ି ପେଷି ହୋଇଯାଏ । ଜନ୍ମମୃତ୍ୟୁ ରୂପକ ପ୍ରକୃତିଚକ୍ରରେ କାଳଚକ୍ର କବଳରେ ପଡ଼ିଥାଏ ଜନ୍ମଜନ୍ମାନ୍ତର ଧରି ବ୍ରହ୍ମପ୍ରଳୟ ପର୍ଯ୍ୟନ୍ତ । ସତରେ ଏହା କେତେ ଦୁଃଖମୟ ଜୀବନ ସତେ !


ଚିରକଲ୍ୟାଣମୟ ପରମପିତା ପୁରାଣପୁରୁଷ ଚରମଶକ୍ତିମାନ ଠାକୁରେ କରୁଣାକରି ଜୀବକୁଳର ଅନ୍ଧତ୍ୱ ଦୂର କରିବାର ପଥ ନିର୍ଦ୍ଦେଶ କରନ୍ତି ଚରମ ପୃଷ୍ଠାରେ - 'ମୋହ' ସ୍ତମ୍ଭରେ - ଧାରାବାହିକ ଭାବରେ କେତେ ରୂପରେ, କେତେ ରସରେ, କେତେ ରଙ୍ଗରେ, ଦିବ୍ୟ ସ୍ୱର୍ଣ୍ଣରେ ତଥା ଅବ୍ୟକ୍ତ ଶବ୍ଦରେ । 'ଚରମ'ର ଏହି ସଂଖ୍ୟାରେ କାରଣ ସାତ୍ତ୍ୱିକମୋହର ପ୍ରଥମାଂଶର ଚିତ୍ର ପାଠକମାନଙ୍କର ଅବଗତି ନିମନ୍ତେ ପ୍ରଦତ୍ତ । ପରବର୍ତ୍ତୀ ସଂଖ୍ୟାରେ ଏହାର ବ୍ୟାଖ୍ୟା ପତ୍ରସ୍ଥ କରିବାପାଇଁ ପ୍ରୟାସ ଜାରି ରହିବ ।

# କାରଣ ସାତ୍ତ୍ୱିକ ମୋହର ପ୍ରଥମ ଅଂଶର ଚିତ୍ର




୧. ମୋହ ମାୟିକ ମାୟା, ୨. ପିଣ୍ଡ ମଣ୍ଡଳ ମାୟା, ୩. ବକ୍ର ଗୁପ୍ତ କ୍ରିୟା, ୪. ନାଦ ବନ୍ଧନ କ୍ରିୟା, ୫. ଶବ୍ଦ ବନ୍ଧନ କ୍ରିୟା, ୬. ବିନ୍ଦୁ କାରିଣୀ କୋଷ, ୭. ଭେଦ କରଣ କୋଷ (ପିଣ୍ଡ-ଆତ୍ମା), ୮. ଶବ୍ଦ କାରଣ କର୍ମ, ୯. ଚେତା ଚୈତନ୍ୟ କୋଷ, ୧୦. ବକ୍ର ବିବେକ କୋଷ, ୧୧. ଆଜ୍ଞା ବାହକ କୋଷ, ୧୨. ବର୍ଣ୍ଣ ବିଷୟା କୋଷ, ୧୩. ଶବ୍ଦ ସଂଶୟ କୋଷ, ୧୪. ଅସ୍ତ ଉଦୟ କୋଷ ।

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ପିଣ୍ଡରୁ ବ୍ରହ୍ମାଣ୍ଡ ବନ୍ଧନ କରିଛି ଅଦୃଶ୍ୟ ମାୟାର ଡୋରି ।
ରହସ୍ୟ ନଜାଣି ଅକାରଣେ ସିନା ଜୀବନ ଦେଉଛୁ ସାରି ।।
ଛାୟାକୁ ନଦେଖି ମାୟାକୁ ପରଖି ଆଗକୁ ନଜର ଦେଲେ ।
ଖେଳ ସରିଯିବ କୋଳ ମିଳିଯିବ ଅମୃତ ଲଭିବୁ ଭଲେ ।।

*ଧନ୍ୟ ସେ ଅପୂର୍ବ ବିଧାଣୀ ! ସମସ୍ତଙ୍କର ଅଗୋଚରରେ ନିଜର ବିଚିତ୍ର ମାୟା ଶିକୁଳିରେ ଶକ୍ତକରି ବନ୍ଧନ କରିବାପରେ ନିଜେ ପୁଣି ଜ୍ଞାନର କତୁରୀ ଧରାଇ ବନ୍ଧନ କାଟିଦେବାର କୌଶଳ ଶିଖାଇ ଦେଉଛନ୍ତି । ପିଣ୍ଡ ଓ ବ୍ରହ୍ମାଣ୍ଡର କେଉଁ ସ୍ଥାନରେ କିପ୍ରକାର ବନ୍ଧନ ରହି ଜୀବକୁ ପରିଚାଳିତ କରୁଛି, ତାହାରି ବିସ୍ତୃତ ରୂପରେଖ ବର୍ଣ୍ଣନାକରି ଅଚେତନ ଅବସ୍ଥାରୁ ପୂର୍ଣ୍ଣ ଚେତନ ସ୍ତରକୁ ନେଇଯିବାର ଲକ୍ଷ୍ୟ ନେଇ ମାତୃବନ୍ଦନା କ୍ରମରେ ଏହି ସ୍ତମ୍ଭ ତାହାର କର୍ତ୍ତବ୍ୟ ପାଳନ କରି ଚାଲିଛି ।*

'ଚରମ' ନବମ୍,ପୁଷ୍ପ - ଦ୍ୱିତୀୟ ପାଖୁଡ଼ା- ୪୫ (ପଞ୍ଚଚତ୍ୱାରିଂଶତମ) ସଂଖ୍ୟା ଅନୁସୃତିରୁ......

### ବୈଷ୍ଣବୀ ମାୟା

### ମୁଁ ଭୂମାଯୋଗ୍ମୀମାୟା କହୁଛି :

ମୋର ନାମ ଭୂମାଯୋଗ୍ମୀମାୟା । ବୈଷ୍ଣବୀଙ୍କର ଅଷ୍ଟମ ଭାବାଂଶରେ ଅବସ୍ଥିତ । ମୁଁ ବହୁରୂପା, ସର୍ବବ୍ୟାପକ ଅଟେ । ମୋର କାୟା ଅସୀମ, ଅଚିନ୍ତ୍ୟ ଓ ଅବର୍ଣ୍ଣନୀୟ । ମୋର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ବର୍ଣ୍ଣନାହିଁ, ସ୍ଥାନନାହିଁ । ମୋର ପିତା ପରଂବ୍ରହ୍ମଙ୍କ ଇଚ୍ଛାମତେ ମୁଁ ବିଚରଣ କରେ, କ୍ରିୟା କରେ ଓ ବର୍ଣ୍ଣଧାରଣ କରେ । ବ୍ରହ୍ମଲୋକରୁ ମର୍ତ୍ତ୍ୟଲୋକ, ମୂଳମାୟାରୁ ପ୍ରତ୍ୟେକ ଅଂଶୀୟ ମାୟାଚକ୍ର, ବ୍ରହ୍ମାଣ୍ଡରୁ ପିଣ୍ଡ, ଦେବରୁ ଯକ୍ଷ, କିନ୍ନର, ଗନ୍ଧର୍ବ, ଦାନବ, ମାନବ ଆଦି ସମସ୍ତ ଜୀବଙ୍କ ମଧ୍ୟରେ ଭିନ୍ନ ଭିନ୍ନ ନାମ ରୂପ ଓ କର୍ମସୂତ୍ର ଧାରଣକରି ମୁଁ ମୋର ପିତାଙ୍କ ଆଜ୍ଞା ପାଳନ କରିଯାଏ । ମୋର କର୍ମସାରଣୀ ଯେପରି କୌତୁହଳପୂର୍ଣ୍ଣ, ମୋର ସୃଷ୍ଟିରହସ୍ୟ ତତୋଽଧିକ ବିସ୍ମୟଜନକ ଓ ରହସ୍ୟମୟ । ତେଣୁ ପ୍ରଥମେ ମୋର ସୃଷ୍ଟି ରହସ୍ୟ ବର୍ଣ୍ଣନା କରୁଛି ।

ମୋର ପିତା ଅରୂପାନନ୍ଦ, ନିର୍ଗୁଣ, ଅବ୍ୟକ୍ତ ପୁରୁଷ ନିଜ ଇଚ୍ଛାମତେ ବ୍ୟକ୍ତବ୍ରହ୍ମ ରୂପେ ପ୍ରକାଶିତ ହେଲେ । ଲୀଳା ସଂରଚନର ମହତ କଳ୍ପନାରେ ନିଜେ ନିଜକୁ ଦୁଇଭାଗ କରିଦେଲେ । ଗୋଟିଏ ଭାଗରେ ଜ୍ଞାନମୟ ପୁରୁଷାକାର ହୋଇ ପୁରୁଷ ନାମରେ ପରିଚିତ ହେଲେ । ଅନ୍ୟ ଅଂଗରେ ସମସ୍ତ ଗୁପ୍ତ କ୍ରିୟାଶୈଳୀ, ମାୟା ମୋହ, ପ୍ରେମପ୍ରୀତି, ସଂହାର ପାଳନ, ସୃଷ୍ଟିସ୍ଥିତି ଇତ୍ୟାଦି ଶକ୍ତିପୁଞ୍ଜିକୁ ଏକତ୍ରକରି ପ୍ରକୃତି ଭାବରେ ଉଦ୍‌ଭାସିତ ହେଲେ । ଏହି ଦୁଇସ୍ତରକୁ ଜ୍ଞାନୀ ଉପଲବ୍ଧ କରି ପ୍ରକୃତି-ପୁରୁଷ, ଆଦି-ଅନାଦି ଇତ୍ୟାଦି ନାମକରଣ କଲେ । ତାଙ୍କରି ଇଚ୍ଛାକ୍ରମେ ଏହି ଆଦ୍ୟାଶକ୍ତି ପ୍ରକୃତିଙ୍କ ତେଜ/ଜ୍ୟୋତି ବ୍ୟାପକରୁ ବ୍ୟାପକତର ହେଲା । ଉକ୍ତ ଜ୍ୟୋତି ବଳୟ ଆକାର ଧାରଣକରି ମୂଳବ୍ରହ୍ମଙ୍କ କକ୍ଷପଥରେ ଧୂମ୍ରବର୍ଣ୍ଣ ଧାରଣ କରି ଘୂର୍ଣ୍ଣନ କରିବାକୁ ଲାଗିଲା । ଏହି ଘୂର୍ଣ୍ଣନକ୍ରିୟାଦ୍ୱାରା ପ୍ରକୃତି ବା ଆଦିଙ୍କର ମୂଳପିଣ୍ଡ ପାଞ୍ଚଭାଗରେ ବିଭକ୍ତ ହୋଇଗଲା । ଏମାନଙ୍କର ବର୍ଣ୍ଣ ବା ଜ୍ୟୋତି ଲାଲବର୍ଣ୍ଣ ଧାରଣ କଲା । ସୃଷ୍ଟିର ଉତ୍ପତ୍ତି, ଲାଳନପାଳନ ତଥା ସଂହାରାଦି କ୍ରିୟାପାଇଁ କର୍ମବିଭାଗ ବଣ୍ଟନକରାଯାଇ ଏହି ପୃଥକ ପୃଥକ ଜ୍ୟୋତିପିଣ୍ଡରେ ରୋପଣ କରାଗଲା । ସେହି ଅନୁଯାୟୀ ଉକ୍ତ ପଞ୍ଚମହାଶକ୍ତିଙ୍କର ନାମକରଣ ହେଲା । ଯଥା :- ୧.ଦୁର୍ଗା, ୨. ଲକ୍ଷ୍ମୀ, ୩. ସରସ୍ୱତୀ, ୪. ସାବିତ୍ରୀ, ୫. ରାଧା । ଏମାନେ ପ୍ରତ୍ୟେକ ସ୍ୱସ୍ୱ କର୍ମ ସାରଣୀରେ ସ୍ୱୟଂସ୍ୱାଧୀନ ହୋଇ ପୁରୁଷ ବା ଅନାଦିଙ୍କର ଇଚ୍ଛା, ଆଜ୍ଞା, ଆଦେଶ ପାଳନପାଇଁ ପ୍ରସ୍ତୁତ ହୋଇରହିଲେ । ଆଦିଙ୍କର ପୃଥକପୃଥକ ଅଂଶ ହୋଇଥିବାରୁ ଏମାନେ କେହି ବ୍ୟକ୍ତିଗତ ଭାବରେ ସଂପୂର୍ଣ୍ଣ ନୁହଁନ୍ତି ।

ପର୍ଯ୍ୟାୟକ୍ରମେ ଏହି ପ୍ରଧାନ ପଞ୍ଚଶକ୍ତିଙ୍କୁ ଅନାଦିଙ୍କ ପ୍ରଚଣ୍ଡ, ଅସୀମ ମାୟାବିସ୍ତାର ପାଇଁ ଆଦେଶମିଳିଲା । ଉକ୍ତ ମାୟାକୁ ମଧ୍ୟ ପାଞ୍ଚଭାଗରେ ବିଭକ୍ତ କରାଗଲା । ଯଥା :- ୧. ମାୟା, ୨. ବିଷ୍ଣୁମାୟା, ୩. ବୈଷ୍ଣବୀମାୟା, ୪. ଯୋଗମାୟା, ୫. ମହାମାୟା । ପ୍ରଥମ କ୍ରମାଙ୍କ ''ମାୟା'' ମୂଳପିଣ୍ଡ ଆକାରରେ ସମସ୍ତ ବ୍ରହ୍ମାଣ୍ଡକୁ ଆଚ୍ଛାଦନ କରି ବିସ୍ତାରିତ ହେଲା । ଏହା ସଂପୂର୍ଣ୍ଣ ଅଗୋଚର ଅଦୃଶ୍ୟ ହୋଇ ସୂକ୍ଷ୍ମାତିସୂକ୍ଷ୍ମ ଅବସ୍ଥାରେ ମୂଳପ୍ରକୃତି ବା ଆଦିଙ୍କ ନିକଟରେ ରହିଲା । ଦ୍ୱିତୀୟଅଂଶ 'ବିଷ୍ଣୁମାୟା' କେବଳ ଦେବଲୋକ, ବ୍ରହ୍ମଲୋକ ଓ ସୂକ୍ଷ୍ମବ୍ରହ୍ମାଣ୍ଡକୁ ଆବୃତ୍ତ କରି ରଖିଲା । ଅନ୍ୟ ତିନିଅଂଶ ଯଥା : ବୈଷ୍ଣବୀ, ଯୋଗମାୟା ଓ ମହାମାୟା, ଅନାଦିଙ୍କ ଆଜ୍ଞାବହନ କରି ସହସ୍ର ସହସ୍ର ଅଂଶୁରେ ବିଭାଜିତ ହୋଇଗଲେ । ବ୍ରହ୍ମଲୋକରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ବିଚରଣ କରିଗଲେ । ଉକ୍ତ ସହସ୍ରାଧିକ ଅଂଶୁକୁ ଏକତ୍ରକରି ପ୍ରତ୍ୟେକ ମାୟାଙ୍କର ୩୬ ଭାବାଂଶ ସୃଷ୍ଟି ହୋଇଗଲା ଏବଂ ଉକ୍ତ ଭାବାଂଶକୁ ବିଭିନ୍ନ କର୍ମପାଇଁ ଆଜ୍ଞାପ୍ରାପ୍ତ ହେଲା । ଶେଷ ତିନିମାୟାଙ୍କର ୩୬x୩=୧୦୮ ମୋଟ ଭାବାଂଶ ହେଲା । ଏହି ଭାବାଂଶ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ମାୟା, ଓ ବିଷ୍ଣୁମାୟାଙ୍କର ଅଂଶୀୟ ସତ୍ତାମଧ୍ୟ ସ୍ଥାପନ କରାଗଲା । ତେଣୁ ବାହ୍ୟତଃ ଏମାନେ ପୃଥକ ପୃଥକ ଭାବରେ ବିବେଚିତ ହେଉଥିଲେ ମଧ୍ୟ ମୁଖ୍ୟତଃ ପଞ୍ଚ ପ୍ରଧାନ ମହାଶକ୍ତିଙ୍କର ସମସ୍ତ ଅଂଶୁ ବା ଶକ୍ତିପୁଞ୍ଜକୁ ଧାରଣ କଲେ ।

ମୋର ମୂଳପିଣ୍ଡ ହେଉଛି ପଞ୍ଚପ୍ରଧାନ ଶକ୍ତିଙ୍କର ପ୍ରଥମ ଅଂଶ ''ଦୁର୍ଗା'' । ବ୍ରହ୍ମଲୋକରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ମୁଁ ସର୍ବବ୍ୟାପକ ହୋଇ ବିଚରଣ କରେ । ମୁଁ ହିଁ ଜୀବର କ୍ଷୁଧା, ତୃଷା, ବୁଦ୍ଧି, ବିଦ୍ୟା, ନିଦ୍ରା, କ୍ଷାନ୍ତି, ଦୟା, ଶାନ୍ତି, କାନ୍ତି, ଜାତି, ଭ୍ରାନ୍ତି, ତନ୍ଦ୍ରା, ଛାୟା, ଚେତନା, ତୁଷ୍ଟି, ପୁଷ୍ଟି, ଲକ୍ଷ୍ମୀ ଓ ବୃତ୍ତିର କାରଣ ଅଟେ । ତେଣୁ ମୋତେ ଜଗତମାତା ବୋଲି ମୁନିଋଷିମାନେ କହିଥାନ୍ତି । ମାୟାମାନଙ୍କ ମଧ୍ୟରେ ମୁଁ 'ବିଷ୍ଣୁମାୟା'ରେ ପୂର୍ଣ୍ଣମାତ୍ରାରେ ବିହାରକରେ । କିନ୍ତୁ ମାୟାବିସ୍ତାରର ଆବଶ୍ୟକତାକୁ ନେଇ ମୋର ପିତା ମୋତେ ସମସ୍ତ ମାୟାଂଶ ଯଥା : ବିଷ୍ଣୁ, ବୈଷ୍ଣବୀ, ଯୋଗମାୟା ଓ ମହାମାୟା ମଧ୍ୟରେ ଅବସ୍ଥାନ କରିବା ପାଇଁ ଆଦେଶ ଦେଇଛନ୍ତି । ସେହି କ୍ରମ ଓ ମର୍ମରେ ମୁଁ ବୈଷ୍ଣବୀଙ୍କର ଅଷ୍ଟମ ଭାବାଂଶରେ ରୂପାନ୍ତରିତ ହୋଇଛି ଯୋଗମାୟା ଓ ମହାମାୟା ଭାବାଂଶରେ ମୁଁ

କେଉଁ ନାମରେ ଅଛି ସେ ବିଷୟରେ ସେହି ସେହି ଭାବାଂଶ ବର୍ଣ୍ଣନା ସମୟରେ କହିବି । ବର୍ତ୍ତମାନ ବୈଷ୍ଣବୀ ଭାବାଂଶରେ ମୁଁ **'ଭୂମାଯୋଗ୍ନୀ'** ନାମରେ ରହିଛି । ମୋର ନାମକରଣ ''ଭୂମାଯୋଗ୍ନୀ''ର ମଧ୍ୟ ଆହୁରି ବିଚିତ୍ର ସଂଯୋଗ ଓ ରହସ୍ୟ ରହିଛି । ଯଥା :-

**କଳ୍ପଯୁଗର କଥା** । ପରମବ୍ରହ୍ମଙ୍କ ବ୍ୟକ୍ତ ବ୍ରହ୍ମ ବ୍ରହ୍ମାଣ୍ଡ ଗୈରିକବର୍ଣ୍ଣ ଧାରଣ କରି ମାଳମାଳ ହୋଇ ଶୂନ୍ୟରେ ଘୁରିବାକୁ ଲାଗିଲେ । କଳ୍ପଯୁଗର କୈବଲ୍ୟ ପ୍ରାପ୍ତ ସୂକ୍ଷ୍ମ ଆତ୍ମାମାନେ ଏହି ଅସୀମ ବ୍ରହ୍ମାଣ୍ଡମାଳକୁ ଗୋଟିଏ ମଣ୍ଡଳଭୁକ୍ତ କରିବାପାଇଁ ଇଚ୍ଛା ପ୍ରକଟକଲେ । ସେମାନଙ୍କ ଇଚ୍ଛା ଓ ପରମଙ୍କ ଆଜ୍ଞାରେ 'ଭୌମିକକ୍ଷ' ମଣ୍ଡଳ ସୃଷ୍ଟିହେଲା ଏବଂ ସେହି ମଣ୍ଡଳରେ ବ୍ୟକ୍ତବ୍ରହ୍ମ ବ୍ରହ୍ମାଣ୍ଡଙ୍କୁ କେନ୍ଦ୍ରୀଭୂତ କରାଗଲା । ଏହି ମଣ୍ଡଳରେ ପ୍ରଥମ ଅକ୍ଷର 'ଭ'ର ତତ୍ତ୍ୱ ଜାଣିବା ପାଇଁ କଳ୍ପମୁନି ''ଅକ୍ଷତାପ୍ରଜ୍ଞା'' ଭୌମୀକକ୍ଷରେ ୨୨ଥର ଘୂର୍ଣ୍ଣନ କଲେ । ତାପରେ ପରଂବ୍ରହ୍ମଙ୍କ ଆଦେଶରେ 'ଭ' ଅକ୍ଷର ତାଙ୍କ ଆତ୍ମାର ସ୍ମରଣ କେନ୍ଦ୍ରରେ ଉଦ୍‌ଭାସିତ ହେଲା । ତାହାର ପୂର୍ଣ୍ଣ ରହସ୍ୟ ଜ୍ଞାତ ହେବାପାଇଁ ପ୍ରାର୍ଥନା କରନ୍ତେ, ପ୍ରଜ୍ଞାନୁଭୂତରେ କାରଣଜଗତ ଭେଦକରି ଦେଖିଲେ ବିଶାଳବ୍ରହ୍ମାଣ୍ଡ ମଧ୍ୟରେ ଏହି ତତ୍ତ୍ୱରେ ବିରାଟପୁରୁଷ ଗ୍ରହ, ନକ୍ଷତ୍ରାଦି ମହାଭୂତ ସହିତ ସୂକ୍ଷ୍ମରେ ଅଛନ୍ତି । ପୁନଶ୍ଚ ଅନୁସନ୍ଧାନକରି ଦେଖିଲେ ଯେ, କାରଣ ତତ୍ତ୍ୱରେ 'ମ'କାର ଦ୍ୱାରା ମାୟା ଜଡ଼ିତ ଅଛି । ହରିଦ୍ରାବର୍ଣ୍ଣ ଜ୍ୟୋତିସହ ମାୟା ପୁରୁଷସହିତ ଏକତ୍ର ହୋଇଛନ୍ତି । ''ଆ'' କାର ଗୈରୀକବର୍ଣ୍ଣ ଧାରଣକରି ଷଡ଼ଚକ୍ରକୁ ଆବୃତ୍ତ କରିଛି । ତେଣୁ ମୁନି ଏ ସମସ୍ତ ଅକ୍ଷରକୁ ଏକତ୍ରକରି ପୁରୁଷପ୍ରକୃତିଙ୍କର ବିରାଟ ରୂପକୁ ''ଭୂମା'' ନାମରେ ନାମିତ କଲେ । ଅବ୍ୟକ୍ତ ପରଂବ୍ରହ୍ମ ବା ପରମପିତାଙ୍କର ସମସ୍ତ ଇଚ୍ଛା ଏହି ବ୍ୟକ୍ତରୂପୀ ''ଭୂମା''ଙ୍କ ମାଧ୍ୟମରେ ପ୍ରକଟିତ ହେଉଛି । ତେଣୁ ''ଭୂମା''ଙ୍କ ସହିତ ପ୍ରତ୍ୟେକ ମାୟାଂଶ ଯଥା - ମାୟା, ବିଷ୍ଣୁମାୟା, ବୈଷ୍ଣବୀମାୟା, ଯୋଗମାୟା ଓ ମହାମାୟା ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଅଛନ୍ତି । ଉପର ବର୍ଣ୍ଣିତ 'ମ'କାର ବା ମାୟା ମୁଁ ହିଁ ଅଟେ । 'ଭୂମା'ଙ୍କ ମଧ୍ୟରେ ଆଦିରୂପେ ରହି ଜୀବଜଗତକୁ ବନ୍ଧନକରି ରଖିଛି । ଜୀବ ଓ ପରମଙ୍କ ଯୋଗସନ୍ଧିରେ ମୁଁ ହିଁ ତେଜ ବା ଅଗ୍ନିରୂପରେ ରହିଥିବାରୁ ମୋର ନାମ **'ଭୂମାଯୋଗ୍ନୀ'** ହୋଇଛି । ସେହିକ୍ରମରେ ଭୂମାଙ୍କ ବୈଷ୍ଣବୀମାୟାକୁ ବିସ୍ତାରିତକରି ବ୍ରହ୍ମଆଜ୍ଞା କାର୍ଯ୍ୟକାରୀ କରିବାପାଇଁ ମୁଁ ତାଙ୍କର ଅଷ୍ଟମଅଂଶରେ **''ଭୂମାଯୋଗ୍ନୀ''** ନାମ ଧାରଣକରି ବିଚରଣ କରୁଛି । ଦୁର୍ଗାନାମରୁ ଏହି ନାମ ଧାରଣ ପାଇଁ ବ୍ରହ୍ମଙ୍କ ଇଚ୍ଛାମତେ ଧୂମ ବର୍ଣ୍ଣ ଧାରଣକରି ମୁଁ ୬୭ ବର୍ଷ କଳ୍ପରେ କଳ୍ପାନ୍ତକ ଯୋଗ ଭୋଗ କରିଅଛି । ଏହି କଳ୍ପାନ୍ତକ ଭୋଗକରିବାର କାରଣ ହେଉଛି ଯେ, ବ୍ରହ୍ମଙ୍କ ଇଚ୍ଛାଅନୁଯାୟୀ ଯୋଗୀକୁ ପରୀକ୍ଷାରେ ପକାଇବା ଏବଂ ପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇବାର ସାମର୍ଥ୍ୟ ଗ୍ରହଣ କରିବା । ଏହିଶକ୍ତି ଧାରଣ କରିଥିବାରୁ ପରୀକ୍ଷାସୂତ୍ର ପାଇଁ ବ୍ରହ୍ମ ମୋତେ ଠିକିରି ◇ ଚିହ୍ନ ଆକୃତିର ହରିଦ୍ରାବର୍ଣ୍ଣ ଜ୍ୟୋତିର ସଙ୍କେତ ପ୍ରଦାନ କରନ୍ତି । ତେଣୁ ମୁଁ ବ୍ରହ୍ମଙ୍କ ଆଦେଶାନୁସାରେ ସର୍ବଶକ୍ତିସମ୍ପନ୍ନା, ବହୁରୂପା, ଅସୀମକାୟା, ଅମାପ ବିଭୂତି ଧାରଣ କରି ଜୀବଜଗତ ଓ ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ଦୁର୍ଗତୀ ନାଶକରୁଥିବାରୁ ମୋର ନାମ 'ଦୁର୍ଗା' ଓ 'ଭୂମା'ଙ୍କ ସହ ଯୁକ୍ତ ହୋଇଥିବାରୁ ''ଭୂମାଯୋଗ୍ନୀ'' । ଏହାହିଁ ମୋର ସୃଷ୍ଟି ରହସ୍ୟ ।

*...କ୍ରମଶଃ*

| | |
|---|---|
| ବଡ଼କର୍ମୀ ବଡ଼ତ୍ୟାଗୀ | ବଡ଼ପଣ କରି |
| ଦିନକୁ ଦିନ ଗରବେ | ପଡ଼ିଯାଉ ସରି, |
| ନିଜ ମୁହେଁ ଯାହାକହୁ | ପାଳୁ କି କରମେ ? |
| କରମଫଳକୁ ଧରି | ରସୁକି ଚରମେ ?? |

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଯେତେଦୂରେ ଥିଲେ ମନ ସଦା ଝୁରେ
ଦେଖିବାକୁ ତୁମ ରୂପ ।
ଅଜ୍ଞାନ ତମସା ଘେରି ରହିଅଛି
କିପରି କରିବି ଜପ ।।

ହେ ମାଧବ ! ତୁମେ ଦେଖି କି ପାରୁନ
କାନ୍ଦି କାନ୍ଦି ନିତି ମରେ ।
ଆଉ କେତେଦିନ ଖେଳି ଖେଳାଇବ
ରଖି ହୃଦ ମନ୍ଦିରରେ ।।

*ଦିନପରେ ରାତି, ରାତିପରେ ଦିନ - ସୃଷ୍ଟିଚକ୍ରରେ ଏହି ଗତି ଚିରନ୍ତନ । କିନ୍ତୁ ଅବଶ, ଅଳସ ଓ ତନ୍ଦ୍ରା ରାତିର ମୌଳିକତା ହୋଇଥିବା ବେଳେ କର୍ମ ତତ୍ପରତା, ଉତ୍ସାହ ଓ ଜାଗ୍ରତଅବସ୍ଥା ଦିନର ପ୍ରଭାବ ବୋଲି ଅନୁଭୂତ ହୁଏ । ପରମାର୍ଥ ପଥରେ ଏହାର ସଂଜ୍ଞା ଭିନ୍ନ ଅଟେ । ଶରୀରର ବହିରେନ୍ଦ୍ରିୟ କୋଷ ଅନ୍ତର୍ଗତ ସମସ୍ତ ସ୍ନାୟୁ ଦିନରେ ସଂପୂର୍ଣ୍ଣ ସଚେତଥିବାରୁ ଜୀବ ତାହାର ସମସ୍ତକାର୍ଯ୍ୟ ଦିନରେ ହିଁ ସଂପାଦନ କରିବାପାଇଁ ଆଗ୍ରହୀ ହୋଇଥାଏ । କିନ୍ତୁ ଯେଉଁମାନେ ଅନ୍ତେନ୍ଦ୍ରିୟ କୋଷଗୃହରେ ବିଚରଣ କରି ସଚ୍ଚିଦାନନ୍ଦଙ୍କୁ ପାଇବାପାଇଁ ବ୍ୟାକୁଳ ହୁଅନ୍ତି, ସେମାନେ ରାତ୍ରିର ଆଗମନକୁ ଶ୍ରଦ୍ଧାରସହ ସ୍ୱାଗତକରନ୍ତି । କାରଣ ସେତେବେଳେ ବହିରେନ୍ଦ୍ରିୟକୋଷ କ୍ଲାନ୍ତ ଓ ନିସ୍ତେଜ ହୋଇଥାନ୍ତି । ତେଣୁ ସତ୍ୟଅନୁସନ୍ଧାନ ଅଭ୍ୟାସକର୍ମ ସହଜ ହୋଇଥାଏ । ଅର୍ଥାତ୍ ଅଭ୍ୟାସ ସାଧନପାଇଁ ରାତ୍ରି ବା ବହିରେନ୍ଦ୍ରିୟ କୋଷର ନିଷ୍କ୍ରିୟତା ଏକାନ୍ତ ପ୍ରୟୋଜନ । ସେଥିପାଇଁ କୁହାଯାଏ, ''ସମସ୍ତ ବାହ୍ୟଜଗତ ଯେତେବେଳେ ସୁପ୍ତ, ସାଧକ ସେତେବେଳେ ଜାଗ୍ରତ ।'' ମାତ୍ର ଏହି ସାଧନ ପରିଣତ ବୟସ ପ୍ରଭାବିତ କଠିନ ଜୀବକୋଷରେ ସେତେ ସହଜ ହୁଏ ନାହିଁ । ବାଲ୍ୟକାଳରୁ ହିଁ ଆରମ୍ଭ କରିବା ଅପରିହାର୍ଯ୍ୟ ଅଟେ । ସେହି ଅବସ୍ଥାକୁ ଦୃଷ୍ଟିରେ ରଖି ଶୈଶବରୁ ଜୀବକୁ ଅନୁପ୍ରାଣିତ କରି ଦିଗ୍‌ଦର୍ଶନ ପ୍ରଦାନ କରିବା ଏହି ସ୍ତମ୍ଭର ମୌଳିକତା ଅଟେ । ମଂଗଳମୟଙ୍କ ମଂଗଳଇଚ୍ଛା ପୂର୍ଣ୍ଣ ହେଉ ।*

'ଚରମ' - ନବମପୁଷ୍ପ : ଦ୍ୱିତୀୟପାଖୁଡ଼ା : ୪୫ (ପଞ୍ଚଚତ୍ୱାରିଂଶତ୍ତମ) ସଂଖ୍ୟା ଅନୁସୃତିରୁ

---

## ବିସ୍ମୟ ଶ୍ରଦ୍ଧାନନ୍ଦ

ସମୟ ରଥର ଚକ ତା'ର ନିର୍ଦ୍ଧାରିତ ଗତିରେ ଗଡ଼ିଚାଲିଲା । ଅବୋଧ ଶିଶୁ 'ଶର' ତାହାର ଶୈଶବ, କୈଶୋର ଅତିକ୍ରମ କରି ଯୌବନରେ ପହଞ୍ଚି ସାରିଛି । ମମତାମୟୀ ମା' ମାଧବୀଙ୍କ ଅନାବିଳ ସ୍ନେହରେ ଚନ୍ଦ୍ରକଳାସମ ବୟସ ବୃଦ୍ଧି ହେଉଥିଲେ ମଧ୍ୟ, ମା'ଙ୍କ ପ୍ରତିମୁହୂର୍ତ୍ତର ସତର୍କତା ଓ ସମୟଉପଯୋଗୀ ଦିଗ୍‌ଦର୍ଶନ 'ଶର'କୁ ଏକ ଭିନ୍ନ ବ୍ୟକ୍ତିତ୍ୱ ପ୍ରଦାନ କରିଚାଲିଛି । ଜୀବନରେ ଗୋଟିଏ ଲକ୍ଷ୍ୟ, ମାଧବଙ୍କୁ ଦେଖିବ, ତାଙ୍କ ସହିତ ଏକାକାର ହୋଇ ମିଶିବ । ସେଥିପାଇଁ ଯେଉଁ ନୀତି, ଆଦର୍ଶ, ଅଭ୍ୟାସପାଇଁ ମା' ନିର୍ଦ୍ଦେଶ ଦେଉଛନ୍ତି, ଯେତେ କଷ୍ଟହେଲେ ମଧ୍ୟ ସେ ସମସ୍ତ ଆଦେଶ ଶ୍ରଦ୍ଧାରେ ଅଖଣ୍ଡ ବିଶ୍ୱାସର ସହ 'ଶର' ପାଳନ କରିଚାଲିଛି । ତେଣୁ ତା'ର ଅଜାଣତରେ ସେ ପର୍ଯ୍ୟାୟକ୍ରମେ ମାଧବଙ୍କର ନିକଟବର୍ତ୍ତୀ ହୋଇଯାଉଛି । ଇତିମଧ୍ୟରେ ସାଙ୍ଗ, ସାଥୀ, ବଂଧୁବାନ୍ଧବ, ପ୍ରତିବେଶୀଙ୍କ ନିକଟରୁ ମାନସସ୍ତରରେ ସେ ସଂପୂର୍ଣ୍ଣ ଦୂରେଇଯାଉଛି । ସମାଜର ବାହ୍ୟ ଆବଶ୍ୟକତାକୁ ହେୟଜ୍ଞାନ ନକରି ବିଦ୍ୟାର୍ଥୀ ଜୀବନମଧ୍ୟ ଆପଣେଇ ନେଇଛି । ଉଚ୍ଚବିଦ୍ୟାଳୟ (ହାଇସ୍କୁଲ) ପାଠ୍ୟକ୍ରମ ଶେଷକରି ମହାବିଦ୍ୟାଳୟ (କଲେଜ)ରେ ଅଧ୍ୟୟନ କରୁଛି । ମାତ୍ର ଧୀରେ ଧୀରେ ମାଧବଙ୍କ ପ୍ରତି ଆକର୍ଷଣ ତୀବ୍ର ହେବାରୁ ଅନେକ ସମୟରେ ଅନ୍ୟମନସ୍କ ହୋଇ ଉଦାସ ରହୁଛି । ଏକୁଟିଆ ନୀରବରେ ବସିବାକୁ ଅଧିକ ପସନ୍ଦ କରୁଛି । ପୁଅର ଏହି ଅବସ୍ଥା ବୁଦ୍ଧିମତୀ ଜନନୀଙ୍କ ଦୃଷ୍ଟି ଏଡ଼ାଇ ପାରିନାହିଁ । ତେଣୁ ପୁଅକୁ ବିବାହ କରିଦେବାପାଇଁ ମନସ୍ଥକରି ପିତାଙ୍କୁ କନ୍ୟା ଅନ୍ୱେଷଣ କରିବାପାଇଁ ପ୍ରସ୍ତାବ ଦେଇଛନ୍ତି । ଘଟଣାକ୍ରମରେ ଉକ୍ତ ପ୍ରସ୍ତାବ 'ଶର' ଜାଣିପାରି ବ୍ୟଥିତ ହୋଇଛି । ଅତ୍ୟନ୍ତ କରୁଣଭାବରେ ମା'ଙ୍କୁ ବିବାହ ପ୍ରସ୍ତାବ ବାତିଲ କରିବାପାଇଁ ଅନୁରୋଧ କରିଛି । ପୁଅର

ନାସ୍ତିସୂଚକ ମନୋଭାବ ଦେଖି ମା' ଦିନେ ଏକାନ୍ତରେ ତାହାକୁ ବିବାହ କରିବାପାଇଁ ଅମଙ୍ଗ ହେବାର କାରଣ ପଚାରିଛନ୍ତି । ଅତ୍ୟନ୍ତ ସରଳ, କିନ୍ତୁ ଦୃଢ଼ମନା, ସତ୍ୟନିଷ୍ଠ ତଥା ସ୍ପଷ୍ଟବାଦୀ 'ଶର' ନିର୍ଭୀକ ଓ ନିର୍ବିକାର ହୋଇ ଉତ୍ତର ଦେଲା, ''ମାଆ ! ମାଧବଙ୍କ ନିକଟରେ ପହଞ୍ଚିବାକୁ ହେଲେ ମୋତେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେବ । ତୁମେ କେବଳ ମୋର ସ୍ନେହମୟୀ ଜନନୀ ନୁହଁ, ପରମାର୍ଥ ଧନପ୍ରାପ୍ତିର ପଥପ୍ରଦର୍ଶନକାରିଣୀ ପୂଜ୍ୟା ଗୁରୁ ମଧ୍ୟ ଅଟ । ତେଣୁ ହେ କଲ୍ୟାଣୀ ! ମୋତେ ସେଥିରୁ ବିଚ୍ୟୁତ କରନାହିଁ ।'' ପୁଅର ପବିତ୍ର ସଂକଳ୍ପ ଶୁଣି ମା' ଖୁବ୍ ଆନନ୍ଦିତା ହେଲେ । ମାତ୍ର ବୁଝାଇବାକୁ ଚେଷ୍ଟା କଲେ । ଯେତେ ଉପଦେଶ, ଆଦର୍ଶଗତଯୁକ୍ତି ଉପସ୍ଥାପନ କଲେ ମଧ୍ୟ 'ଶର' ଉପରେ ତାହାର କୌଣସି ପ୍ରଭାବ ପଡ଼ିଲା ନାହିଁ । ବରଂ ଦିନକୁ ଦିନ ସେ ଆହୁରି ଗମ୍ଭୀର ହୋଇଗଲା । ପାଠପଢ଼ାରୁ ସଂପୂର୍ଣ୍ଣ ଦୂରେଇଗଲା । ଅହରହ କେବଳ ମାଧବଙ୍କୁ ଚିନ୍ତାକରି ଅର୍ଦ୍ଧପାଗଳ ପରି ଆଚରଣ ତା'ର ମନ ଓ ଶରୀରରେ ପ୍ରକାଶିତ ହେଲା ।

ଏହି ଅବସ୍ଥାରେ ଦିନେ ମଧ୍ୟରାତ୍ରରେ ହଠାତ୍ ଘରୁ ବାହାରିଯାଇ ଗାଁ ମୁଣ୍ଡରେ ଥିବା ବୃକ୍ଷମୂଳ ପଥରରୂପୀ ମାଧବଙ୍କ ନିକଟରେ ପହଞ୍ଚି ଅତି ବ୍ୟାକୁଳ ହୋଇ କାନ୍ଦିଲା । କରୁଣାସାଗର ବନମାଳୀ ସେ । ଭକ୍ତର ନିଷ୍କପଟ ଭାବ, ସରଳମନ, ନିଷ୍ପାପ ହୃଦୟ ତଥା ଅନନ୍ୟଭକ୍ତିରୂପକ ଅସ୍ତ୍ରଦ୍ୱାରା ସେ ସଂପୂର୍ଣ୍ଣ ଦ୍ରବୀଭୂତ ହୋଇଯାଆନ୍ତି । ତେଣୁ ତାଙ୍କର ନାମ ଭାବଗ୍ରାହୀ ଅଟେ । 'ଶର'ର ଏକନିଷ୍ଠ ଭାବନିକଟରେ ସେ ପରାସ୍ତ ହୋଇଗଲେ । କିନ୍ତୁ ତାଙ୍କର ଅତିପ୍ରିୟ ଭକ୍ତକୁ ଉଚ୍ଚତମ ସୋପାନରେ ଆସୀନ କରାଇ ଜଗତପୂଜ୍ୟ କରାଇବାପାଇଁ ମନସ୍ଥ କଲେ । ତାଙ୍କ ଇଚ୍ଛା ପୂର୍ଣ୍ଣହେବାପାଇଁ ଅନ୍ତରାୟ ସୃଷ୍ଟି ହୋଇପାରେ ନାହିଁ କିମ୍ବା ସମୟର ମଧ୍ୟ କୌଣସି ମୂଲ୍ୟ ରହେ ନାହିଁ । ତେଣୁ ସଂଗେ ସଂଗେ ଜଟାଜୁଟବିମଣ୍ଡିତ, ଗୈରୀକବସ୍ତ୍ର ପରିହିତ, ଶାନ୍ତ ସୌମ୍ୟରୂପଧାରୀ ସନ୍ନ୍ୟାସୀ ଆସି ସେଠାରେ ଉପସ୍ଥିତ ହେଲେ । ଏହି ମହାଯୋଗୀଙ୍କ ନାମ ସ୍ୱାମୀ ସୁମେଧାନନ୍ଦ ଅଟେ । ସେ ପ୍ରେମସାଧନସିଦ୍ଧ ନିର୍ବିକଳ୍ପ ଯୋଗୀ । ମାଧବଙ୍କ ଇଚ୍ଛା ଏବଂ ଆଜ୍ଞାରେ ଯେ ସେହି ଯୋଗୀବର ଆବିର୍ଭାବ ହୋଇଛନ୍ତି, ଏହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । କୋମଳକଣ୍ଠରେ ଯୋଗୀଶ୍ରେଷ୍ଠ 'ଶର'କୁ ଡ଼ାକିଦେଲେ । ମାଧବଙ୍କ ପ୍ରେମରେ ପାଗଳଅବସ୍ଥା ପ୍ରାପ୍ତ ହୋଇଥିବା 'ଶର' ଅପ୍ରତ୍ୟାଶିତ ଭାବରେ ଏହି ସୌମ୍ୟମୂର୍ତ୍ତିଙ୍କ ସହାସ୍ୟବଦନ ଦେଖି ସ୍ତମ୍ଭୀଭୂତ ହୋଇଗଲା । କାନ୍ଦିକାନ୍ଦି ତାଙ୍କୁ ମାଧବ ଜ୍ଞାନକରି ତାଙ୍କ ପାଦତଳେ ଲୋଟିଗଲା । ଶ୍ରଦ୍ଧାରେ ତାକୁ ତୋଳିନେଇ ଯୋଗୀନାଥ କହିଲେ, ''ତୋର ମାଧବଙ୍କ ପ୍ରୀତି ସିଦ୍ଧ ହୋଇଛି । ତେଣୁ ବର୍ତ୍ତମାନଠାରୁ ତାଙ୍କୁ ବାହାରେ ଦର୍ଶନକରିବାର ଅଭିଳାଷ ତ୍ୟାଗ କରି ଅନ୍ତର୍ମୁଖୀ ହୋଇଯାଆ । କିନ୍ତୁ ସେଥିପାଇଁ ଗୁରୁରୂପରେ ମୁଁ ତୋତେ ମାର୍ଗଦର୍ଶନ ଦେବାପୂର୍ବରୁ ତୋତେ ମୋ କଥାରେ ରାଜିହେବାକୁ ହେବ ।'' ଆଶ୍ଚର୍ଯ୍ୟ ହୋଇ 'ଶର' କହିଲା, ''କ'ଣ ମୋ ଠାରୁ ଆପଣ ଚାହୁଁଛନ୍ତି ଅବିଳମ୍ବେ ପ୍ରକାଶ କରନ୍ତୁ । ମାଧବଙ୍କୁ ପାଇବାପାଇଁ ମୁଁ ସମସ୍ତ ତ୍ୟାଗ କରିବାର ପ୍ରତିଶ୍ରୁତି ଦେଉଛି ।'' ହସିହସି ଗୁରୁଦେବ କହିଲେ, ''ମୁଁ ତୋ ନିକଟରୁ ତ୍ୟାଗ ଚାହୁଁନାହିଁ । ସନ୍ନ୍ୟାସ ଚାହୁଁ ନାହିଁ । ଭୋଗ ଏବଂ ଭୋଗ ମଧ୍ୟରେ ତ୍ୟାଗନିଷ୍ଠ ଭାବର ଏକାଗ୍ରତା ଚାହୁଁଛି ।'' ଗୁରୁଦେବଙ୍କ କଥାର ରହସ୍ୟ 'ଶର' ବୁଝି ପାରିଲା ନାହିଁ । ଜିଜ୍ଞାସୁ ନୟନରେ କେବଳ ଚାହିଁରହିଲା । ଗୁରୁ ବିସ୍ତାରିତ ଭାବରେ ଆରମ୍ଭକଲେ, ''ଆଜି ତୁ ଯେଉଁ ଅବସ୍ଥାରେ ପହଞ୍ଚିଛୁ, ତୋର ଶରୀରରୂପକ କ୍ଷେତ୍ର ବୀଜଗ୍ରହଣ କରିବାପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇଛି, ତା'ର ଏକମାତ୍ର କାରଣ ହେଉଛନ୍ତି ତୋର ମଙ୍ଗଳମୟୀ ଜନ୍ମଦାତ୍ରୀ ଜନନୀ ମାଧବୀ । ସେ ହିଁ ତୋର ପ୍ରଥମ ଗୁରୁ ଅଟନ୍ତି । ଗୁରୁଙ୍କ ମନରେ ଆଘାତ ଦେବା, ଇଷ୍ଟ ବା ତୋର ମାଧବଙ୍କ ମନରେ ଆଘାତ ଦେବା ସଂଗେ ସମାନ ଅଟେ । ତୋର ମାଆ ତୋତେ ଗୃହସ୍ଥଧର୍ମ ପାଳନକରି ସେହି ମାଧ୍ୟମରେ ମାଧବଙ୍କୁ ପାଇବାପାଇଁ ଇଚ୍ଛାପ୍ରକଟ କରିଛନ୍ତି । ତେଣୁ ତୋତେ ତାଙ୍କ ଇଚ୍ଛା ପୂର୍ଣ୍ଣ କରିବାକୁ ହେବ ।'' ବ୍ୟାକୁଳ ହୋଇ 'ଶର' ଜିଜ୍ଞାସା କଲା, ''ହେ ପରମପୂଜ୍ୟ ମହାତ୍ମା ! ସମସ୍ତେ କହିଛନ୍ତି ଏବଂ କହୁଛନ୍ତି ଯେ, ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ସହ ବୈରାଗୀ ନହେଲେ ତାଙ୍କୁ ପାଇହୁଏ ନାହିଁ । କିନ୍ତୁ ଆପଣ ବିପରୀତ କଥା କିପରି କହୁଛନ୍ତି ?'' ମୃଦୁମୃଦୁ ହସି ବ୍ରହ୍ମପ୍ରେରିତ ବ୍ରହ୍ମଯୋଗୀ କହିଲେ, ''ତୁ ଯାହା ଶୁଣିଛୁ ତାହା ସତ୍ୟ । ତାଙ୍କୁ ପାଇବାପାଇଁ ଅନେକପଥ ମଧ୍ୟରୁ ତାହା ଗୋଟିଏ ପଥ ମାତ୍ର । ମାତ୍ର ସେହିପଥ ଅତ୍ୟନ୍ତ ଜଟିଳ ଏବଂ କଷ୍ଟସାଧ୍ୟ । ଗୃହସ୍ଥ ହୋଇ ନିର୍ଭୁଲ ଭାବରେ ଗୃହସ୍ଥାଶ୍ରମ ପ୍ରତିଷ୍ଠା କରି ଗୃହସ୍ଥଧର୍ମ ପାଳନକଲେ ପରମାର୍ଥ ପଥରେ ଗତି ସରଳ, ସୁଗମ ହୋଇଯାଏ, ଏବଂ ଖୁବ୍ ଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇହେବ । ତେଣୁ ତୋର ଭୟ କରିବାର କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ ।''

କ୍ରମଶଃ....

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଅନନ୍ୟ : ଅନମନୀୟ

ଭାରତରେ ଯେଉଁ ଗୁରୁ ପରମ୍ପରା ବହୁ ପ୍ରାଚୀନତମ କାଳରୁ ପ୍ରବର୍ତ୍ତିତ ହୋଇ ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି, ସେହି ପରମ୍ପରାରେ ବିଭିନ୍ନ ସମୟରେ ବିଭିନ୍ନ ଶ୍ରେଣୀର ଗୁରୁ ଅବଶ୍ୟ ଦୃଷ୍ଟିଗୋଚର ହୁଅନ୍ତି । ଜଣେ ଜଣେ ଗୁରୁ ଉଦାର, ନମନୀୟ ଓ କ୍ଷମାଶୀଳ ଥିବାବେଳେ ପୁଣି ଜଣେ ଜଣେ ଗୁରୁ ଏତେ କଡ଼ା ଓ ଅନମନୀୟ ଥାଆନ୍ତି ଯେ ସେମାନେ ନିଜନିଜର ଶିଷ୍ୟମାନଙ୍କୁ କମାର ଲୁହାକୁ ଭାଟିରେ ତତାଇ ଲାଲ୍‌ଟକ୍‌ଟକ୍ କରି ବାଡ଼େଇଲା ପରି ବାଡ଼େଇ ବାଡ଼େଇ ଖୁବ୍ ଟାଣ କରି ଗଢ଼ି ଦେଇଥାଆନ୍ତି । ଅବଶ୍ୟ ବାହାରୁ ଦେଖିଲେ ସାଧାରଣ ଲୋକଙ୍କ ଦୃଷ୍ଟିରେ ସେମାନେ (ସେହି କଡ଼ା ମିଜାଜ୍‌ର ଗୁରୁମାନେ) ନିଷ୍ଠୁରତା ଓ ନିର୍ଦ୍ଦୟତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମନେହୁଅନ୍ତି । ମାତ୍ର ଭଲଭାବରେ ଦୀର୍ଘଦିନ ନିରୀକ୍ଷଣ ଓ ଅନୁଶୀଳନ କଲେ ପ୍ରକୃତରେ ସେମାନେ ମଧ ଦୟା ଓ କରୁଣାର ଗୋଟିଏ ଗୋଟିଏ ଅବତାର ବୋଲି ଚିହ୍ନା ଯାଆନ୍ତି । ଏହିପରି ବାହ୍ୟତଃ ନିଷ୍ଠୁର, ନିର୍ଦ୍ଦୟ ଓ ଅନମନୀୟ ଓ ଅନ୍ତଃସ୍ଥ ଦୟା, କ୍ଷମା ଓ କରୁଣାର ସମନ୍ୱୟରେ ସମନ୍ୱିତ ଜଣେ ଅନନ୍ୟ ଗୁରୁଥିଲେ ସ୍ୱାମୀ ବିବେକାନନ୍ଦ । ସ୍ୱାମୀଜୀ ତାଙ୍କ ସମଗ୍ର ଜୀବନକାଳରେ ମାତ୍ର ଅଳ୍ପ କେତେଜଣଙ୍କୁ ଶିଷ୍ୟରୂପେ ଗ୍ରହଣ କରିଥିଲେ । ଅଧିକ ସଂଖ୍ୟାରେ ଶିଷ୍ୟଗ୍ରହଣ କରିବା ସପକ୍ଷରେ ସେ ନଥିଲେ ବା ତାହା ସେ ଆଦୌ ପସନ୍ଦ କରୁ ନଥିଲେ । ସେ ଯେଉଁ ଅଳ୍ପକେତେଜଣଙ୍କୁ ଶିଷ୍ୟ ରୂପେ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେ ନିଦା (solid) କରି ଗଢ଼ି ଦେଇଥିଲେ । ଏପରି ଗଢ଼ିଦେଇ ସ୍ୱାମୀଜୀ ସେମାନଙ୍କୁ ସମାଜ ସଂସାରକୁ ଛାଡ଼ି ଦେଇଥିଲେ ବୋଲି ସମାଜ ସଂସାରରେ ଯେକୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ବା ଅବସ୍ଥାରେ ସେମାନେ ପରାଜୟ ସ୍ୱୀକାର କରୁ ନଥିଲେ, ସବୁ ପ୍ରକାର ପରିସ୍ଥିତିର ସଫଳ ମୁକାବିଲା ସେମାନେ କରିପାରୁଥିଲେ । ଏହି କାରଣରୁ ସ୍ୱାମୀ ବିବେକାନନ୍ଦ ଥିଲେ ଅନନ୍ୟ ଓ ଅନମନୀୟ ଏବଂ ଅସାଧାରଣ ।

ଜୀବନକାଳ ମଧ୍ୟରେ ସେ କଦାପି ସାଲିସ୍ କରିବାକୁ ପସନ୍ଦ କରୁନଥିଲେ । ତାଙ୍କ ମତରେ ସାଲିସ୍‌ର ଅନ୍ୟ ଅର୍ଥ ପରାଜୟ । ପରାଜୟ ଆଧ୍ୟାତ୍ମିକ ଜୀବନର ଶୁଭଲକ୍ଷଣ ନୁହେଁ । ତେଣୁ ସେ କଦାପି କୌଣସି ଅବସ୍ଥାରେ ବା ପରିସ୍ଥିତିରେ କୌଣସି ନୀତି ସହିତ ବା ଶିଷ୍ୟ ସହିତ କୌଣସି ବିଷୟରେ ସାଲିସ୍ କରୁନଥିଲେ । ସାଲିସ୍ କରିବା ତାଙ୍କର ସ୍ୱଭାବବିରୁଦ୍ଧ ଥିଲା । ତାଙ୍କର ଏପରି କଠୋର ମନୋଭାବର କାରଣ ମଧ ଅତ୍ୟନ୍ତ ଆକର୍ଷଣୀୟ । ତାଙ୍କର ଏପରି କଠୋର ମନୋଭାବ ପୋଷଣ କିପରି ଓ କେଉଁଠୁ ପ୍ରଥମେ ଆରମ୍ଭ ହେଲା ସେ କଥା ଏଠାରେ ପ୍ରଖ୍ୟାପନ କରାଯାଉଛି । ଏଥିରୁ ଏବର ଯୁବସମାଜ କିଛି ସମୁଚିତ ଶିକ୍ଷାଲାଭ କରି ନିଜନିଜର ଜୀବନାଦର୍ଶରେ ବାସ୍ତବ ରୂପରେଖ ଦେଇ ପାରିଲେ ଜଗତର କିମ୍ବା ସମାଜର ପ୍ରକୃତ କଲ୍ୟାଣ ଅବଶ୍ୟ ସେମାନଙ୍କ ଦ୍ୱାରା ସାଧିତ ହେବ, ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ ।

ସ୍ୱାମୀଜୀଙ୍କ ଜୀବନପୃଷ୍ଠାର ଏ ଏକ ବଡ଼ ମଜାଳିଆ କଥା । ସେ ଦିନର କଥା । ସେଦିନ ରବିବାର ସକାଳ ଓଳି ସେ କଲିକତାର ଦମ୍‌ଦମ୍ ରୋଡ୍ ଦେଇ ଗାଡ଼ିରେ ଯାଉଥାଆନ୍ତି । ସେ ହଠାତ୍ ଦେଖିବାକୁ ପାଇଲେ କେତେକ ମଇଁଷି ଗୋଟିଏ ପଙ୍କପୂର୍ଣ୍ଣ ପୋଖରୀ ଭିତରେ ପଶି ପଙ୍କ କାଦୁଅରେ ଲଟପଟ ହୋଇ ବଡ଼ ସୁଖ

ପାଉଛନ୍ତି । ଏହା ଦେଖୁ ଦେଖୁ ତାଙ୍କ ମନରେ ହଠାତ୍ ପ୍ରତିକ୍ରିୟାଟିଏ ପ୍ରଥମେ ସୃଷ୍ଟିହେଲା । ସେ ଭାବିଲେ ଏ ମଇଁଷି ଗୁଡ଼ିକ ଏ ଅସନା ଆବର୍ଜନା ପୂର୍ଣ୍ଣ ପଙ୍କ ପୋଖରୀରୁ ବାହାରକୁ ଆସି ଏହାଠାରୁ ଅଧିକ ଗୋଟିଏ ସୁନ୍ଦର ଓ ପଙ୍କଶୂନ୍ୟ ସ୍ଥାନକୁ ଯାଇ ପାରନ୍ତେ ଓ ସେଠାରେ ଏହାଠାରୁ ଆହୁରି ଅଧିକ ସୁଖ ଓ ଆନନ୍ଦ ମଧ୍ୟ ପାଇ ପାରନ୍ତେ । କିନ୍ତୁ ତା'ନକରି ଏମାନେ ଏପରି ପଙ୍କ କାଦୁଅରେ ପଡ଼ି ଲଟପଟ ହୋଇ ବଡ଼ ଆନନ୍ଦରେ ତ ଶରୀର ସୁଖ ପାଇ ପାରୁଛନ୍ତି । ଏପରି ଚିନ୍ତା କରୁକରୁ ହଠାତ୍ ତାଙ୍କ ମନରେ ଦ୍ୱିତୀୟ ପ୍ରତିକ୍ରିୟାଟି ଉଦୟ ହେଲା । ସେ ମନେ ମନେ ବିଚାର କଲେ - ଆମର ଏ ସଂସାର ସମାଜ ବି ତ ଗୋଟିଏ କୁତ୍ସିତ ଆବର୍ଜନାପୂର୍ଣ୍ଣ ପଙ୍କ ପୋଖରୀ ପରି । ଆମେ ମଣିଷମାନେ ଏ ଅସନା ମଇଁଷି ମାନଙ୍କଠାରୁ କୌଣସି ମତେ ଆଦୌ ଭଲ ନୋହୁଁ । ଆମେ ପ୍ରତ୍ୟେକେ ଏ ସଂସାର ରୂପକ ପଙ୍କପୂର୍ଣ୍ଣ ଅସନା ପୋଖରୀରେ ନାନାଦି କର୍ମକରି ପଙ୍କକାଦୁଅରେ ଲଟପଟ ହୋଇ ବଡ଼ ସୁଖ, ବହୁତ ଶାନ୍ତି, ପ୍ରଚୁର ଆନନ୍ଦ ପାଉଛୁଁ ବୋଲି ତ ମନେ କରି ନେଉଛୁଁ । ଆମେ ନିଜକୁ ବଡ଼ ଜ୍ଞାନୀ, ବଡ଼ ଗୁଣୀ, ବଡ଼ ବୁଦ୍ଧିମାନ ମନେ କରୁଛୁଁ । ଆମେ ନିଜକୁ ସୃଷ୍ଟିରେ ଶ୍ରେଷ୍ଠ ବୋଲି ଭାବି ନେଉଛୁଁ । ଆମେ ଉନ୍ନତ, ଆମ ପରମ୍ପରା ଉନ୍ନତ, ଆମ ଜୀବନଧାରା ଉନ୍ନତ, ଆମର ଯଶ କୀର୍ତ୍ତି ଅମର, ଆମେ ଏ ଯଶ କୀର୍ତ୍ତିର ଉତ୍ତରାଧିକାରୀ ବୋଲି ମନେ କରି ନେଉଛୁଁ । ଆମେ ସଭ୍ୟ, ଆମେ ଶିକ୍ଷିତ, ଆମେ ମାର୍ଜିତ, ଆମେ ସଂସ୍କାରିତ ଇତ୍ୟାଦି କେତେ ନା କେତେ ବଡ଼ ବଡ଼ କଥା ଆମେ ଆମ ନିଜ ବିଷୟରେ ନିଜ ମୁହଁରେ ପ୍ରଚାର କରି ଚାଲିଛୁଁ । ଏପରି ବୃଥା ପ୍ରଚାରର ପ୍ରସାର କରି ଆମେ ଆତ୍ମସନ୍ତୋଷ ଲାଭ କରୁ ନାହୁଁକି ?

ଆମେ ମଣିଷ - ଏବଂ ଆମର ଏହି ସ୍ଥିତିକୁ ସଂପୂର୍ଣ୍ଣ ପାଶୋରି ଯାଇ ଆମେ ଏସବୁ ଅସନା ମଇଁଷିମାନଙ୍କ ପରି ସଂସାରପଙ୍କରେ ଲଟପଟ ହେବାକୁ ସ୍ୱର୍ଗସୁଖ ବୋଲି ଧରି ନେଇଛୁଁ । ଫଳତଃ ଏ ସଂସାର ପଙ୍କରୁ ଉଦ୍ଧାର ପାଇ ପ୍ରକୃତ ସୁଖ, ପ୍ରକୃଷ୍ଟ ଶାନ୍ତି ପାଇବା ପାଇଁ ଆମେ ସାମାନ୍ୟତମ ଉଦ୍ୟମ ବା ସାଧନା ଆଦୌ କରୁନାହୁଁ । ପଙ୍କପୋଖରୀର ଅସନା ଆବର୍ଜନାପୂର୍ଣ୍ଣ ପରିବେଶରୁ ବାହାରକୁ ଆସିବା ପାଇଁ ମଇଁଷି ଗୁଡ଼ିକୁ ପ୍ରଥମେ ଯେପରି ଚେଷ୍ଟା କରିବାକୁ ହେବ, ସେହିପରି ଏ ସଂସାର ପଙ୍କରୁ ଉଦ୍ଧାର ପାଇବା ପାଇଁ ଆମକୁ ପ୍ରଥମେ ଆମ ନିଜ ନିଜର ମଣିଷପଣିଆ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ସ୍ୱାମୀଜୀଙ୍କ ଅନ୍ତଃସ୍ଥଳରେ ଦିବ୍ୟଜ୍ଞାନର ଉଦୟ ହେଲା । ତେଣୁ ବଜ୍ରନିର୍ଘୋଷ ଶବ୍ଦରେ କମ୍ବୁକଣ୍ଠରେ ଘୋଷଣା କରି କହୁଥିଲେ - 'ତୁମକୁ ତୁମ ନିଜଗୋଡ଼ରେ ଠିଆ ହେବାକୁ ଶିକ୍ଷା କରିବାକୁ ହେବ । ତୁମକୁ ତୁମ ନିଜ ଗୋଡ଼ରେ ଆଗେଇ ଚାଲିବାକୁ ହେବ । ତୁମକୁ ତୁମ ନିଜ ଜୀବନ କଥା ବୁଝିବାକୁ ପଡ଼ିବ । ତୁମେ ଅନ୍ୟ ଉପରେ ବୋଝ ହେବା ଆଉ ଏଣିକି ଚଳିବ ନାହିଁ । ତୁମ ନିଜ ଭିତରେ ଠିଆ ହେବାର ଓ ଆଗେଇ ଚାଲିବାର ସେହି ପ୍ରଚଣ୍ଡ ଶକ୍ତି ନିହିତ ଅଛି । ନିଃସନ୍ଦେହରେ ତାହାତୁମ ଭିତରେ ସଞ୍ଚିତ ଅଛି । ତାହା ସୁପ୍ତ ଅବସ୍ଥାରେ ରହିଛି । ତା'କୁ ପ୍ରଥମେ ଜାଗ୍ରତ କରିବାକୁ ହେବ । ତୁମ ନିଜର ପ୍ରଚଣ୍ଡ ଶକ୍ତି ଉପରେ ତୁମକୁ ଭରସା କରି ଜୀବନ ପଥରେ ସାଧନା ମାର୍ଗରେ ଆଗେଇବାକୁ ପଡ଼ିବ ।'

ବିଶ୍ୱମାନବ ସମାଜର ଗୁରୁଭାବରେ ସେ ସମସ୍ତଙ୍କୁ ନିଜନିଜର ଏହି ଶକ୍ତି ଉପରେ ନିର୍ଭର କରିବାକୁ କହୁଥିଲେ । ତେଣୁ ଗୁରୁ ହିସାବରେ ନିଜ ଶିଷ୍ୟମାନଙ୍କ ପାଇଁ କିଛି ଗୋଟାଏ କରିଦେବାକୁ ସେ ରୋକ୍‌ଠୋକ୍ ସିଧା ସଳଖ ମନା କରି ଦେଉଥିଲେ । ସେ ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଦେଇ କହୁଥିଲେ - 'ତୁମ ଭିତରେ ଥିବା ଶକ୍ତିକୁ ଜାଗ୍ରତ କର । ଉଠ, ଜାଗିଉଠ, ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଆଗେଇ ଚାଲ । ମୁଁ ତୁମକୁ ତୁମର ସେହି ଶକ୍ତି ଉପରେ ନିର୍ଭର କରିବା ପାଇଁ ବାରମ୍ବାର କହୁଛି । ମୁଁ ତୁମେ ଯେପରି ସେହି ଶକ୍ତିଲାଭ କରି ପାରିବ, ସେଥିପାଇଁ ପ୍ରଚାର କରି ଚାଲିଛି । ଏହି ଶକ୍ତି ପାଇବା ପାଇଁ ମୁଁ ତୁମକୁ ଉପନିଷଦ୍ ଆଧାରିତ ବେଦାନ୍ତ ଶିକ୍ଷା ଦେଇଚାଲିଛି ।'

ସ୍ୱାମୀଜୀ ପୁରୁଷମାନଙ୍କଠାରୁ ଶକ୍ତ ପୁରୁଷାକାର ଓ ନାରୀମାନଙ୍କଠାରୁ ଦୃଢ଼ତା ଆଶା କରୁଥିଲେ । ପୁରୁଷାର୍ଥ ଓ ଦୃଢ଼ତାର ଅଭାବରୁ ପ୍ରତ୍ୟେକ ମଣିଷ - ସେ ପୁରୁଷ ହେଉ କି ନାରୀ ହେଉ - ନିଜକୁ ପରିସ୍ଥିତି ଓ ପରିବେଶର ଦାସ ମନେକରି ଅତି ଦୟନୀୟ ଓ ହେୟ ଅବସ୍ଥାରେ ରଖେ ଓ ଏହାରି ଅଭାବ (ପୁରୁଷାର୍ଥ ଓ ଦୃଢ଼ତାର ଅଭାବ) ହେତୁ ପ୍ରତ୍ୟେକଙ୍କ ଠାରେ ନାହିଁ ନଥିବା ଦୁର୍ବଳତା, ବୃଥା ଭୟ ଓ ସଂସାର ବିଷୟ ସକଳ ପ୍ରତି ଆକର୍ଷଣ ପ୍ରତି ଆସକ୍ତି ଦେଖାଯାଇଥାଏ । ଏଥିପାଇଁ ଜୀବନରେ ଅଧଃପତନ ହୁଏ, ଇହଜନ୍ମ ଓ ପରଜନ୍ମ ନଷ୍ଟଭ୍ରଷ୍ଟ ହୋଇଯାଏ ।

ବିବେକାନନ୍ଦଙ୍କର ଏପରି ଜ୍ୱାଳାମୟୀଭାଷଣ ଓ ଶକ୍ତିପୂର୍ଣ୍ଣ କଥା ତାଙ୍କର ଶିଷ୍ୟଶିଷ୍ୟାମାନଙ୍କ ଆଭ୍ୟନ୍ତରରେ ଗଚ୍ଛିତ ଅଥଚ ସୁପ୍ତ ଶକ୍ତିକୁ ଜାଗ୍ରତ ଓ ପ୍ରଜ୍ୱଳିତ କରି ତୋଳୁଥିଲା । ଏହା ଫଳରେ ସେମାନେ ନିଜେ ନିଜେ ବ୍ୟକ୍ତିଗତ ଭାବରେ ସେଥିପାଇଁ ଉଦ୍ୟମ କରିଦେଉଥିଲେ । ସେମାନଙ୍କର ସ୍ୱଭାବ ଓ ଆଚରଣରେ ସ୍ୱାମୀଜୀଙ୍କର ଏପରି ବଜ୍ର ଚେତାବନୀ ଅନେକ ପରିବର୍ତ୍ତନ ଆଣିବାରେ ସମର୍ଥ ଥିଲା । ସେମାନଙ୍କର ଆତ୍ମୋନ୍ନୟନ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଏହା ବହୁଭାବରେ ସହାୟତା କରିଥିଲା ଓ ପ୍ରତ୍ୟେକେ ଜଣେ ଜଣେ ଯୋଗ୍ୟ ଶିଷ୍ୟ / ଶିଷ୍ୟାରେ ପରିଣତ ହୋଇପାରିଥିଲେ ।

ଏଥିପାଇଁ ବିବେକାନନ୍ଦଙ୍କୁ ଅନନ୍ୟ ଓ ଅନମନୀୟ ବୋଲି କହିବା ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କର ଜୀବନାଦର୍ଶ, ଚିନ୍ତାଧାରା ଓ କାର୍ଯ୍ୟପ୍ରଣାଳୀ ଆଦିରେ ସେ କୌଣସି ପ୍ରକାର ସାଲିସ୍ କରୁନଥିଲେ କିମ୍ବା ସାଲିସ୍ କରିବାକୁ ପସନ୍ଦ ମଧ୍ୟ କରୁ ନଥିଲେ । ଆଜି ବି ଆମ୍ଭେମାନେ ଯଦି ଏହି ମୁହୂର୍ତ୍ତରୁ ତାଙ୍କର ଏହି ମହାମୂଲ୍ୟବାନ ବାଣୀ ସ୍ମରଣ କରି ତାଙ୍କ ପ୍ରଦର୍ଶିତ ପଥରେ ପାଦଚାଲି ଆଗେଇଯିବା ପାଇଁ ମାନସିକ ପ୍ରସ୍ତୁତି ଓ ସାହସ ସଂଗଠନ କରିପାରିବୁଁ, ତେବେ ବିଶ୍ୱବକ୍ଷରେ ଅମିତ ଶକ୍ତିର ଅଧିକାରୀ ଅବଶ୍ୟ ହୋଇ ପାରିବୁ । ସହଜରେ ସାଧନାରେ ଅଗ୍ରଗତି କରି ସିଦ୍ଧି ମଧ୍ୟ ଲାଭ କରି ପାରିବୁଁ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

*ଶିଷ୍ୟ ହୋଇନାହୁଁ ଶାସନକରିବା ଢଙ୍ଗକୁ ସଜେଇ ଚାଲିଛୁ*
*ଫଟା ଢୋଲ ପିଟି ଖଟିଖିଆଙ୍କର ମନକୁ ବିଷେଇ ଦେଇଛୁ ।*
*ବିଭୂତି ବସାରେ ହାତ ଗୁଂଜିଲୁଣି କିହେବ ତା'ଫଳ ଜାଣୁନି*
*ଦେହ ମୁହଁ କାନ ଫଳିଯିବ ଧନ ! ଦିଶିବୁ ସାକ୍ଷାତ ଭାଲୁଣି ।*

*ଭେଳିକି ଭାବରେ ନରସି ବସ ।*
*ହକାରି ଷାଷରେ ହଷରେ ରସ ॥*

# ଜିଜ୍ଞାସା : ଜିଜ୍ଞାସୁ

*କେତେକେ କହନ୍ତି କର୍ମ ପରିପକ୍ୱ ହୋଇ ପରିପୂର୍ଣ୍ଣ ହେଲେ ଜ୍ଞାନର ଉଦ୍‌ଗମ ହୁଏ । ପୁଣି ଏକଥା ମଧ୍ୟ କେତେକେ କହନ୍ତି ଯେ ଭକ୍ତି ପରିପୂର୍ଣ୍ଣ ହେଲେ ଜ୍ଞାନର ଆଲୋକ ପ୍ରଜ୍ୱଳିତ ହୁଏ । ଦୁଇଟି ମତରେ ପାରସ୍ପରିକ ବିରୋଧଭାବର ଆଭାସ ମିଳେ ସତ୍ୟ, ମାତ୍ର ବିରୋଧ ଲେଶ ମାତ୍ର ନାହିଁ । କାରଣ ଶିକ୍ଷାଗତ ଜ୍ଞାନ ଆଧ୍ୟାତ୍ମିକ ତତ୍ତ୍ୱ ଉପଲବ୍ଧିର ସହାୟକ ପ୍ରାୟତଃ ହୋଇ ନଥାଏ । ପୁଣି ଜ୍ଞାନ ବିଦ୍ୟାର ସମକକ୍ଷ ମଧ୍ୟ ନୁହେଁ । ତେଣୁ, ଶିକ୍ଷା, ଜ୍ଞାନ ଏବଂ ବିଦ୍ୟା ଗୋଟିଏ ସ୍ତରର ବସ୍ତୁ ଆଦୌ ନୁହେଁ । ଶାସ୍ତ୍ର ଅଧ୍ୟୟନ ଓ ଶ୍ରବଣ ମାଧ୍ୟମରେ ଶିକ୍ଷା ଲାଭ କରାଯାଏ । ଅନୁଭୂତି ଏବଂ ଅଭିଜ୍ଞତାରୁ ଜ୍ଞାନ ମିଳେ । ମାତ୍ର ଶ୍ରୀଗୁରୁଦେବ ଗୁରୁସ୍ୱାମୀଙ୍କ ଅହେତୁକ କୃପାବଳରୁ ବିଦ୍ୟାପ୍ରାପ୍ତ ହୁଏ ।*

*'ଜିଜ୍ଞାସା: ଜିଜ୍ଞାସୁ :' ସ୍ତମ୍ଭରେ ତିନୋଟି ସ୍ତରର ସୁନ୍ଦର ସମନ୍ୱୟ ସୁରକ୍ଷିତ ହୋଇଛି । ଜିଜ୍ଞାସୁର ଜିଜ୍ଞାସା ପ୍ରାଥମିକ ସ୍ତରରେ ଶିକ୍ଷାପ୍ରଦାନ କରେ । ସେହି ଶିକ୍ଷା କର୍ମାଭିମୁଖୀ ହେଲେ ଜ୍ଞାନର ଉଦ୍ରେକ ହୁଏ । ପୁଣି ଚରମ ସୋପାନରେ ଜିଜ୍ଞାସୁର ନିଷ୍କପଟ ଜିଜ୍ଞାସା ପର୍ଯ୍ୟାୟକ୍ରମେ ଗୁରୁସ୍ୱାମୀଙ୍କର ଅହେତୁକ ଦୟା, କୃପା, କରୁଣା ତଥା କଲ୍ୟାଣ ବିଦ୍ୟା ପ୍ରାପ୍ତ କରାଏ । ଜିଜ୍ଞାସୁ ଜୀବର ବିଷୟା-ବିଷ ବନ୍ଧନ ମୋଚନ ହୁଏ । ଜୀବ ମୁକ୍ତ ହୋଇଯାଏ, ହୋଇଯାଏ ଜୀବନ୍ମୁକ୍ତ ।*

*ଜୀବନ୍ମୁକ୍ତ ଜୀବର ଚାତୁରୀ ନଥାଏ, କପଟ ନଥାଏ, ମିଥ୍ୟାଚାର ନଥାଏ, ଅହଂକାର ନଥାଏ । ନଥାଏ ଅଭିମାନ, ଥାଏ ସରଳଶିଶୁଟିଏ ଥିବାପରି ସ୍ୱାଭିମାନ । ସରଳ ତରଳ ଛଳଛଳ କଳକଳ ଜୀବନ୍ମୁକ୍ତ ଭକ୍ତଟି ଆନନ୍ଦର ପାରାବାର ବନିଯାଏ । ସେ ଉପଭୋଗ କରୁଥିବା ବିମଳ ଆନନ୍ଦ ଅନ୍ୟସମସ୍ତଙ୍କୁ ଅକାତରରେ ଅକୁଣ୍ଠିତ ଭାବରେ ବିତରଣ କରିଚାଲିଥାଏ । ସେ ସ୍ୱୟଂ ସତ୍‌-ଚିତ୍‌-ଆନନ୍ଦର ସୌଦାଗର ହୋଇଯାଇଥାଏ ।*

*'ଚରମ'ରସ ପିପାସୁଙ୍କର ଜୀବନ୍ମୁକ୍ତି ପାଇଁ ପରମପ୍ରେମମୟ ଜୀବନଦେବତା ଶ୍ରୀଗୁରୁସ୍ୱାମୀଙ୍କର କଲ୍ୟାଣମୟୀ କରୁଣାର ଅନ୍ୟନାମ 'ଜିଜ୍ଞାସା-ଜିଜ୍ଞାସୁ' 'ଚରମ' ପୃଷ୍ଠାରେ ଧାରାବାହିକ ଭାବରେ ସ୍ଥାନିତ ହୋଇ ଆସୁଛି ସେହି ତାଙ୍କରି ମହତୀ ଇଚ୍ଛାରୁ । ଏଥର ର ଅମୃତ ଆସନ୍ତୁ ନା ଏବେ ପାନ କରିବା -*

'ଚରମ' - ନବମପୁଷ୍ପ : ଦ୍ୱିତୀୟପାଖୁଡ଼ା : ୪୫ (ପଞ୍ଚଚତ୍ୱାରିଂଶତ୍ତମ) ସଂଖ୍ୟା ଅନୁସୃତିରୁ

**ଜିଜ୍ଞାସୁ :** ଏ ପ୍ରକାର ଦୁର୍ଘଟଣା ପାଇଁ କିଛି ନିଶ୍ଚିତ ଉପାୟ ଥିବ ତ ?

**ଠାକୁର :** ଉପାୟ ନ ଥାଇ କ'ଣ କୌଣସି କାରଣ ସୃଷ୍ଟି ହୁଏ ?

**ଜିଜ୍ଞାସୁ :** ଠିକ୍ ବୁଝି ହେଲାନି ପ୍ରଭୁ !

**ଠାକୁର :** ପ୍ରତ୍ୟେକ କାରଣ ମୂଳରେ ନିଶ୍ଚିତ କିଛି ନା କିଛି ଉପାୟ ଅଛି । ଦୁନିଆରେ ଯାହା ଯାହା ଘଟଣା ଘଟୁଛି, ପ୍ରତ୍ୟେକ ଘଟଣା ମୂଳରେ ନିଶ୍ଚିତ କିଛିନା କିଛି କାରଣ ରହିଛି । କାରଣଗୁଡ଼ିକ କୌଣସି ନା କୌଣସି ଉପାୟରେ ଉପସ୍ଥିତ ହୋଇଥାଏ । ଯଦି ନିଶ୍ଚିତ ଅର୍ଥରେ କାର୍ଯ୍ୟ ଅଛି, ତେବେ ପ୍ରତ୍ୟେକ କାର୍ଯ୍ୟ ମୂଳରେ ନିଶ୍ଚିତ ଅର୍ଥରେ କିଛି କାରଣ ମଧ୍ୟ ଅଛି । ପୁଣି ପ୍ରତ୍ୟେକ କାରଣ ମୂଳରେ ନିଶ୍ଚିତ କିଛି ଉପାୟ ବି ଅଛି । ନ ହେଲେ କାର୍ଯ୍ୟ ହେଉଛି କିପରି ? ଯେଉଁଭଳି ଗାଡ଼ି ଅଛି, ତାକୁ ଖଞ୍ଜିବା ପାଇଁ ସେପରି ଯନ୍ତ୍ରପାତି ବି ଅଛି ।

ଜିଜ୍ଞାସୁ : ବୁଝିଗଲି ପ୍ରଭୁ, ତାହେଲେ ସେ ଉପାୟଟି କ'ଣ ?

ଠାକୁର : କେଉଁ ଉପାୟ କଥା ପଚାରୁଛ ?

ଜିଜ୍ଞାସୁ : ପ୍ରଭୁ ! ଉପାୟ କ'ଣ ଏକାଧିକ ପ୍ରକାର ଅଛି ?

ଠାକୁର : ହଁ ।

ଜିଜ୍ଞାସୁ : ତେବେ ସେହି ଏକାଧିକ ପ୍ରକାର କ'ଣ କ'ଣ ?

ଠାକୁର : ଏହା ଦ୍ୱିବିଧ ତତ୍ତ୍ୱ ଅଟେ ।

ଜିଜ୍ଞାସୁ : ପ୍ରଭୁ ! ଏହା କ'ଣ କ'ଣ !

ଠାକୁର : ଗୋଟିଏ ଈଶ୍ୱରଙ୍କର, ଅନ୍ୟଟି **ବ୍ୟକ୍ତିର । ଈଶ୍ୱର** ତାଙ୍କର ଉପାୟ ବଳରେ ସୃଷ୍ଟିକୁ ସୃଷ୍ଟି କରିଅଛନ୍ତି ।

ଜିଜ୍ଞାସୁ : ଆଉ ବ୍ୟକ୍ତିର ଉପାୟ କ'ଣ ?

ଠାକୁର : ଐଶ୍ୱରୀକ କୌଶଳରେ ସୃଷ୍ଟ, କାରଣ **ଗୁଡ଼ିକର** ପଦାର୍ଥକୁ ବ୍ୟକ୍ତି ତୋଳିବାରେ କୌଶଳ ପ୍ରୟୋଗ କରିବାର ଯେଉଁ ଉପାୟ, ତାହା **ବ୍ୟକ୍ତିର ଉପାୟ** ଅଟେ । ଈଶ୍ୱରଙ୍କ ସୃଷ୍ଟ, କାରଣ ନିର୍ମିତ ପଦାର୍ଥକୁ ବ୍ୟକ୍ତି ଭୋଗ କରିବା ପାଇଁ, ଯେଉଁ **କୌଶଳ** ପ୍ରୟୋଗ କରିଥାଏ, ତାହା ଉପାୟରୁ ହିଁ ମିଳିଥାଏ ।

ଜିଜ୍ଞାସୁ : ସନ୍ୟାସୀର ଉପାୟ କିପରି ?

ଠାକୁର : ପ୍ରତ୍ୟେକ ଉପାୟ ମୂଳରେ **ଏକ ଏକ ଦର୍ଶନ** ତତ୍ତ୍ୱ ଥାଏ ।

ଜିଜ୍ଞାସୁ : ତାହା ପୁଣି (ଦର୍ଶନ ତତ୍ତ୍ୱ) କ'ଣ କ'ଣ ?

ଠାକୁର : ସନ୍ୟାସୀର **ଉପାୟ** ତତ୍ତ୍ୱର, **ଦର୍ଶନ** ତତ୍ତ୍ୱ ହେଉଛି - ସୃଷ୍ଟିର ସ୍ରଷ୍ଟାଙ୍କୁ ନିଜେ ନିଜ ଭିତରେ ଅନୁଭବ କରିବା ।

ଜିଜ୍ଞାସୁ : ଆଉ ସଂସାରୀର ?

ଠାକୁର : ପ୍ରତ୍ୟେକ ଦ୍ରବ୍ୟର ବିଷୟରେ **ବିଷୟର କାରଣକୁ ବିଷୟର କାରଣରେ** ଗୁଣଯୁକ୍ତ କରାଇ ଦଗ୍ଧ କରି ନିର୍ଗୁଣ ହେବାର ଉପାୟ ।

ଜିଜ୍ଞାସୁ : ଏହି ଉପାୟରେ ସହଜ, ଜଟିଳ ଅଛି କି ?

ଠାକୁର : କରିପାରିଲେ ସହଜ, ନ କରିପାରିଲେ **କଷ୍ଟ** ।

ଜିଜ୍ଞାସୁ : କରିପାରିବା ପୁଣି କ'ଣ ?

ଠାକୁର : ସାମର୍ଥ୍ୟ ଥିଲେ ତ ?

ଜିଜ୍ଞାସୁ : ସାମର୍ଥ୍ୟ ପୁଣି କ'ଣ ?

ଠାକୁର : ସାମର୍ଥ୍ୟ ଐଶ୍ୱର୍ଯ୍ୟରୁ ଆସିଥାଏ ।

ଜିଜ୍ଞାସୁ : ଐଶ୍ୱର୍ଯ୍ୟ ପୁଣି କ'ଣ?

ଠାକୁର : ଏହା ବିଧିକୃତ୍ୟ ଫଳପ୍ରାପ୍ତି ।

ଜିଜ୍ଞାସୁ : ଉଭୟ ଦର୍ଶନ ତତ୍ତ୍ୱରେ ସମନ୍ୱୟ ଅଛି ନା ବିଭେଦ ତତ୍ତ୍ୱ ଅଛି ?

ଠାକୁର : ଦୁଇଟି ଦର୍ଶନ ତତ୍ତ୍ୱରେ, ଗୋଟିଏ ଏକକ ତତ୍ତ୍ୱ ଥିବାରୁ ଯଥା - ବିଷୟର ନିଧନ । ଏଣୁ ଏହି ନିଧନ ତତ୍ତ୍ୱ, ଦୁଇଟି ତତ୍ତ୍ୱରେ ଥିବାରୁ ସୃଷ୍ଟିର ଏହି ପ୍ରକରଣ ସମନ୍ୱୟ ଯୋଗ ବୋଲି କୁହାଯାଇଅଛି । ଏହା ବିଭେଦ ତତ୍ତ୍ୱ ନୁହେଁ । କିନ୍ତୁ ଏଥିରେ ବିଭେଦ ଆରୋପ ହୋଇଥାଏ ମାତ୍ର । କିନ୍ତୁ ଏହା ସମନ୍ୱୟର ଏକକ ତତ୍ତ୍ୱ ଅଟେ ।

ଜିଜ୍ଞାସୁ : ବିଭେଦ କିପରି ?

ଠାକୁର : ଯେପରି ଦର୍ପଣରେ ସୂର୍ଯ୍ୟ । ଯଥା - ଦର୍ପଣରେ ସୂର୍ଯ୍ୟଙ୍କର ବିମ୍ବ ଆରୋପ ହୋଇ ଆଉ ଏକ ସୂର୍ଯ୍ୟର ପ୍ରତିବିମ୍ବ ସୃଷ୍ଟି କରିଥାଏ । ସେହିପରି ଦୁଇ ତତ୍ତ୍ୱରେ ଥିବା ''ସମନ୍ୱୟ'' ସୃଷ୍ଟିରେ ବା ମଣିଷ ଭିତରେ ଆରୋପିତ ହୋଇ ଆଉ ଏକ ଭିନ୍ନ ତତ୍ତ୍ୱରେ ପରିଣତ ହୋଇ ବିଭେଦ ସୃଷ୍ଟି କରିଥାଏ ।

ଜିଜ୍ଞାସୁ : ଆରୋପ କାହିଁକି ଓ କିପରି ?

ଠାକୁର : କାହିଁକି ହେଉଛି, ସ୍ୱୟଂସିଦ୍ଧ ବୋଲି ।

ଜିଜ୍ଞାସୁ : ତାହା କିପରି ?

ଠାକୁର : ସନ୍ୟାସୀର ଉପାୟରେ ବା' ସୁକୌଶଳରେ ସାଧକର ପର୍ଯ୍ୟାୟ ଭିନ୍ନ ଭିନ୍ନ ଥିବାରୁ ଏଭଳି ପ୍ରତ୍ୟେକ ପର୍ଯ୍ୟାୟର ଉପାୟ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଏଣୁ ଏହି ବିଭିନ୍ନତାର ଉପାୟରୁ ବିଭେଦ ସୃଷ୍ଟିହୋଇ ସ୍ୱୟଂସିଦ୍ଧ ତତ୍ତ୍ୱରେ ଆରୋପିତ ହୋଇଥାଏ । ଯେତେ ସନ୍ୟାସୀ ସେତେ ପର୍ଯ୍ୟାୟ । ଯେତେ ସଂସାରୀ ସେତେ ପ୍ରକାରର ପର୍ଯ୍ୟାୟ ଥିବାରୁ ଏହି ବିଭେଦ ସୃଷ୍ଟି ହୋଇଥାଏ । ଏଣୁ ପର୍ଯ୍ୟାୟ ଭୋଗରୁ ଦର୍ଶନ ତତ୍ତ୍ୱର ବିଭିନ୍ନତା ହୋଇଥାଏ । ଏହି ତତ୍ତ୍ୱ ଆଗାମୀ ତତ୍ତ୍ୱରେ ଆରୋପିତ ହୁଏ । ଏଣୁ ବିଭେଦ ସୃଷ୍ଟି ହେବା ଏକ ସ୍ୱାଭାବିକ ତତ୍ତ୍ୱ ଅଟେ ।

ଜିଜ୍ଞାସୁ : ଗୁଣଯୁକ୍ତ ହୋଇ ନିର୍ଗୁଣ ହେବାର ଉପାୟ ?


ଠାକୁର : ଉପାୟ କ'ଣ କହୁଛ ? ଉପାୟ ଆଗରୁ ଅଛି । ଉପାୟ ଅବଲମ୍ବନ କରିପାରିଲେ ତ ?

ଜିଜ୍ଞାସୁ : ପ୍ରଭୁ, ଆଗରୁ ସବୁ କ'ଣ ଅଛି ?

ଠାକୁର : ଆଗରୁ ସବୁ ଉପାୟ ଅଛି । ସ୍ରଷ୍ଟା ଯେତେବେଳେ ସୃଷ୍ଟି ତିଆରି କରିଛନ୍ତି, ସମସ୍ତ ସୃଷ୍ଟି ମୂଳରେ ଉପାୟମାନ ରଖିଛନ୍ତି । ଗୁଣଯୁକ୍ତ ହେବା ଓ ନିର୍ଗୁଣ ହେବା ଏହା ଏକ ସୃଷ୍ଟିତତ୍ତ୍ୱର ସ୍ୱଂୟସିଦ୍ଧ ନିୟମ । ଏହି ନିୟମ ତାଙ୍କଦ୍ୱାରା ସୃଷ୍ଟ । ଯେତେବେଳେ ଜୀବ ଗୁଣଯୁକ୍ତ ହେଉଛି, ସେତେବେଳେ ସେ କ୍ରିୟାଶୀଳ ହେଉଛି । ଏହାକୁ 'ସଗୁଣ' ବୋଲି କୁହାଯାଉଛି । ପୁଣି ଏହି ଗୁଣଯୁକ୍ତ ଅବସ୍ଥାରୁ ଜୀବ ରହିତହୋଇ ଯେଉଁ ଅବସ୍ଥାକୁ ଯାଉଛି, ସେହି ଅବସ୍ଥା କ'ଣ କି ? ନିର୍ଗୁଣ ଅବସ୍ଥା ନୁହେଁ କି ? ଏହି କ୍ରିୟା ସୃଷ୍ଟିରେ ଅନବରତ ଚାଲୁ ରହିନି କି ? ଭଲଭାବରେ ଟିକେ ଲକ୍ଷ୍ୟ କରୁନା । ଅନୁଭୂତିକୁ ଅନୁଭବରେ ଆଣି ବିଚାର କରି ଦେଖୁନ ???

କ୍ରମଶଃ....

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

*'ଆପ୍ତ ଭାବେ ଗୁପ୍ତଲୀଳା*
*ସଗୁଣେ ନିର୍ଗୁଣ ନିର୍ଗୁଣେ ସଗୁଣ*
*ଲଗାଏ ସେ ନୂଆଖେଳା ।*
*ଖେଳ ଆଗରୁ ସେ ଖେଳ ଶେଷକରେ*
*ଖେଳିବା ପାଇଁ ସେ ନର ତନୁ ଧରେ*
*କରେ ସେ ଭକତ ମେଳା,*
*ଲଗାଏ ସେ ନୂଆ ଖେଳା*
*ଆପ୍ତ ଭାବେ ଗୁପ୍ତ ଲୀଳା ।।''*

ଏହି ତ ଠାକୁର । ଏହାହିଁ ତାଙ୍କର ଲୀଳା । ତାଙ୍କ ଲୀଳା ଅତ୍ୟନ୍ତ ଗୋପନୀୟ । ସେ ପରା ସ୍ୱୟଂ 'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ' । ଏହି ବ୍ରହ୍ମ ସଂଘରେ କିଏ ଅଛି କାହିଁ ? କେହି ଜଣେ ବି ତ ସେ ସଂଘରେ ନାହାନ୍ତି । ତେବେ କାହାନ୍ତି ସେମାନେ, ଯେଉଁମାନେ ଧାରାଧରି ମନ୍ତ୍ର ନେଇଛନ୍ତି, ନେଉଛନ୍ତି, ଧାରା କରୁଛନ୍ତି ? ସେମାନେ ଆଜି ଅହଂକାରର କାରାଗାରରେ ବନ୍ଦୀ । ମୁକ୍ତ ହେଲେ ସିନା ସଂଘରେ ପ୍ରବେଶ କରିବେ ? ସଂଘରେ ପ୍ରବେଶ କଲେ ସିନା ଅଚ୍ୟୁତଙ୍କର ଗୁପ୍ତ ଲୀଳା ପ୍ରସଙ୍ଗରେ ଜାଣିବେ ! ଠାକୁରେ ଜନନୀ ଜଠରର ଜରାୟୁରେ ଯେଉଁ ଗୁପ୍ତଲୀଳା ଆପ୍ତ ଭାବରେ ଆରମ୍ଭ କରିଥିଲେ ତା'ର ସଫଳ ଧାରାବିବରଣୀ ହିଁ ଏହି 'ଜନନୀ ଜଠର ଜରାୟୁ' ସ୍ତମ୍ଭର ଏକମାତ୍ର ଉପଜୀବ୍ୟ ବସ୍ତୁ । ବସ୍ତୁବାଦୀ, ଭୋଗବାଦୀ, ଜଡ଼ବାଦୀ ଏହି ମଣିଷ ସମାଜର ଚୈତନ୍ୟରେ ଠାକୁରତ୍ୱର ଜାଗରଣ ପାଇଁ ପ୍ରଭୁଙ୍କର କରୁଣାର ଅନ୍ତନାହିଁ । ଅହଂକାରରେ ଅନ୍ଧ ମଣିଷ ଆଜି 'ମାଳିକା'ର ଅନ୍ଧପ୍ରବକ୍ତା । ବ୍ରହ୍ମସଂଘକୁ ପଛକରି ଲୀଳାର ଅନ୍ଧାନୁକରଣ ତଥା ଅନ୍ଧାନୁସରଣରେ ମଣିଷ ଆଜି ସତ୍ୟ ସନାତନଙ୍କୁ ଅନ୍ଧକାରରେ ଆହ୍ୱାନ କରିବାର ବୃଥା ପ୍ରୟାସରେ ପ୍ରୟାସୀ । ଲୀଳାମୟଙ୍କର ଖେଳ ହିଁ ତ ଏହା । ପୋଖତ ଖେଳାଳି ଲୀଳାମୟ ଠାକୁର ସୁନ୍ଦର ଭାବରେ ଅବିରାମ ଖେଳି ଚାଲିଛନ୍ତି । ଖେଳାଉଛନ୍ତି ଅନ୍ଧମଣିଷକୁ ଅନ୍ଧାରୀ ଗଳିରେ । ସେ ମୂଳକର ଆଲୋକ ପୁଣି କାହେ ମିଳୁଛି 'ମାଳିକା'ରେ । ସ୍ୱୟଂ ମାଳିକାର ମୁଖ୍ୟ ପରିଚାଳିକା ମହାମାୟା । ମାୟାଧର ଠାକୁରଙ୍କର ସଫଳ ନିର୍ଦ୍ଦେଶନାରେ ମାୟା ମଞ୍ଚ ସୃଷ୍ଟି କରିଛନ୍ତି । ସେହି ମଞ୍ଚରୁ ପ୍ରଚାରିତ ହେଉଛି 'ମାଳିକା'ର ମନଗଢ଼ା କାହାଣୀ । ସେ କାହାଣୀର ପାଣି ଗଡ଼ି ଯାଉଛି ସଂସାର ସାଗରକୁ ଶତସହସ୍ରଲକ୍ଷ ଧାରାରେ । ସେହି ସାଗରରେ ଭାସମାନ ଜୀବକୁଳ । କୂଳ କାହିଁ ? କାହିଁ କିନାରା ? ଅକୂଳ ବିହୀନ ଏ ସାଗରରେ ଅଛି ମାତ୍ର ଗୋଟିଏ ନାବ । ସେହି ନାବର କାଣ୍ଡାରୀ (ନାବିକ) ସ୍ୱୟଂ ମାୟାଧର ।

ପ୍ରହେଳିକାର ଜାଲରେ ଛନ୍ଦି ହୋଇ ଦିନରାତି ଛଟପଟ ହେଉଥିବା ବଦ୍ଧ ଜୀବମାନଙ୍କୁ ନାବର ଠାବ ପାଇଁ ସହାୟତା କରିଚାଲିଛନ୍ତି ପରମ କାରୁଣିକ ଚିରକଲ୍ୟାଣମୟ ଦୟାସାଗର ଠାକୁରେ ଏହି 'ଜନନୀ ଜଠର ଜରାୟୁ' ସ୍ତମ୍ଭରେ, ଚରମ ପୃଷ୍ଠାରେ । ଏହି ସଂଖ୍ୟାରେ 'ସିନ୍ଧି'ର 'ସନ୍ଧି'ରେ ପରିଣତ ହେବାର ସାଙ୍କେତିକ ତତ୍ତ୍ୱ ଏହି ପରିପ୍ରେକ୍ଷୀରେ ତାତ୍ପର୍ଯ୍ୟପୂର୍ଣ୍ଣ । ଆତ୍ମକଲ୍ୟାଣ ଆକାଂକ୍ଷା କରୁଥିବା ଏବଂ 'ଆମର ଲକ୍ଷ୍ୟ ଚରମପ୍ରାପ୍ତି' ଉପରେ ଅତୁଟ ଅଟଳ ବିଶ୍ୱାସ ସ୍ଥାପନ କରିଥିବା ପାଠକମାନଙ୍କ ପାଇଁ ଏଥର ସଂପାଦନାର ଭେଟି -

ଚୈତନ୍ୟର 'ଈସ୍ୱାସୀ, (ଚିଉ ପରେ ଯେଉଁ ସ୍ୱର) 'ପ୍ରତ୍ୟେକଟି, କୋଷରେ କ୍ରମଶଃ ଅନୁଯାୟୀ କ୍ରିୟାଶୀଳ ହୁଏ, ଶରୀରରେ ଥିବା ଚକ୍ର ଭେଦର ଧବଳ, ନୀଳ, ହରିଦ୍ରା, ଗୈରିକକୁ ସଦା ଘୂର୍ଣ୍ଣନ କରି ଲଲାଟ ଚକ୍ରରେ ତତ୍‌କ୍ଷଣାତ୍ ବିଜୁଳି ଭଳି ଯାତାୟତ କରେ, ପିଣ୍ଡରେ ବୁଦ୍ଧିର ଛାୟା ଆଭରଣ କରି ସ୍ଥିର ହୋଇ ରହିଥାଏ । ମାଆର ସୁସ୍ଥ ଶରୀର ଗତିଶୀଳ ହୁଏ । ଏହି ଅବସ୍ଥାରେ ରୁଗ୍‌ଣ ହୁଏ ନାହିଁ । ଅସୁସ୍ଥ ଅବସ୍ଥାରେ ମୁଖ, କଣ୍ଠ, ଉଦରରେ ଥିବା ସ୍ନାୟୁକୋଷର ସ୍ୱର 'କୌଶୀକାଃ ସ୍ୱର, ମାୟାମଣ୍ଡଳରେ ଆଲୋକ ଦ୍ୱାରା ବିଚ୍ଛୁରୀତ ହୋଇ ପୁଣି ଜରାୟୁକୁ ଫେରିଆସେ, ଏହି ଅବସ୍ଥାରେ ମାଆର ମୁଖ ହସ ହସ ହୋଇ ରହିଥାଏ । ରାତ୍ରରେ ଦେହ ଝିମି ଝିମି ହୁଏ, ପୁଣି ଆରୋଗ୍ୟ ଅବସ୍ଥାକୁ ମଣ୍ଡଳ ଭୋଗ ହୁଏ । ପିଣ୍ଡର ବ୍ୟସ୍ତତା ରୁହେ । ରୁଗ୍‌ଣ ଅବସ୍ଥାରେ ମାଆର ଖାଦ୍ୟ କମିଯାଏ । ଜଳପାନରେ ମନ ଥାଏ, ନାସାର ଶବ୍ଦ ସୁ,ସୁ ହେଉଥାଏ । ନାଭିରୁ ହୃଦଚକ୍ର ପର୍ଯ୍ୟନ୍ତ ସ୍ୱରଶକ୍ତି ପ୍ରଖର ହୋଇ ଚାଲିଥାଏ । ପିଣ୍ଡ ଲାଲବର୍ଣ୍ଣ ହୋଇ ମାୟା ମଣ୍ଡଳରେ ଗୈରିକ ଅବସ୍ଥା ହୋଇଥାଏ । ଏହି ଅବସ୍ଥା ଦ୍ୱାଦଶ ଚିଉ ଘୂର୍ଣ୍ଣନରେ - ଗତି କରିଥାଏ । ମାଆର ପିଣ୍ଡ କର୍ଣ୍ଣ, ବେକ, ନାସାରେ କଷ୍ଟ ଅନୁଭବ ହୁଏ । କ୍ଳେଶ ଅଧିକ ବଢ଼ିଯାଏ । ପୁଣି କମିଯାଏ ।

ସମନି କ୍ରିୟାରେ ଥିବା ବିବେକ, କୋଷ ଧାରଣ କରି, ଚୈତନ୍ୟର ବୃହତକାୟ ଅବସ୍ଥା ଧାରଣ କରି ଛପି ରହିଥାଏ । ପିଣ୍ଡ, ବ୍ରହ୍ମାଣ୍ଡର ସଂମଶ୍ରୁତିଃ ଭୋଗ ମଧ୍ୟ ହରିଦ୍ରା ବର୍ଣ୍ଣ ରେଖାପାତ କରି ଆଗାମୀ କର୍ମର ଗତି ପିଲାଟିଦିନୁ ଦେଖାଦେଇ ଥାଏ । ତେଣୁ କରି ଶିଶୁକୁ ଯେଉଁ ପଥକୁ ପଠାଯାଏ ସେ ତାର ବିପରୀତ ଦିଗରେ ଗତିଶୀଳ ହୁଏ । (ଉରମ) ନାଦଗର୍ଦ୍ଦଣ କୋଷର, ଇଡ଼ାଁନାଡ଼ି କୋଷ ଆବୃତ କରିଥାଏ । ଚେତାବନୀ କୋଷ, ବୁଦ୍ଧି, ବିବେକକୁ କର୍ମରେ ଆଚ୍ଛାଦିତ ହୋଇ, ଯାହା ପିଣ୍ଡରେ ଆବଶ୍ୟକ ପଡ଼ିଥାଏ, ସମୟାନୁବର୍ତ୍ତୀ ଚିଉକୁ ମଧ୍ୟ ସାହାଯ୍ୟ ହୋଇଥାଏ । ଶବ୍ଦର ସ୍ୱର ଧୀରେ ଧୀରେ କହିବା ବଡ଼ ପାଟିରେ କଥା ହେବା, ଗର୍ଜ୍ଜନ କରି, ଚିତ୍କାର କରିବା ଚୈତନ୍ୟରେ ଶ୍ରୁତିଶ୍ରବଣ କର୍ମ, ଧୀଶକ୍ତି, ଘୂର୍ଣ୍ଣନଶୀଳ, ମାୟା ଜଗତରୁ ସ୍ଥିରୀକୃତ ହୋଇ ପିଣ୍ଡର ପ୍ରତ୍ୟେକଟି ସ୍ନାୟୁ, ସ୍ନାୟୁର 'ଶୃତୀକ୍ଷା' ସ୍ତରକୁ ଶବ୍ଦ ସ୍ୱର ଯୋଗାଇ, ଆବଶ୍ୟକ ପଡ଼ିଲେ ଶବ୍ଦ ପୃଥକ ହୋଇଯାଏ । ସ୍ୱର ମଧ୍ୟ ଭିନ୍ନ ଭିନ୍ନ ଯୋଗରେ କାର୍ଯ୍ୟ କରି ବର୍ଣ୍ଣ ଆକାର ଧାରଣ କରେ । ନାଦଗର୍ଦ୍ଦଣ କୋଷରୁ ଆସିଥିବା 'ରଜ୍ଜୁଗୁର୍ଜ୍ଜରୀ,''କୋଷ''ର କର୍ମ ନିର୍ମାଣ କରି ଶିଶୁର 'ଶ୍ରୁବାଧକ' କର୍ମ ଭାବେ ରକ୍ଷା କରେ । ଗୁରୁଣ୍ଡିବା ଅବସ୍ଥା, ବସିପଡିବା, ବସିଥିବା ସମୟରେ ହଠାତ୍ ଠିଆ ହୋଇ ପୁଣି ତଳେ ପଡ଼ିବା, ଏସବୁ କର୍ମ ଏହି କୋଷରୁ ସୃଷ୍ଟି ହୋଇଥାଏ । ମାଆ ପ୍ରତି ମମତା, ଶ୍ରଦ୍ଧା ପିଣ୍ଡ ବର୍ଦ୍ଧିତ ହେଲେ କୋଷ, ଚେତା ଆପେ ଆପେ ମର୍ତ୍ତ୍ୟର ଲୀଳା ରଜ୍ଜୁଗୁର୍ଜ୍ଜରୀ କୋଷରୁ ଆସୁଥିବା ଟିକି ଟିକି ଲାଲ ବର୍ଣ୍ଣର (ଚିତ୍ର ସାଦୃଶ୍ୟ) '',, ରେଖାଗୁଡ଼ିକ, ଇଁଡା,'' ପିଅଁଳା, ସ୍ନାୟୁ ବାଟଦେଇଥିବା ହେତୁ ପ୍ରଶସ୍ତି ବିନ୍ଦୁ ରୁଦ୍ଧ ହୋଇଥାଏ । ''ମାତୃ କୌଟରୀ,, ବର୍ଣ୍ଣ ହରିଦ୍ରା ପଥଦେଇ ମାଆର ଲଲାଟ ଚକ୍ରରେ ପହଞ୍ଚେ । ଏଇ ଅବସ୍ଥାରେ ପିଣ୍ଡରେ କେତେକ ଅଙ୍କୁରିତ ଚିହ୍ନମାନ (ଚିତ୍ର ସାଦୃଶ୍ୟ) '''' ଚକ୍ଷୁ ଚାରିପାର୍ଶ୍ୱରେ ଚୁଲୁଥାନ୍ତି । ସେହି ଅବସ୍ଥାରେ ଶିଶୁ'ର ପିଣ୍ଡ ଲାଲ, କେତେକାଂଶ ନୀଳବର୍ଣ୍ଣ ଦେଖାଯାଇ ଶୂନ୍ୟ ହୋଇଯାଏ, ମାୟା ଜଗତରେ ''ମାତୃ ବର୍ଣ୍ଣାଳୀ'' ପଥ ବର୍ଣ୍ଣ ପରିବର୍ତ୍ତନ କରିଥାଏ ।

ମାଆର ପାଦତଳ ଝିମ୍ ଝିମ୍ ଟପ୍ ଟପ୍ ହୋଇ ଲାଲ ପଡ଼ିଥାଏ । ପ୍ରତ୍ୟେକ ଚକ୍ର ବିଜୁଳି କ୍ଷଣାତ୍ ସୋରିଷ କଣା ଭଳି ମାଆକୁ ସ୍ପର୍ଶ କରି ଶିଶୁର ପାଦ ଭେଦ କରେ । ମାତୃଗର୍ଭରେ ରହି ଏପଟ ସେପଟ ଘୂର୍ଣ୍ଣନ କ୍ରିୟା କରେ । ମହାଶୂନ୍ୟରେ ମୋହାଚ୍ଛନ୍ନ ବିନ୍ଦୁ ବ୍ରହ୍ମର ହେତୁ 'ଇକ୍ଷୌର୍ଣ୍ଣି, କାର୍ଯ୍ୟ ଲଲାଟରେ ରହି ବଜ୍ରକପାଳୀ ନିର୍ମାଣ କରେ । ବ୍ରହ୍ମ ବଜ୍ରକପାଳି ଏକୋଇଶ ପ୍ରକାର । ଏହିଠାରେ ପ୍ରଶ୍ନ ଉଠେ, କିଛି ନ ଜାଣିବା । ସବୁ ଜାଣି ଭିତରେ

ଚତୁର ହୋଇ ପୁଣି ଭାବରୁ ଉଭେଇ ଯିବା, (ହେତୁ ସୂକ୍ଷ୍ମ) ପାଇବା ଦିନଠାରୁ ମନେରଖିବା, ସମସ୍ତ କର୍ମ ସମାଜ କ୍ଷେତ୍ରରେ କରିବା । କେତେକ କାର୍ଯ୍ୟ ହେଉଛି, ପୁଣି ଭାବରୁ ଉଭେଇ ଯାଉଛି, ଭାବରେ ଯାହା ପ୍ରଶ୍ନ ନିର୍ମାଣ ହେଉଛି, ତା ମଧ୍ୟରେ ସତ୍ୟ ମିଥ୍ୟାର ପରିପ୍ରକାଶ ଭାବ, ସିନ୍ଧି ଆକାରରେ ରହି ଯାଉଛି । ଯାହା ସିନ୍ଧି ହୁଏ ତାହା ସନ୍ଧିରେ ପରିଣତ ହୁଏ । ବିରାଟ ବିଷକୁମ୍ଭ ସ୍ଥାୟୀ ହୋଇ ରହିଥାଏ । ତା'ର ପରିବର୍ତ୍ତନ ନାଦଗର୍ଦ୍ଦଣ କୋଷରୁ ସୃଷ୍ଟି ହୁଏ । ବ୍ରହ୍ମ ବଜ୍ରକପାଳୀରୁ ଅଂଶ ସୃଷ୍ଟି ହୋଇ ପୁଣି କୁଆଁ ଅବସ୍ଥାକୁ ଗୁପ୍ତ ହୋଇ ରହିଥାଏ । ଧରାରେ ପାଦ ଦେଲେ ଗୁପ୍ତଅଂଶ ଗୁଡ଼ିଏ ଶକ୍ତ ହୋଇ କାର୍ଯ୍ୟ କରେ । ଆୟତ୍ତ ଅବସ୍ଥାକୁ ଆଣିଲେ, ଶିଶୁ ଅବସ୍ଥାରେ ସାଧନ, ଯୋଗକର୍ମ ମାନ କରାଗଲେ ଏହି କୋଷଗୁଡ଼ିକ ନିଷ୍କ୍ରିୟ ହୋଇଯା'ନ୍ତି ।

ଯଦି ନ କରାଯାଏ ତାହେଲେ ଜାଗ୍ରତ ହୋଇ ବିକେନ୍ଦ୍ରିୟ ବୃତ୍ତି ଗୁଡ଼ିକ ସକ୍ରିୟ ଅବସ୍ଥାରେ ଚାହିଁ ରହିଥାନ୍ତି । ଜୀବ ଏଠାରେ ଅଣଆୟତ ଅବସ୍ଥାରେ ରୁହେ । ମହତ ନିତି, ଭାବ ମାନ ଜାଗରଣ ହୁଏ ନାହିଁ । ପୁଣି ପରିବେଶ ପାଇଲେ ଜାଗ୍ରତ ହୋଇ, ହେତୁ ଚେତାକୁ ରକ୍ତଗୁର୍ଜ୍ଜରୀ କୋଷକୁ ସାହାଯ୍ୟ ମାଗି, ପିଣ୍ଡରେ ଥିବା ସଚେତନ କର୍ମମାନ ସକ୍ରିୟ ଅବସ୍ଥାକୁ ଚାଲି ଆସନ୍ତି । ପୂର୍ବରୁ କୋଷ ମାଧ୍ୟମ ଭିନ୍ନ ରୂପ ନେଇଥାନ୍ତି । ଜଡ଼ ଆଚରଣ ବୁଦ୍ଧି ସବୁ ଶୁଣେ, ଶୁଣି ସାରି ଭୁଲିଯାଏ, ତା'ର ଯେଉଁ ଜଡ଼ବୁଦ୍ଧିର କୁଚିନ୍ତା ଜଡ଼ର କୁଭାବ ସକ୍ରିୟ ଚେତା ବିଢେ କରନ୍ତି । କାର୍ଯ୍ୟରେ ମଧ୍ୟ ଲଗାଇ ଥାନ୍ତି । ଏହି କର୍ମମାନ ପିଣ୍ଡରେ ବଢ଼ିଯାଏ । ନଚେତ୍ କର୍ମ ବା ଆଚରଣରେ ଜୀବର ବିକେନ୍ଦ୍ରିୟ ବୃତ୍ତିରେ ନିଷ୍କ୍ରିୟ ହୋଇ ଦବି ଯା'ନ୍ତି । ଆହୁରି ମଧ୍ୟ ଚେତା ଭାବର ହେତୁ ପ୍ରକ୍ରିୟା କୁଅଭ୍ୟାସରେ ରହିଥାନ୍ତି । ଯୋଗ ଅଭ୍ୟାସ ଦ୍ୱାରା ଦବିଯାଏ । ନଚେତ୍ 'କୁ, ପିଣ୍ଡରେ ଆଘାତ ପାଇଲେ କାରଣର ଅଭ୍ୟାସ କେନ୍ଦ୍ର ତଥା ନାଦଗର୍ଦ୍ଦଣ କୋଷର ସାହାଯ୍ୟ ନେଇ କ୍ଷମତାକୁ ଆସନ୍ତି । ଯଦି କ୍ଷମତା ବାଧାପ୍ରାପ୍ତ ହେଲା 'କୁ, ପାଞ୍ଚ ନୀତି ପ୍ରୟୋଗ ହୋଇ 'ଭ୍ରମରୀ ମାୟା, ଜାଲରେ ପଡ଼ି କ୍ଷତିକରି ଯାଇ ଗୁର୍ଜ୍ଜରୀ ଫାଶରେ ପଡେ । ଏଠାରେ ମାଆ'ର ଭାବ ମତି ଶ୍ରୁତି ଜନନୀ, ଜଠର ମଧ୍ୟରେ ଥାଇ ଶୂନ୍ୟ ହେତୁର ବର୍ଣ୍ଣ ଲାଲ ହୋଇ ରହିଯାନ୍ତି । ମାୟା ଜଗତରେ ଘୂର୍ଣ୍ଣନ କର୍ମମାନ କରନ୍ତି । ବୟାଳିଶ କୁଣ୍ଡଳରେ ଥିବା ମାୟାର ମଂଜର ଗତି ଚୋଳି ପୁଣି ଘୂରି ବୁଲେ ।

କ୍ରମଶଃ...

ଘରଦ୍ୱାର ଛାଡ଼ି ଆସିଲୁ ଧାଇଁ
ଇଷ୍ଟକର୍ମ ମାନ କରିବା ପାଇଁ ।
ପରକଥା ଶୁଣି ବାଇଆ ହୋଇ
ସେବା କର୍ମ କିଆଁ ଦେଲୁରେ ଥୋଇ ??



# କଲ୍ୟାଣ ଦେଲି ତୋତେ


ପରମପୁରୁଷ ପରମେଶ୍ୱର । ଏ ସୃଷ୍ଟି ତାଙ୍କର ଖେଳଘର । ଜୀବଜଗତ ତାଙ୍କର ମନଲାଖି ଖେଳନା । ମାନବ ଯେପରି ସୁନ୍ଦର ବସ୍ତୁ ବା ଖେଳନା ଦେଖିଲେ ଖୁସି ହୋଇଯାଏ ଏବଂ ଖେଳରେ ମାତିଯାଏ, ସେ ମଧ୍ୟ ସେହିପରି ତାଙ୍କର ଏ ସୃଷ୍ଟିଖେଳଘରେ ଜୀବରୂପକ ଖେଳନାସହ ଖେଳିବାପାଇଁ ଅତ୍ୟନ୍ତ ଆଗ୍ରହୀ । ଶୂନ୍ୟସଭାଧରି ଖେଳିଖେଳି ମନ ନମାନିଲେ ସ୍ଥୂଳତନୁଧରି ଓହ୍ଲାଇଆସନ୍ତି କାମନା ପୂର୍ଣ୍ଣ କରିବାପାଇଁ । ତାହାହିଁ ଆଜି ସମ୍ଭବ ହୋଇଛି  ଧରାପୃଷ୍ଠରେ । ଅପୂର୍ବ ଗୋଟି ଚାଳନ କରି ସେ ଖେଳିଚାଲିଛନ୍ତି । ପ୍ରତ୍ୟେକ କହୁଛନ୍ତି ''ପ୍ରଭୁ ମୋର । ଏକାନ୍ତ ଭାବରେ ମୋର । କେବଳ ମୋହରି କଥାହିଁ ଶୁଣୁଛନ୍ତି, ରଖୁଛନ୍ତି, କରୁଛନ୍ତି ।'' ଆଶ୍ଚର୍ଯ୍ୟ ଲାଗେ । କିନ୍ତୁ ବାସ୍ତବରେ ସେ କାହାରି ନୁହଁନ୍ତି କେବଳ ଭାବରାଜ୍ୟର ମଉଡ଼ମଣି । ଭାବରେ ବନ୍ଧୀ । ନିବିଡ଼ ଭାବରେ ଅନୁଭବ ନକଲେ ଜାଣି ହେବନାହିଁ । ତେଣୁ ସେ କଲ୍ୟାଣମୟ କଲ୍ୟାଣ କରି ଚାଲିଛନ୍ତି ।

ମୁହିଁ ସିନା ଜଳବିନ୍ଦୁଟିଏ ପ୍ରଭୁ !
ତୁମେ ତ ମହାସାଗର ।
କେଉଁ କାରଣରୁ ରୋଷକରି ତୁମେ
କରୁଅଛ ମୋତେ ପର ?


ସ୍ୱାମୀ ହୋଇ ଯଦି କ୍ଷମା ନ କରିବ
କାହାକୁ କହିବି ଆଉ ।
ପତିଥାଇ ପତ୍ନୀ ହେଲେ ଅନାଥିନୀ
କାହିଁ ହେବ ମହାବାହୁ ?

ହେ ଭାରତୀ ପତି ! ସର୍ବତ୍ୟାଗୀ ଜତି !
କୋଳେ ତୋଳିନିଅ ଥରେ ।
ତୁମରି ଚରଣେ ମଥାରଖି ମରେ
ସତୀ କହିବେ ସଂସାରେ ।।

# କଲ୍ୟାଣ ଦେଲି ତୋତେ



‘ଚରମ’ରେ ମର୍ତ୍ତ୍ୟପକ୍ଷୀ ଧର୍ମର ବାହକ ।
ପିତା ଆଜ୍ଞା ଶିରେ ବହି ଭ୍ରମୁଛୁ ତ୍ରିଲୋକ ॥୧॥
ତୁହି ଏକା ମୋର ପ୍ରିୟ ଭରସା ରଖୁଛି ।
ସନାତନ ଧର୍ମ ତତ୍ତ୍ୱ ତୋ ଦେହେ ଆପୁଛି ॥୨॥
ବିରକ୍ତ ହେବୁନି ବାବୁ ବାଣୀ ବାହିନେବୁ ।
ଘରେ ଘରେ ଶ୍ରଦ୍ଧାଭରେ ସବୁ ବାଣ୍ଟିଦେବୁ ॥୩॥
କଳ ପଞ୍ଚଗୁଣନାମ ପୂର୍ବରୁ କହିଛି ।
ପିଣ୍ଡେ ପ୍ରତିଗୁଣ କର୍ମ ସୂଚାଇ ଦେଉଛି ॥୪॥
ପ୍ରଥମ ଗୁଣରେ ‘ଶୁକ୍ର’ କଥା ତୁହି ଶୁଣ ।
ସୃଷ୍ଟି ତତ୍ତ୍ୱ ରହସ୍ୟକୁ ମନମଧ୍ୟେ ଗୁଣ ॥୫॥
ରଜ, ବୀର୍ଯ୍ୟ ମିଳନରେ ଜରାୟୁରେ ବିନ୍ଦୁ ।
ସ୍ଥାପନ ହୁଅଇ ତାହା ଜାଣୁ ଧର୍ମ ଇନ୍ଦୁ ॥୬॥
ଜଳରୁ ଉତ୍ପନ୍ନ ହୋଇଥାଏ ଶୁକ୍ର, ରଜ ।
ଜଳ ଭାଣ୍ଡେ ରହିଥାଏ ହୋଇ ସେ ଆତ୍ମଜ ॥୭॥
ପିତାମାତା ସଂଯୋଗରେ ଜଳର ମାଧ୍ୟମେ ।
ଆସଇ, ରହଇ ବିନ୍ଦୁ ଜଠରର ଧାମେ ॥୮॥
ଶରୀରରେ ତିନିଭାଗ ଜଳ ରହିଅଛି ।
ସେହିକ୍ରମେ ଜରାୟୁରେ ଜଳ ପୂରିଅଛି ॥୯॥
ସେହିଜଳେ ଶୁକ୍ରକୀଟ ଆନନ୍ଦେ ବିହରେ ।
ବ୍ରହ୍ମମାୟାବଳେ ପିଣ୍ଡ ଧାରଣ ସେ କରେ ॥୧୦॥
ଗର୍ଭତତ୍ତ୍ୱ ନେଇ ପିଣ୍ଡ ଜଳର ଆଧାର ।
ପାଚନ, ଦହନ, ହବନାଦି କ୍ରିୟା ଭାର ॥୧୧॥



ସ୍ୱୟଂ ଚାଳିତ ଭାବରେ ସଂଗଠିତ ହୁଏ ।
ସମସ୍ତ କର୍ମରେ ତୋର ପିତା ଆଜ୍ଞା ଥାଏ ॥୧୨॥
ଜଳର ଦ୍ୱିତୀୟଗୁଣ ଶୋଣିତ ଅଟଇ ।
ସୂକ୍ଷ୍ମରେ ପ୍ରାଣଶକ୍ତି ଧାରଣ କରଇ ॥୧୩॥
ଶୋଣିତ ବା ରକ୍ତ ତୋର ଶିରା ପ୍ରଶିରାରେ ।
ପ୍ରବାହିତ ହେଉଥାଏ ନିର୍ଦ୍ଦିଷ୍ଟ ରୀତିରେ ॥୧୪॥
ପିଣ୍ଡରକ୍ଷା ଅବା ତୋର ଜିହ୍ୱାର ଲାଳସା ।
ପୂର୍ଣ୍ଣହେବାପାଇଁ କରୁ ଖାଦ୍ୟରେ ଭରସା ॥୧୫॥
ସେହି ଖାଦ୍ୟ ଜଳସଂଗେ ମିଳିତ ହୋଇଲେ ।
ଅଗ୍ନିତେଜ ପ୍ରଭାବରେ ସୂକ୍ଷ୍ମକ୍ରିୟା ଚାଲେ ॥୧୬॥
ସେହି କ୍ରିୟା ପରିଣାମେ ମେଦ ସୃଷ୍ଟି ହୁଏ ।
ଜଳଅଂଶେ ରକ୍ତ ପିଣ୍ଡେ ସଂଚରିତ ହୁଏ ॥୧୭॥
ସହସ୍ରାର ଚକ୍ର ମଧ୍ୟେ ଅସ୍ଥିର ଭିତରେ ।
ଏହି ଜଳ ମଜ୍ଜା ହୋଇ ପ୍ରାଣଶକ୍ତିଧରେ ॥୧୮॥
ଚତୁର୍ଥ ପଞ୍ଚମଗୁଣେ ମଳ, ମୂତ୍ର ହୁଏ ।
ଶରୀର ଶୋଧନେ ସୂକ୍ଷ୍ମେ କ୍ରିୟା କରୁଥାଏ ॥୧୯॥
ସେଥିପାଇଁ ଶୁଦ୍ଧଜଳ ନକରିଲେ ପାନ ।
ରକ୍ତ, ମଜ୍ଜା, ରଜ, ବୀର୍ଯ୍ୟ ହୁଅଇ ପତନ ॥୨୦॥
ଜରା, ବ୍ୟାଧି ଗ୍ରାସ କରେ ଦୂଷିତ ଜଳରେ ।
ମନ ଶକ୍ତି ପ୍ରାଣଶକ୍ତି ଦୁର୍ବଳେ ବିହରେ ॥୨୧॥
ଜଳ ପିଣ୍ଡ ଗୁଣ ତତ୍ତ୍ୱ ମନେ ରଖିଥିବୁ ।
ନିଜେ ମାନି ଅନ୍ୟକୁ ଯତନେ ବୁଝାଇବୁ ॥୨୨॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

## ଠାକୁରଙ୍କ ଶ୍ରୀମୁଖନିଃସୃତ ବାଣୀ :

୧. ଧର୍ମନିଷ୍ଠାରେ ସ୍ଥିତବାନ ବ୍ୟକ୍ତି ଧର୍ମ ଧର୍ମ ମଧ୍ୟରେ, ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ, ପଥ ପଥ ଓ ମତ ମତ ମଧ୍ୟରେ ପାର୍ଥକ୍ୟ ବାରିପାରେ ନାହିଁ । ଧର୍ମନିଷ୍ଠ ବ୍ୟକ୍ତି ଏପରି ହିଁ ହୋଇଥାଆନ୍ତି । ସେମାନଙ୍କ ନିକଟରେ ଧର୍ମ ଏକ ।

୨. ନିର୍ବାଣ ଲାଭ କଲେ ଦୀପଲିଭିଯାଏ । ଆତ୍ମସତ୍ତା କାରଣ ସ୍ୱରୂପ ଲାଭକରି ମହାଶୂନ୍ୟରେ ଅବ୍ୟକ୍ତ ମଣ୍ଡଳସ୍ଥିତ ସନାତନ ଧର୍ମମଣ୍ଡଳରେ ସ୍ଥାନପାଏ । ଫଳରେ ତାକୁ ପୁନର୍ଜନ୍ମ ଜନିତ କର୍ମ ଓ କର୍ମଫଳ ବନ୍ଧନରେ ପଡ଼ିବାକୁ ହୁଏ ନାହିଁ । ସେହି ଦିବ୍ୟାତ୍ମା ଯେତେବେଳେ ଧରାଧାମକୁ ଆସନ୍ତି, ଗୁରୁ ଅଙ୍ଗରେ ଅବତରଣ କରନ୍ତି ଓ ଜଗତଜନଙ୍କୁ ଧର୍ମପଥ ଦେଖାଇ ଯାଆନ୍ତି ।

୩. ଧର୍ମ ବିଷୟରେ ତୁମେ ଯାହାସବୁ ଶୁଣୁଛ ସେଥିରୁ କଣିଚାଏ ତୁମ ଆଚରଣରେ, ତୁମ ଚରିତ୍ରରେ, ତୁମ ଚିନ୍ତାରେ, ତୁମ କର୍ମରେ ଏବଂ ତୁମର ନିତିଦିନିଆ ଜୀବନଚଳନିରେ ଯଦି ଫୁଟି ନଦିଶିଲା, ତେବେ ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ତୁମର, ତୁମ ପରିବାର, ସମାଜ ଓ ବିଶ୍ୱର କି ଉପକାର ଲାଭ ହେଲା ??

୪. ରାଗାନୁରାଗ ପ୍ରେମଭକ୍ତି ଗଜୁରିଲେ ପ୍ରିୟପୁରୁଷଙ୍କର ବିଚ୍ଛେଦ ସହି ପାରିବ ନାହିଁ । ଯେତେବେଳେ ଏହି ବିଚ୍ଛେଦ ଅସହ୍ୟ ଯନ୍ତ୍ରଣାଦାୟକ ବୋଧହେବ, ତୁମେ ନିଜେ ହିଁ ବୁଝିପାରିବ ଯେ ତୁମର ନିଷ୍ଠା ଆସିଯାଇଛି ।

୫. ହୃଦୟକୁ କ୍ଷେତ କରିଦିଅ । ଭାବକୁ ବୀଜ ମଣ । ଭକ୍ତିକୁ ରସ କର । ଏହା ସହିତ ତପର ଉତ୍ତାପରେ ବୀଜରୁ ଯେଉଁ ଅଙ୍କୁର ବାହାରିବ, ତା'କୁ ପ୍ରେମ ବୋଲି ଜାଣ । ସେହି ପ୍ରେମବୃକ୍ଷରୁ ଯେଉଁ ଫଳ ମିଳିବ ତାହାହିଁ ଆନନ୍ଦ । ଏହି ଆନନ୍ଦଫଳକୁ ପାଇଗଲେ ବ୍ରହ୍ମର ଅନୁଭବ ଆସେ । ଚୈତନ୍ୟ ଜାଗ୍ରତ ନହେଲେ ଏସବୁ କିଛି ହେବନାହିଁ ।

୬. ଯେଉଁମାନେ ପ୍ରକୃତ ଧାର୍ମିକ ସେମାନଙ୍କର ଭେଦଭାବ ନଥାଏ । ସମସ୍ତେ ସେମାନଙ୍କର ଶ୍ରଦ୍ଧାଭାଜନ, ସମସ୍ତେ ସେମାନଙ୍କ ଦୃଷ୍ଟିରେ ସମାନ ।

୭. ବିବେକ, ବିଚାର ଓ ଚେତନାରେ ଶ୍ରେଷ୍ଠବୋଲି ଇତର ପ୍ରାଣୀଠାରୁ ମନୁଷ୍ୟ ଜନ୍ମ ଓ ଜୀବନ ମହତ୍ ।

୮. ଧର୍ମ ବା ମାନବିକ ଗୁଣାବଳୀ ଆହରଣ ସହିତ ଆଚରଣରେ ଦୃଢ଼ ଅନୁରାଗ, ଗଭୀର ଶ୍ରଦ୍ଧା, ଏକାଗ୍ରତା ଏବଂ ଏକାନ୍ତ ଅନୁରକ୍ତିର ସହିତ ଆପଣା ସ୍ଥିତିରେ ନିଷ୍ଠରି ସ୍ୱରୂପ ରହିବାହିଁ ଧର୍ମନିଷ୍ଠା । ଧର୍ମନିଷ୍ଠା ନିମନ୍ତେ ସଂକଳ୍ପ ଏବଂ ପ୍ରିୟତ୍ୱବୋଧ ଏକାନ୍ତ ପ୍ରୟୋଜନ ।

୯. ହିଂସା, ଈର୍ଷା, ପରଶ୍ରୀକାତରତା, ନିଷ୍ଠୁରତା, ମିଥ୍ୟାଚାର, କପଟତା, ଛଳନା, ଚାତୁରୀ, ସ୍ୱାର୍ଥପରତା, ଚରିତ୍ରହୀନତା, ବୈଷମ୍ୟ ଆଦି ଆସୁରିକ ଓ ପାଶବିକ ପ୍ରବୃତ୍ତି ସକଳକୁ ଦୂରେଇ ଦେଇ ନପାରିଲେ, ପ୍ରକୃତ ଅର୍ଥରେ ଧର୍ମାଚରଣ ସମ୍ଭବ ହୁଏ ନାହିଁ । ଯଦି ବା କେଉଁଠି ସମ୍ଭବ ହୁଏ, ତେବେ ତାହା ବାହ୍ୟତଃ ଧର୍ମାଚରଣ, ତେଣୁ ଅନ୍ତଃକରଣରେ ପଶୁ ପ୍ରବୃତ୍ତି ଠୁଳ ହୋଇ ରହିଥାଏ ।

୧୦. ଧର୍ମଧାରା ପାଳନ ହିଁ ମୋର ଏକାନ୍ତ ପ୍ରିୟ ଓ ଧାରାଧରି ପ୍ରତିଦିନ କର୍ମଯୋଗ ଅଭ୍ୟାସ ନକଲେ ମୁଁ କୌଣସି ପ୍ରକାରେ ରହିପାରିବି ନାହିଁ, ତେଣୁ ଧାରାଧରି କର୍ମଯୋଗ ଅଭ୍ୟାସ ଛାଡ଼ି ପାରିବି ନାହିଁ - ଏ ପ୍ରକାର ଦୃଢ଼ ସଂକଳ୍ପ ନେଇ ଆଗେଇ ଗଲେ କ୍ରମେ ଧର୍ମନିଷ୍ଠା ଆସିଥାଏ ।

୧୧. ତୁମର ଲୋକ ଦେଖାଣିଆ ସେବା, ତ୍ୟାଗ, ଅନୁରାଗ, ଦାନ ଇତ୍ୟାଦିରେ ଆମେ କେବେ ସନ୍ତୁଷ୍ଟ ନୋହୁଁ । ଆମେ ଲକ୍ଷ୍ୟକରୁ ତୁମ ଭାବକୁ, ତୁମ ଅନ୍ତଃସ୍ଥଳକୁ, ଅନ୍ତରକୁ ।

୧୨. ବିଶ୍ୱାସ କର, ଅଟଳ ବିଶ୍ୱାସ ବଳରେ ଅସମ୍ଭବ ସମ୍ଭବ ହୁଏ । ସରଳ ପ୍ରାଣରେ, ନିଷ୍କପଟ ହୃଦୟରେ, ସ୍ୱଚ୍ଛ ମନରେ ବିଶ୍ୱାସ କର । ପ୍ରଥମେ ଦରକାର ଅଗାଧ ପ୍ରଗାଢ଼ ଅଟଳ ବିଶ୍ୱାସ ।

୧୩. ସତ୍ୟ କଥନ, ସତ୍ୟ ଦର୍ଶନ, ସତ୍ୟ ଆଚରଣ ମଧ୍ୟରେ ମନୁଷ୍ୟତ୍ୱର ବିକାଶ ଘଟେ । ଆଚରଣ ଓ ଉଚ୍ଚାରଣରେ ସାମ୍ୟ ଓ ସମନ୍ୱୟ ନିର୍ମଳ ବ୍ୟକ୍ତିସତ୍ତା ଜାଗ୍ରତ ହୁଏ । ରୀତି, ନୀତି ଓ ବିଚାର ବୋଧ ଦ୍ୱାରା ଚୈତନ୍ୟ ଜାଗ୍ରତ ହୁଏ । ଏହି ଚେତନାର ଜାଗୃତି ହିଁ ଦିବ୍ୟାତ୍ମା ବୋଧର ଅନୁଭବ ଆଣିଦିଏ ।

୧୪. ଭଗବାନଙ୍କର ଅନ୍ୟ ଏକ ନାମ ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦର ଅର୍ଥ ସତ୍, ଚିତ୍ ଓ ଆନନ୍ଦ । ହୃଦୟ ମଧ୍ୟରେ ସତ୍ୟକୁ ଅନୁଭବ କରି, ସତ୍ୟ ଦର୍ଶନ କରି, ସତ୍ୟ ପଥରେ ଗମନ କରି, ସତ୍ୟ ଆଚରଣ କଲେ ଚେତନାର ଉଦୟ ହୁଏ । ଚେତନାର ଉଦୟ ହେଲେ, ଆନନ୍ଦର ଉନ୍ମେଷ ଘଟେ ।

୧୫. ଭାବରୁ ଜ୍ଞାନର ଉଦୟ । ଜ୍ଞାନରୁ ଚୈତନ୍ୟ । ଚୈତନ୍ୟରୁ ଦିବ୍ୟପ୍ରେମ । ଦିବ୍ୟପ୍ରେମରୁ ଅଧ୍ୟାତ୍ମଭାବ । ଅଧ୍ୟାତ୍ମଭାବରୁ ଈଶ୍ୱରାନୁଭବ ହୋଇଥାଏ ।

୧୬. ସୁପ୍ତ ଚେତନାକୁ ଜାଗ୍ରତ ନକଲେ ଭଗବାନଙ୍କ ସହିତ ଭେଟ ହୁଏ ନାହିଁ । ଭଗବାନଙ୍କ ସହିତ ଭେଟ ନହେଲେ ଆତ୍ମା-ପରମାତ୍ମାଙ୍କ ନିତ୍ୟରାସ ହୁଏ ନାହିଁ । ଅନ୍ତଃସ୍ଥଳରେ ନିତ୍ୟରାସ ନହେଲେ ପୂର୍ଣ୍ଣାନନ୍ଦପ୍ରାପ୍ତି ଘଟେ ନାହିଁ ।

୧୭. ପୂର୍ଣ୍ଣାନନ୍ଦ ଆଉ କ'ଣ କି ? ଏହା ଭୋଗବିଳାସ, ଇନ୍ଦ୍ରିୟ ଲାଳସା କିମ୍ବା ପାର୍ଥିବ ସୁଖ ନୁହେଁ । ଏହା ଇନ୍ଦ୍ରିୟାତୀତ ଅପାର୍ଥିବ ନୈସର୍ଗିକ ହୃଦୟଭାବ । ଏହା ଦିବ୍ୟ ଶାଶ୍ୱତ ସୁଖ ଶାନ୍ତି ପ୍ରଦାନ କରେ । ଏହାହିଁ ଆନନ୍ଦ, ପୂର୍ଣ୍ଣାନନ୍ଦ । ଏହା ଅମୃତତ୍ୱ ଆଣିଦିଏ ।

୧୮. ଆନନ୍ଦରୁ ଅମୃତତ୍ୱ ପ୍ରାପ୍ତି । ଏହି ଅମୃତ ପାନ କଲେ ଜୀବ ଅଜର ଅମର ଅବିନାଶୀ ହୋଇଯାଏ । ଏହି ଆନନ୍ଦହିଁ ବ୍ରହ୍ମାନନ୍ଦ ସହୋଦର ।

୧୯. ଆନନ୍ଦ ପ୍ରାପ୍ତି ହେଲେ ବ୍ରହ୍ମଙ୍କୁ ପାଇବାର ପଥ ପରିଷ୍କାର ହୋଇଯାଏ । ଆନନ୍ଦ ଅର୍ଦ୍ଧଚନ୍ଦ୍ର ରୂପରେ ବ୍ରହ୍ମଙ୍କୁ ଆଚ୍ଛନ୍ନ କରି ରଖିଛି ।

୨୦. ବ୍ରହ୍ମ ପାଖକୁ ଯିବାକୁ ହେଲେ, ଆନନ୍ଦକୁ ମାଧ୍ୟମ କରି ଆନନ୍ଦ ପଥରେ ଯିବାକୁ ହୁଏ । ଆନନ୍ଦର ସାହାଯ୍ୟ ବିନା ବ୍ରହ୍ମର ନିକଟବର୍ତ୍ତୀ ହେବା ସହଜ ନୁହେଁ ।

୨୧. ଆନନ୍ଦ ଓ ବ୍ରହ୍ମ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି । ଗୋଟିକୁ ଛାଡ଼ି ଅନ୍ୟଟି ରହିପାରେ ନାହିଁ ।

**ପରମେ ଚରମ ନରମ ପନ୍ଥା**
**ଗରମେ ଗ୍ରୀଷମ ଘୋଡ଼ିଛି କନ୍ଥା,**
**ଯନ୍ତା ପାତି ଦନ୍ତା ଧରିବା ପାଇଁ**
**ବେଳ ରତରତ ରାତି ତୋ' କାହିଁ ??**

# ନୀଳଚକ୍ର
## ଚରମର ସଂକେତ

## କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଓ ସତ୍‌ସଂଗ ମହୋତ୍ସବ

ଶକାବ୍ଦ ୧୯୩୩, ୧୪୧୮ ସାଲ, ମେଷ ୩୦ଦିନ, ବୈଶାଖ ୨୩ଦିନ, ଶୁକ୍ରବାର, ବୈଶାଖ ଶୁକ୍ଲପକ୍ଷ, ଦଶମୀ/ଏକାଦଶୀତିଥି ଠାରୁ ବୃଷ ୩ଦିନ, ବୈଶାଖ ୨୭ଦିନ, ମଙ୍ଗଳବାର, ଚନ୍ଦନ / ବୁଦ୍ଧ/ ମଙ୍ଗଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ।। ଇଂରାଜୀ ମତେ ୨୦୧୧ ମସିହା, ମେ ମାସ, ୧୩ ତାରିଖ ଠାରୁ ତା ୧୭ରିଖ ପର୍ଯ୍ୟନ୍ତ ।।

ସ୍ଥାନ : ଭଲଦିଆ, ଅନନ୍ତଗୋପାଳ ଆଶ୍ରମ, ମାହାଙ୍ଗା, ଜି : କଟକ, ଓଡ଼ିଶା

ଓଁ

''ନମସ୍ତେ ପ୍ରଭୁପାଦାୟ
ସୁକାନ୍ତି ତନୟାୟଚ୍ ।
ଯଦୁନାଥ ନନ୍ଦନାୟ
କେଶବାୟ ନମୋନମଃ ।।
ନମୋ ଚରମନାଥାୟ
ନମଶ୍ଚରମ ପତୟେ ।
ନମୋ ଚରମ ପିତାୟ
ଚରମାୟ ନମୋନମଃ ।।''

❋

'ସ୍ମୃତି ସ୍ମାର୍ତ୍ତାନାଂ ବିଷ୍ଣୁଃ ବୈଷ୍ଣବାନାଂ
ଭକ୍ତି ଭକ୍ତାନାଂ ବିସ୍ମୃତି ବିସ୍ମୃତାନାମ୍ ।
ଆର୍ତ୍ତ ଆର୍ତ୍ତିନାଂ ଚେତନ ଶ୍ଚେତନାନାଂ
ଏକୋ ବହୂନାଂ ଅନ୍ତର୍ବହିରବସ୍ଥିତମ୍ ।।'

❋

'ଶୃଣନ୍ତି ଗୃଣନ୍ତି ଗାୟନ୍ତି ଯେ ସଦା
ସ୍ମରନ୍ତି ନନ୍ଦନ୍ତି ତବ ନାମ ଜନା ।
ତେ ପଶ୍ୟନ୍ତି ଅବିଚଳେନ ତେଷାଂ
ଭବ ପ୍ରବାହ ଚ୍ଚରମପଦାମ୍ବୁଜମ୍ ॥'

❋

ହେ ପ୍ରଭୁ ଯଦୁନନ୍ଦନ ଅଥୟ ହେଉଛି ମନ
କରୁଣା କଲ୍ୟାଣ କରୁଥିବ ।
ଡାକୁଛି ମୁଁ ହୃଦଖୋଲି ଶ୍ରୀପାଦେ ନଦେବ ଠେଲି
ପାଦଧ୍ୟାୟି ଜୀବ ମୋ'ର ଯିବ ॥''

- *କେଶବ ଦାସ*

❋

## ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

'ସତ୍ୟ କୁହ, ପ୍ରିୟ କୁହ, ନକୁହ ସତ୍ୟଅପ୍ରିୟ,
ପ୍ରିୟମିଥ୍ୟା ବିଷ ତୁଲ୍ୟ ସବୁକାଳେ ବର୍ଜନୀୟ....
ମିଥ୍ୟା ହେଉ ପଛେ ପ୍ରିୟ,
ନୁହଇ ସେ କେବେ ବି ଗ୍ରହଣୀୟ ॥'

ବୈବସ୍ୱତ ମନୁଙ୍କର ୭୧ ଗୋଟି ଚତୁର୍ଯୁଗ ମଧ୍ୟରୁ ୨୭ଟି ଚତୁର୍ଯୁଗ ଭୋଗ ହୋଇସାରିଛି । ବର୍ତ୍ତମାନ ତାଙ୍କର ୨୮ ଗଣ୍ଡା ଯୁଗ ଭୋଗ ହେଉଛି । ଏହି ୨୮ତମ ଚତୁର୍ଯୁଗ ମଧ୍ୟରୁ ସତ୍ୟ, ତ୍ରେତା ଓ ଦ୍ୱାପର ଭୋଗ ଶେଷ ହୋଇ କଳିଯୁଗର ୫୧୧୧ ବର୍ଷ ଭୋଗ ହେବାପରେ କଳିଯୁଗାବ୍ଦ ୫୧୧୨ ଭୋଗ ହେବାକୁ ଯାଉଛି । ବୈବସ୍ୱତ ମନୁଙ୍କର ୨୮ତମ ଦ୍ୱାପର ଯୁଗରେ କୃଷ୍ଣ ବଳରାମ ଯେଉଁ ପୀଠରେ ଯେଉଁ ଅଲଭ୍ୟ ଲୀଳା କରିଥିଲେ ତାହାର ସଂକେତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର 'ମାଳିକା ଠାର ବିଚାର' ନାମକ ଏକ ଦୁର୍ଲଭ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି । ଏହି ଠାର ର ବିଚାର ସମାଧିସ୍ତରର ବାର ସୋପାନ ଅତିକ୍ରମ କରିଥିବା ସିଦ୍ଧ ଯୋଗୀ କେବଳ କରି ପାରିବେ ବୋଲି ମହାପୁରୁଷ ସ୍ପଷ୍ଟ ଭାବରେ ପ୍ରିୟ ଶିଷ୍ୟ ରାମଙ୍କୁ କହି ଯାଇଛନ୍ତି ।

'ରାମ ରେ, ଏକଥା ରଖିଥା ମନେ,
କେବେ ନକହିବୁ କାନରେ ଅନ୍ୟେ ।
ମାଳିକା ବିଚାର ମାଳିକା ଠାର,
ସେହି ବୁଝିବ ଯେ ଟପିଛି ବାର ।
ସମାଧି ସ୍ତରର ବାର ସୋପାନ,
ଟପିଲେ ଜାଣିବ କରିଲେ ଧ୍ୟାନ ।
ମାଳିକା ଠାର ବିଚାର ଏ ପୋଥି,
ଜାଣି ନ ପାରିବ ମୂଢ଼ ଯା' ମତି ।

ସାଇତି ଯାଇଛି ବଲ୍ମୀକ ଗୃହେ,
କେବେ ପଢ଼ିବୁନି ଏ ପୋଥି ମୋହେ ।
ଏ ପୋଥି ଯାହାକୁ ହେବ ପ୍ରାପତ,
ତା' ନାମ ଗୋଟି ରଖିବୁ ଗୁପତ ।
ସପତ ବ୍ରହ୍ମାଣ୍ଡ ଆସିବୁ ବୁଲି,
ସବୁଠି ଦେଖିବୁ ପଶ୍ଚିମା ବୁଲି ।
ଯେଉଁଠି ବୁଲି ଥିବ ପୂର୍ବ ମୁଖା,
ସେଇଠି ତା' ସାଥେ ହୋଇବ ଦେଖା ।
ତା'କୁ ଚିହ୍ନିବୁ ତା' ପାଦକୁ ଦେଖି,
ସେ ଥିବ ଶ୍ରୀପାଦପଦ୍ମ ନିରେଖି ।
ଅନେକ ବିଚାର ଅଛି ଏଠାରେ,
ଗୋଟିଏ କହୁଛି ତହୁଁ ଏଠାରେ ।'

ସେହି ସୁଦୁର୍ଲଭ ପୋଥି 'ମାଳିକା ଠାର ବିଚାର'ର ସପ୍ତମ ତରଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଛନ୍ତି :-

'ଋତୁ ସସ୍ର ପରେ ଫଳ ଶତ ଯୋଖ
ଏଥିରୁ ବରଷ ସଂଖ୍ୟା ଗୋଟି ଦେଖ ।।
କୃଷ୍ଣ ବଳରାମ ତେବେ କରିଥିଲେ
ଲୀଳା ଗୋଟି ସେହି ଗହନ ଜଙ୍ଗଲେ ।।
ହିସାବ ଖୋଜିବା ଯୋଗୀ ଅଙ୍କ କଷି
ପାଇବ ସେ କାଳ ଧ୍ୟାନ ଯୋଗେ ବସି ।।
ଶ୍ୱେତବରାହ କଳପ ସାତ ମନୁ
ଦୁଇ ଆଠ ଗଣ୍ଡାଯୁଗ ଭୋଗ ଘେନୁ ।।
କଳି ଭୋଗ ଶେଷ ପାଞ୍ଚ ଏକ ତିନି
ତା'ପର ବରଷେ କାଳଥିବ ଘେନି ।।
ସେ କାଳେ ଏକାଳ କହୁଅଛି ଠାରି
ଜାଣିଥିବୁ ରାମ ଗୁପତ ଏ ଭାରି ।।'

**ଏହାର ଅର୍ଥ ପ୍ରିୟଶିଷ୍ୟ** ରାମଦାସଙ୍କୁ ବୁଝାଇବାକୁ ଯାଇ ମହାପୁରୁଷ କହୁଛନ୍ତି ଯେ, ଋତୁ ଅର୍ଥାତ୍ ଛଅ **ସସ୍ର ଅର୍ଥାତ୍ ସହସ୍ର ବା ହଜାର,** ଫଳ ଅର୍ଥାତ୍ ସୁଖ ଓ ଦୁଃଖ ଦୁଇଫଳ, ଶତ ଅର୍ଥାତ୍ ଶହ (୧୦୦), ତେଣୁ ଛଅ **ହଜାର ଦୁଇଶହ (୬୨୦୦) ବର୍ଷ** ପୂର୍ବେ, ତ୍ରେତା ଯୁଗ ପରେ ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମ ଗୋଟିଏ ଘଞ୍ଚ **ଜଙ୍ଗଲରେ ଲୀଳା କରିଥିଲେ ।** ଏହି ୬୨୦୦ ବର୍ଷକୁ ଜାଣିବା ପାଇଁ ମହାପୁରୁଷ ଅଚ୍ୟୁତ କହୁଛନ୍ତି - ଶ୍ୱେତ ବରାହ କଳ୍ପ ର **ସପ୍ତମ ମନୁ ଅର୍ଥାତ୍ ବୈବସ୍ୱତ ମନୁଙ୍କ** ୨୮ତମ ଗଣ୍ଡାଯୁଗ ଭୋଗର କଳିଯୁଗ ପାଞ୍ଚ ଏକ ତିନି ଅର୍ଥାତ୍ (୫୧୧୧ବର୍ଷ)ରେ ହିସାବ କଷିଲେ ୬୨୦୦ ବର୍ଷ ପୂର୍ବେ ସେ ଲୀଳା ଖେଳା ହୋଇଥିଲା । ଅର୍ଥାତ୍ ଦ୍ୱାପର ଯୁଗ ଶେଷ ହେବାକୁ ଆଉ ମାତ୍ର ଏକ ହଜାର ଅଣାନବେ ବର୍ଷ ବାକିଥିଲା । ଏ ଲୀଳାର ୧୦୮୯ ବର୍ଷ ଅନ୍ତେ କଳି ପ୍ରବେଶ କଲା ।

ଅଚ୍ୟୁତ ମହାପୁରୁଷଙ୍କର ବର୍ଣ୍ଣନା ଅନୁସାରେ -

'କୃଷ୍ଣ ଗୋପାଳ ଏଠାରେ ଲୀଳା ଆଚରିଲା ।
ଶେଷଦେବ ଅନନ୍ତ ଯେ ତା' ପାଖରେ ଥିଲା ॥
ତେଣୁ ଏ ପୀଠର ନାମ ଅନନ୍ତ ଗୋପାଳ ।
କଳିରେ ଭଗତେ ଏଥି ହେଉଥିବେ ଭୋଳ ॥
ଆଦ୍ୟ କଳି କାଳେ ଏଥି ଥିଲେ-ଜଣେ ସାଧୁ ।
ପାଦରୁ ତାଙ୍କର ଝରି ପଡୁଥିଲା ମଧୁ ॥
ମଧୁଶ୍ରାବୀ ନାମ ତେଣୁ ସେହୁ ବୋଲାଇଲେ ।
ସତୀ ସାଧ୍ୱୀ ପତ୍ନୀ ତାଙ୍କ ସେବା କରୁଥିଲେ ॥
କାଳବଳେ ଜଣେ ବିଷ୍ଣୁ ଭକ୍ତ ଭେଟହେଲେ ।
ସାଧୁଙ୍କ ପତ୍ନୀକୁ ଧରି ସେହୁ ପଳାଇଲେ ॥
ହରିନେଲେ ଯେଉଁ ଭକ୍ତ ସେ ହେଲେ ପତିତ ।
ଅତୀତ କଥା ଏଠାରେ ହୋଇଲା ଅତୀତ ॥
ପୀଠର ମହିମା ରାମ ହୋଇବ ପ୍ରକାଶ ।
କାଳବଳେ ପ୍ରଚରିବ ମରୁତ ଆକାଶ ॥
ଅନନ୍ତ ଗୋପାଳ ପୀଠ ବହିବ ଯେ ନାମ ।
ଅନନ୍ତ ସହିତ ପୁଣି ଗୋପାଳ ଆଶ୍ରମ ॥'

କାଳ, ମହାକାଳ, କାଳଚକ୍ରର ଆଜ୍ଞାକୁ ଅବଜ୍ଞା କରିବାର ଶକ୍ତି ପୁଣି କାହାର ଅଛି ? ମହାପୁରୁଷ ଅଚ୍ୟୁତ ସେହି ମହାକାଳଙ୍କର କାଳଚକ୍ରର ଆଜ୍ଞାକୁ ସମ୍ମାନ ଜଣାଇ ତାଙ୍କ ରଚିତ ପୋଥିରେ 'ଅନନ୍ତ ଗୋପାଳ ଆଶ୍ରମ'ର ମହିମା ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛନ୍ତି । ସେହି ପୀଠର ମହିମା ପ୍ରକାଶ କରି ଆଜକୁ ବହୁବର୍ଷ ପୂର୍ବେ ସେଠାରେ ଥିବା ବାଉଁଶଝାଡ଼ରୁ ଗୋଟିଏ ବାଉଁଶକଟା ଯାଇଥିଲା । ସେହି ନିର୍ଦ୍ଦିଷ୍ଟ ବାଉଁଶ ମୂଳିରୁ କ୍ଷୀର ସ୍ରବି ଥିଲା । ସେ ଅଞ୍ଚଳବାସୀ ଏହା ପ୍ରତ୍ୟକ୍ଷରେ ଦେଖିଥିଲେ । ଆହୁରି ମଧ୍ୟ ଦେଖିଥିଲେ ଯେ, ମାଳ ମାଳ ସର୍ପ ସେଠାରେ ଦିନରାତି ବୁଲୁଥିଲେ । ପୀଠର ମହିମା ମହତ୍ତ୍ୱ ପ୍ରଚାର ପ୍ରସାର ନିମନ୍ତେ ଏହା କାଳଚକ୍ରର ଖେଳମାତ୍ର ଥିଲା । ତା'ହୋଇ ନଥିଲେ କଳିକାଳର କଳିହତ ସନ୍ଦେହୀ ଜୀବମାନେ ଧର୍ମର ମହାତ୍ମ୍ୟ ଓ ଆଧ୍ୟାତ୍ମିକତା ଉପରେ କ୍ଷୀଣତମ ବିଶ୍ୱାସ ମଧ୍ୟ ରଖିବାକୁ ସମର୍ଥ ହୋଇପାରନ୍ତେ ନାହିଁ ।

ପୁନଶ୍ଚ ଶିଷ୍ୟ ରାମ ଗୁରୁ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଛାମୁରେ ଏହି ପୀଠର ମହିମା ପୁଣି କିପରି ବିସ୍ତାର ଲାଭ କରିବ ସେ ସମ୍ବନ୍ଧରେ ପ୍ରଶ୍ନ ପଚାରିଲେ -

'ହେ ଗୁରୁ ! ଆନନ୍ଦ କନ୍ଦ ବୁଝାଇ
ପୀଠର ମହିମା ଦିଅହେ କହି ॥
କେମନ୍ତ ମହିମା ବିସ୍ତାର ହେବ
କିଏ ସେ ଏଡ଼େ କରମ କରିବ ॥'

ଶିଷ୍ୟ ରାମଙ୍କ ପ୍ରଶ୍ନରେ ଅତୀବ ପ୍ରୀତ ହୋଇ ମହାପୁରୁଷ ବୋଲୁଛନ୍ତି -

'ଅତି ଗୁମର ଏ ଗହନ ବାକ୍ୟ ।
ଜାଣିବ କେ ରାମ ! କାହାର ଶକ୍ୟ ॥
ଊନବିଂଶ ତିନିତିନି ଶକାବ୍ଦ ।
ଉଠିବ ରୋଳ ଶୁଭିଯିବ ଶବ୍ଦ ॥
ଏକଚାରି ଏକ ଆଠ ଶାଲରେ ।
ମେଷ ତିନି ଶୂନ ଯେଉଁ ଦିନରେ ॥
ବାର ଦେବଗୁରୁ ତିଥି ଦଶମୀ ।
ଅନ୍ତେ ଏକାଦଶୀ ଥିବଟି ପୁଣି ॥
ଶୁଭ ଅଧିବାସ ଯାତ୍ରା କଳସ ।
ଅଙ୍କୁରାରୋପଣ ହେବଟି ଶେଷ ॥
ତହିଁ ଆର ଦିନ ଅଗ୍ନ୍ୟାଧିବାସ ।
କେତନ ଉଡ଼ିବ ଝଳି ଆକାଶ ॥
ସତସଙ୍ଗ ହେବ ଭକତ ମେଳା ।
ହୁଡ଼ିଲେ ଜାଣିଥା ବୁଡ଼ିବ ଭେଳା ॥
ଚନ୍ଦନ ବୃନ୍ଦ ମଙ୍ଗଳ ପୂନେଇଁ ।
ପୂର୍ଣ୍ଣାହୁତି ହେବ ସେହି ଦିନହିଁ ॥
ସବୁ ବିଧିମତ ବୈଦିକ ହେବ ।
କର୍ତ୍ତା ଅକର୍ତ୍ତା ହୋଇବ କେଶବ ॥'

ଭକ୍ତ ଶିଷ୍ୟ ରାମ ଦାସଙ୍କୁ ସ୍ମରଣ କରାଇ ଦେଇ ମହାପୁରୁଷ ପୁଣିଥରେ ତାଙ୍କ ପୋଥିର ଏକାଦଶ ତରଙ୍ଗରେ ବଖାଣି ଅଛନ୍ତି :-

'କଳି ଭୋଗ ପାଞ୍ଚ ସହସ୍ର ଅନ୍ତେ ।
ଏକଶ'ଏଗାର ଭୋଗ ହୁଅନ୍ତେ ॥
ଷଡ଼ମାସ ତ୍ରୟୋଦଶ ଦିବସେ ।
ଦେବଗୁରୁ ବାର ଆସି ପ୍ରବେଶେ ॥
ଜଳଘଟ ଆବାହନ କରିବ ।
ପୀଠେ ଥାପି ଭକତିରେ ପୂଜିବ ॥
ପ୍ରଥମ ମାସ ଶୁକ୍ଳ ଏକାଦଶୀ ।
ଏଗାର ନକ୍ଷତ୍ର ଶେଷରେ ଆସି ॥
ବାଆର ପଶିବ ବଡ଼ ଶୁଭରେ ।
ଘଟ ଉଠାଇବ ଭକତି ଭରେ ॥
ଚନ୍ଦ୍ର ଭୋଗୁଥିବ ପଞ୍ଚମ ରାଶୀ ।
ସୂର୍ଯ୍ୟଥିବ ଏକ ସ୍ଥାନରେ ବସି ॥

ଏହି ପଣ୍ୟ ଲଗ୍ନ ଜାଣିଥା ରାମ ।
ଆରମ୍ଭ କରିବ ବାଞ୍ଛିତ କାମ ॥
କେଶବ ଜଗିଛି ସେହିଟି ଲଗ୍ନ ।
ବଚନ ଦେଇଛି ନୋହିବ ଭଗ୍ନ ॥

ପୁଣି....

'ସମ୍ବତ୍ସର ନାମ ଯେବେ ହୋଇଥିବ 'କ୍ରୋଧି' ।
ମଣ୍ଡଳଟି ଜାଣ ବାବୁ 'ବରଣ' ସମ୍ବୋଧି ॥
ନାଗ ଯେ 'କୁଳିକ' ନାଗପତ୍ନୀଟି 'ଶଙ୍ଖିନୀ' ।
ବିଷ୍ଣୁ ବୋଲାଉ ଥିବେ 'କେଶବ' ନାମ ପୁଣି ॥
ଇନ୍ଦ୍ର ଐରାବତ' ଯେ ଗନ୍ଧର୍ବ 'ଚିତ୍ର ସେନ' ।
ଏମନ୍ତ ଯୋଗରେ ଯଜ୍ଞ ହିଆଇବ ପୁଣ ॥'
'ନିଜ ଭାବ ରଖିଥିବୁ ସାଇତି ତୋ' ଠାର ।
ଅଭାବରେ ସଢିବୁନି ବାବୁ ରାମ ମୋ'ର ॥
ସେ ବେଳେ 'କେଶବ' ନାମ ଧରି ବିଷ୍ଣୁ ନିଜେ ।
ଗୋପନରେ ଲୀଳା ରଚୁଥିବେ ହୋଇ ବିଜେ ॥
ଭକତ ମନ୍ଦିରେ ଦେଖୁଥିବେଟି ନେତ୍ରରେ ।
ବିଜେ ହୋଇଥିବେ ଜାଣ କୈବଲ୍ୟ କ୍ଷେତ୍ରରେ ॥
ସେ କ୍ଷେତ୍ରର ଅଗ୍ନିକୋଣେ ହେବ ଯଜ୍ଞ ଗୋଟି ।
ଭଗତେ ଅଷ୍ଟଦିଗରୁ ଆସୁଥିବେ ଛୁଟି ॥
ଶୂନ୍ୟ ମଣ୍ଡଳରୁ ଅନୁକୋଟି ଦେବ ଦେବୀ ।
ବରଷିବେ ଆଶୀର୍ବାଦ ଧାରା ଅନୁଭବି ॥
ଏ ଯାଗର ମହିମା ଯେ ଯୁଗର ବାରତା ।
ଜାଣିବେ ସୂକ୍ଷ୍ମରେ ଯୋଗୀ ଯୋଗର କରତା ॥'

'ମାଳିକା ଠାର ବିଚାର' ପୋଥିର ସପ୍ତଦଶ ତରଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦ କଳିରେ ଭକ୍ତ ଭଗବାନ, ଗୁରୁଶିଷ୍ୟଙ୍କର ଆଚରଣ ସଂପର୍କରେ ରାମଦାସଙ୍କୁ ବୁଝାଇ କହୁଛନ୍ତି -

'ଭଲାକଥା ରାମ ଦେଲୁ ପଚାରି ।
ଉତ୍ତର ଦେବି ବ୍ରହ୍ମଙ୍କୁ ବିଚାରି ॥
*********************
ନିର୍ବିକଳ୍ପ ସମାଧି ଯୋଗେ ବସି ।
ପରଂବ୍ରହ୍ମ ଠାରେ ମନ ନିବେଶି ॥
ପୁଚ୍ଛା କଲି ଯେବେ ଏ ପ୍ରଶ୍ନ ଗୋଟି ।
ବ୍ରହ୍ମ ପ୍ରକାଶିଲେ ଉତ୍ତର ରଚି ॥
*********************

କହୁଅଛି ରାମ ତୋ' କାନେ କଥା ।
ସାଇତି ରଖିଥା ଉର୍ବରା ମଥା ॥
କାହାକାନେ କେବେ କହିବୁ ନାହିଁ ।
ଯାହା ବତାଇଲେ ସେ କାଳେ ସାଇଁ ॥
ଆଗ୍ୟାଂ ଦେଲେ ବ୍ରହ୍ମ ମୋ ପୁଚ୍ଛା ଶୁଣି ।
କହୁଛି ତୋ' ଆଗେ ତାହା ବଖାଣି ॥
ଥୋକେ ମାତି ଥିବେ କପଟାଚାରରେ ।
ଭେକ ଧରିଥିବେ ଛଳ ଆଚାରେ ॥

କାମଲୋଭ ଗ୍ରାସିଥିବ ଟି ମନ ।
ଆଖିଥିବ ଲୁଟି ନେବାକୁ ଧନ ॥
ଗୁରୁଧନ ଲୁଟି ନେବେ ଦିନରେ ।
ଦଙ୍କା ନଥିବଟି ତାଙ୍କ ମନରେ ॥
ଧନ ନେଇ ଗୁରୁସେବା କରିବେ ।
ଅକାଳେ ବିପଦେ ତହୁଁ ଘାରିବେ ॥
ପଦପଦବୀକୁ କରିବେ ଲୋଭ ।
ନୋହିଲେ କନ୍ଦଳ ତହୁଁ ଉଦ୍ଭବ ॥
ଗୁରୁକ୍ଷେତ୍ରେ ବାଦ ବିବାଦ ଭେଇ ।
ଜଞ୍ଜାଳ ନିଆଁରେ ପଡ଼ିବେ ସେହି ॥
ତତ୍ତ୍ୱଜ୍ଞାନୀ ଅହଂକାର ବହିବେ ।
ନବୁଝି ନଶୁଝି ତତ୍ତ୍ୱ କହିବେ ॥
ମଞ୍ଚରେ ବସିବେ ଫୁଲେଇ ଛାତି ।
ପ୍ରବଚନ ଦେବେ ରାତି କି ରାତି ॥
ଗୀତଗାଇ ହାତ ମୁଣ୍ଡ ହଲେଇ ।
ଭଗତଜନଙ୍କୁ ଦେବେ ସେ ମୋହି ॥
ପ୍ରେମ ଭଗତିର ସୀମା ନ ମାଡ଼ି ।
ତତ୍ତ୍ୱ ପାହାଡ଼କୁ ଦେବେ ଉପାଡ଼ି ॥
ଭଗତେ ଚିହ୍ନିବେ ତାଙ୍କରି ନାଡ଼ି ।
ବିଷଦାନ୍ତ ତାଙ୍କ ଦେବେରେ ଝାଡ଼ି ॥
ଦେଖୁଥିବୁ ରାମ ଦୂରରେ ରହି ।
ମନରେ ବିଦ୍ୱେଷ ତିଳେ ନ ବହି ॥
ଏ ତ କଳିକାଳ ଗୁମର କଥା ।
ଦେଖିଲେ ଶୁଣିଲେ ଘୂରିବ ମଥା ॥
ବିଷ୍ଣୁ ଆସିଥିବେ କେଶବ ନାମ ।
ଆଜ୍ଞା ଦେଲେ ମୋତେ ସେ ପରଂବ୍ରହ୍ମ ॥

କାଳ ଯୋଗ ଦେଖି ନେବେ ପରଖି ।
ଭଗତ କୁଳକୁ ପାଦରେ ରଖି ॥
ଅହଂକାର କା'ର ରହିବ ନାହିଁ ।
ଆଜ୍ଞା ଦେଇଛନ୍ତି ତ୍ରିଲୋକ ସାଇଁ ॥
ଭଗତଜନ ପୂଜା ନ ପାଇବେ ।
ଦର୍ପୀ ଅହଂକାରୀ ସବୁ ଖାଇବେ ॥
ଭେକ ଧରି ଭେକ ଛାଡ଼ିବେ ରଡ଼ି ।
କାଳଚକ୍ର ହାତେ ପଡ଼ିବେ ଗଡ଼ି ॥
ଆସୁଅଛି କାଳ ଚକ୍ର କରାଳ ।
ଶବ ପଡ଼ିଥିବ ମାଳକୁ ମାଳ ॥
ଜନ୍ମ ମୃତ୍ୟୁ ଚକ୍ରେ ହୋଇବେ ପେଶି ।
କାମିନୀ କାଞ୍ଚନ ରସରେ ରସି ॥
ଧନ ଦଉଲତ ଲୋଭରେ ମାତି ।
କାଞ୍ଚନ ମୁଠେଇ ପାହିବେ ରାତି ॥
କଳି କାଳର ଏ ଗୁମର ବାବୁ ।
ଭାବର ଅଭାବ କରିବ କାବୁ ॥
ଭାବ ନଥାଇ ପାଇବ କେଶବ ।
ଏତ ବଡ଼ଇ ବାବୁ ଅସମ୍ଭବ ॥
ଭାବର ଅଭାବେ ବୁଡ଼ିବ ନାବ ।
ସେ ବେଳେ କିଏ ସେ ଦେବରେ ଠାବ ॥

* * * * * * * * * * * * *

ଠାଏ ଠାଏ ବସି ଥୋକେ ମନ୍ତ୍ରଣା କରିବେ ।
ଗୁରୁବରି ଗୁରୁଙ୍କୁ ସେ ଠୁକେ ନମାନିବେ ॥
ମନ୍ତ୍ର ଜପ ଛାଡ଼ି କଷୁଥିବେ ଧନ ଅଙ୍କ ।
ଧନପାଇଁ ନିଶିଦିନ ହେଉଥିବେ ରଙ୍କ ॥
ମୁହଁରେ କହିବେ ଏକ କାମରେ ଆନେକ ।
କର୍ମଫଳ ଭୋଗ ପାଇଁ ନଥିବ ଆତଙ୍କ ॥'

'ଅନନ୍ତ ଗୋପାଳ ଆଶ୍ରମ', ଉଲଦିଆ ଠାରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞର ଅନୁଷ୍ଠାନ ସଂପର୍କରେ ମହାପୁରୁଷଙ୍କ ଲେଖନୀରୁ ସଂକେତଧର୍ମୀ ଭାଷାରେ ଝରି ପଡ଼ିଛି ନିମ୍ନୋକ୍ତ ପଦାବଳୀ :-

'ଯେଉଁ ମାସ ଅଧିପତି ସାକ୍ଷାତ ମଙ୍ଗଳ ।
ସେ ମାସରେ ଆରମ୍ଭିବ ଯଜ୍ଞ ସୁମଙ୍ଗଳ ॥
ଯେଉଁ ମାସ ଅଧିପତି ସ୍ୱୟଂ ବୃହସ୍ପତି ।
ସେ ମାସରେ ଯଜ୍ଞ କୁଣ୍ଡେ ହେବ ପୂର୍ଣ୍ଣାହୁତି ॥

ସଂଙ୍ଗରେ ସତ୍‌ସଙ୍ଗ ହେବ ଭଗତଙ୍କ ମେଳି ।
ପ୍ରଭୁ ଗୁଣ ଲୀଳା ତତ୍ତ୍ୱ ଗୁଣି ଭଳି ଭଳି ॥
କେଉଁଠି ଭଗତି ଲୁଚି ପଶିଛି କନ୍ଦରେ ।
ଖୋଜି ନ ପାଇବେ କେହି ଭେଳିକି ଛନ୍ଦରେ ॥
ଅହଂକାର ତେଜୀୟାନ ହୋଇ ଝଟକିବ ।
ଅହଂଜ୍ଞାନ ଅହଂବୁଦ୍ଧି ବଳେ ଅଟକିବ ॥
ବେଳ ଆସିଯିବ ରାମ ପାଶେଥିବୁ ତୁହି ।
ଚକଚକିଆରେ ବାବୁ ଯିବୁନାହିଁ ମୋହି ॥
ଦୀନହୀନ ଅକିଞ୍ଚନ ଖୋଜି ବାଛିନେବୁ ।
ତା'ଠାରୁ ତୁ ଭଗତିର ପୀୟୂଷ ପାଇବୁ ॥
ସେ ବେଳରେ ଧର୍ମ ସଂକୁଚିତ ହୋଇଥିବ ।
ଅଧର୍ମ ପ୍ରବଳ ହୋଇ କାୟା ବିସ୍ତାରିବ ॥
ଧରମପୁତକୁ କେହି ଲୋଡ଼ିବେଟି ନାହିଁ ।
ଅଧରମ ଛତ୍ର ତଳେ ରୁଣ୍ଡ ହେବେ ଯାଇଁ ॥
ମିଛ ମାୟା ଛଳନାରେ ଭେଳିକି ଦେଖାଇ ।
ଉଚ୍ଚ ଆସନରେ ବସିଥିବେ ପୂଜା ପାଇ ॥
ତାଙ୍କ ପାଖ ନ ମାଡ଼ିବୁ ବାବୁ ରାମ ମୋ'ର ।
ନିଜ ଭାବ ରଖିଥିବୁ ସାଇତି ତୋ' ଠାର ॥
ସେ ବେଳେ 'କେଶବ' ନାମ ଧରି ବିଷ୍ଣୁ ନିଜେ ।
ଭଗତ ହୃଦରେ ଲୀଳାମୟ ହୋଇ ବିଜେ ॥
ଭଗତି ଭାବରେ ଯା'ର ହୃଦୟ ନିର୍ମଳ ।
ସେହି ଏକା କେଶବଙ୍କୁ ଧରିବ କୋଳର ॥
ତା' ସଙ୍ଗ ଲଭିଲେ ଜୀବ ମୁକତ ହୋଇବ ।
ତା'କୁ ଅବା କିଏ ଚିହ୍ନି ଖୋଜିଲେ ପାଇବ ॥
କେଶବ ତା' ପାଶେ ରହି ଲୀଳା କରୁଥିବେ ।
ଆନେମତି ଥିବା ଜନେ କାହୁଁ ବା ପାଇବେ ॥

❋

କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ପୀଠ ଅନନ୍ତଗୋପାଳ ଆଶ୍ରମ, ଉଳଦିଆର ଉତ୍ତର ଦିଗରେ ତ୍ରିବେଣୀଶ୍ୱର ନାଉକେଶରୀ ମହାଦେବ ଶଙ୍କର ଭଗବାନଙ୍କର ପ୍ରସିଦ୍ଧ ପୀଠ ଅବସ୍ଥିତ । ଦକ୍ଷିଣ ଦିଗରେ ସାଲେପୁରର ମା' ସାହେଶ୍ୱରୀ ଦେବୀ ଭଗବତୀଙ୍କର ପୀଠ ମନ୍ଦିର, ପଶ୍ଚିମ ଦିଗରେ ପ୍ରସିଦ୍ଧ ଗରୁଡ଼ ମଠ, କନକ ଦୁର୍ଗା ଦେବୀଙ୍କର ପୀଠ ଏବଂ ସନ୍ନିକଟରେ ବୃହତ୍ ସତୀ ଚଉରା ଚଉକି ବଟ ଓ ଭୀଷ୍ମକୁଣ୍ଡି ରହିଅଛି । ସେହିପରି ପୂର୍ବଦିଗରେ ଗଙ୍ଗେଶ୍ୱର ମହାଦେବଙ୍କର ଶିବ ମନ୍ଦିର ଏବଂ ମାଳିକା ପ୍ରସିଦ୍ଧ ପ୍ରବାଦୀୟ ଖଇରା ପୋଖରୀ ରହିଅଛି ।

ସ୍ୱର୍ଣ୍ଣକ୍ଷେତ୍ରାଧୀଶ ଶ୍ରୀଶ୍ରୀଗୁରୁସ୍ୱାମୀ ଠାକୁର କେଶବଚନ୍ଦ୍ରଙ୍କର ଇଚ୍ଛାମତେ ଓ ନିର୍ଦ୍ଦେଶ ଅନୁସାରେ ଏହି ଶାନ୍ତିଯଜ୍ଞ ଅନୁଷ୍ଠାନ ଅନନ୍ତଗୋପାଳ ଆଶ୍ରମର ବାବାଜୀ ପତିତପାବନ ଦାସ ଏବଂ ସ୍ୱର୍ଣ୍ଣକ୍ଷେତ୍ରର ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ ଓ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ମିଳିତ ସହଯୋଗ ଆନୁକୂଲ୍ୟରେ ମାଳିକା ମତାନୁଯାୟୀ ୨୦୧୧ ମସିହା ମଇମାସ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଅନୁଷ୍ଠିତ ହେଉଅଛି ।

ସ୍ଥାନ, କାଳ, ପାତ୍ର, ପରିବେଶ, ପରିସ୍ଥିତି ବୟସ ଇତ୍ୟାଦି ବିଚାର ଭେଦରେ ଜଣେ ମଣିଷର ସୁସ୍ଥ, ସୁନ୍ଦର, ନିରାଡ଼ମ୍ବର ଜୀବନ ଯାପନ ପାଇଁ ଯେତିକି ଯାହା ଆବଶ୍ୟକ, ତା'ଠାରୁ ଅଧିକ ଆଶା କରିବା, ମନର ଅଧୀନ ହୋଇ ସଂଗ୍ରହ କରିବା ଏବଂ ଇନ୍ଦ୍ରିୟାଧୀନ ହୋଇ ସଂଚୟ କରିବା ଦ୍ୱାରା ମଣିଷ ଦୁଃଖ ହିଁ ଦୁଃଖ କେବଳ ଭୋଗ କରେ, ଏଥିରେ ସନ୍ଦେହ ନାହିଁ । ଦୁଃଖ ଯନ୍ତ୍ରଣା ତା'ପାଇଁ ଅନିବାର୍ଯ୍ୟ ଓ ଭବିତବ୍ୟ ଅଟେ । ଅବଶ୍ୟ ଏହା ମଧ୍ୟ ଏକାନ୍ତ ସତ୍ୟ ଯେ, ଜଣେ ମଣିଷର ଜୀବନରେ ଅନେକ ପଦାର୍ଥର ଆବଶ୍ୟକତା ନିଶ୍ଚୟ ରହିଅଛି । କିନ୍ତୁ ଯେତିକି ଯେଉଁ ପଦାର୍ଥ ନିତାନ୍ତ ଆବଶ୍ୟକ, କେବଳ ସେତିକି ସଂଗ୍ରହ କରିବା ଓ ତା'ର ଯଥାର୍ଥ ରକ୍ଷଣାବେକ୍ଷଣ ଓ ଯୁକ୍ତିଯୁକ୍ତ ବିନିଯୋଗ କରିବା ଦ୍ୱାରା ଜୀବନରେ ଭୋଗ କରିବାକୁ ଥିବା ଅନେକ ଦୁଃଖ ଯାତନା, ରୋଗ ଶୋକକୁ ମଣିଷ ଅକ୍ଳେଶରେ ଏଡ଼ାଇ ଦେଇ ପାରିବ । ଏହାହିଁ ବିଶ୍ୱ ପ୍ରକୃତିର ନିୟମ, ଏହାହିଁ ପରମପୁରୁଷର ନୀତି ଓ ଏହାଦ୍ୱାରା ଯୋଗଯୁକ୍ତ ଅଧ୍ୟାତ୍ମ ଜୀବନ ଲାଭ କରି ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦରେ ଦୀର୍ଘ ନିରାମୟ ଜୀବନ ଯାପନ କରିବା ଅତୀବ ସହଜ । ସରଳ, ସୁନ୍ଦର ଜୀବନ ଲାଭର ଏହାହିଁ ଚାବିକାଠି । ମଣିଷ କାମ, ଲୋଭ, ମତ୍ସରର ବଶ୍ୟତା ସ୍ୱୀକାର କରି ଅଯଥାର୍ଥ ଭାବରେ ଗୁଡ଼ାଏ ଅନାବଶ୍ୟକ ସାମଗ୍ରୀ ଯୋଗାଡ଼ କରି ଅଯଥା ତାହାକୁ ସଂଚୟ କରି ଜଞ୍ଜାଳ ଓ ବିପଦକୁ ଆହ୍ୱାନ କରି ଆଣନ୍ତି । କିନ୍ତୁ ଯେଉଁମାନେ ପରମାପ୍ରକୃତି ଓ ପରମ ପୁରୁଷଙ୍କ ନିର୍ଦ୍ଦିଷ୍ଟ ନୀତି, ନିୟମରେ ଜୀବନ ପରିଚାଳନା କରନ୍ତି, ସେମାନେ ପରମ ଆନନ୍ଦ ଲାଭ କରି ପ୍ରେମମୟ ଜୀବନ ଯାପନ କରନ୍ତି । ଏଭଳି ମଣିଷ, ସାଧାରଣ ମଣିଷ ନୁହନ୍ତି । ତାଙ୍କ ଠାରେ ପର୍ଯ୍ୟାପ୍ତ ଅସାଧାରଣ ତତ୍ତ୍ୱ ନିହିତ ଥାଏ । ସେମାନେ ମଣିଷ ସମାଜରେ ଅଗ୍ରଗଣ୍ୟ ଅଟନ୍ତି । ସେମାନେ ନିଃସ୍ୱାର୍ଥପର, ସତ୍ୟନିଷ୍ଠ, ତ୍ୟାଗୀ, ପରୋପକାରୀ ଓ ଭଗବତ୍ ବିଶ୍ୱାସୀ ଅଟନ୍ତି । ସେମାନେ ସମଗ୍ର ମଣିଷ ଜାତିର ପରମବନ୍ଧୁ । ବୈରାଗୀ ସେମାନେ । ସେହି ପର୍ଯ୍ୟାୟର ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ହେଉଛନ୍ତି ଅନନ୍ତବାସୁଦେବ ବା ଅନନ୍ତଗୋପାଳ ଆଶ୍ରମର ବାବାଜୀ ବାବା ପତିତପାବନ ଦାସ ।

ଆସନ୍ତୁନା ଏବେ ସେହି ବାବା ପତିତପାବନ ଦାସଙ୍କର ସଂକ୍ଷିପ୍ତ ମହିମାମୟ ଜୀବନ ସଂପର୍କରେ କିଞ୍ଚିତ୍ ଜାଣିବା -

୧୯୫୧ ମସିହା ପବିତ୍ର ଶାୟଦଶମୀ ତିଥିର ପ୍ରାତଃ ପାଞ୍ଚଘଟିକା ତିରିଶ୍ ମିନିଟ୍ ସମୟରେ ବାବା ପତିତପାବନ ଶିଶୁଟିଏ ହୋଇ ପ୍ରଥମେ ବସୁଧା କୋଳରେ ଶୋଇଥିଲେ । ସେ ଯେଉଁ ଗୃହରେ ଭୂମିଷ୍ଠ ହୋଇଥିଲେ, ତାହା ଏକ ସାଧାରଣ ନଡ଼ାଛପର ଘର । ମୃଷାମାଟିରେ ସେ ଘରର ଚଟାଣରେ ଅଧିକାଂଶ ଅଂଶ ପୂର୍ଣ୍ଣ ହୋଇଥିଲା । ବାବା ଶିଶୁଟିଏ ହୋଇ ସେହି ମୃଷାମାଟିରେ ଜନ୍ମ ଗ୍ରହଣ କରିଥିଲେ ।

ଶିଶୁ ପତିତପାବନଙ୍କର ପିତାଙ୍କର ନାମ କଣ୍ଠଚନ୍ଦ୍ର ଦାସ ଓ ତାଙ୍କ ମାତାଙ୍କ ନାମ ମଲ୍ଲୀ ଦାସ । ଶିଶୁ ପୁତ୍ରକୁ କୋଳରେ ପାଇବା ପରେ ଥରେ ମାତା ମଲ୍ଲୀଦାସ ତାଙ୍କୁ ଗଙ୍ଗେଶ୍ୱର ମହାଦେବଙ୍କ ନିକଟରେ ପାଟୁଆ କରିବା ପାଇଁ ମାନସିକ କରିଥିଲେ । କିନ୍ତୁ ପୁତ୍ର ଦିନକୁ ଦିନ ବଡ଼ ହେବାକୁ ଲାଗିବା ସହିତ ମାତାଙ୍କର ପୁତ୍ର ମୋହ ଅଧିକରୁ ଅଧିକ ହେବାକୁ ଲାଗିଲା । ତେଣୁ ସେ ଗଙ୍ଗେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରି, କ୍ଷମାମାଗି ପୁତ୍ରକୁ ଘରକୁ ଫେରାଇ ଆଣିଥିଲେ ।

ପୁତ୍ର ପତିତପାବନଙ୍କର ବୟସ ପାଞ୍ଚବର୍ଷ ହେବାପରେ ତାଙ୍କର ନାମ ଚାଟଶାଳୀରେ ଲେଖାଯାଇଥିଲା । ତାହା ୧୯୫୬/୫୭ ମସିହାର ଘଟଣା । ଚାଟ ପତିତପାବନ ଚାଟଶାଳୀରେ ଲେଖା ପଢ଼ାରେ ମନଦେଲେ । ପାଠ ପଢ଼ିଲେ । ଶାଠ ଶିଖିଲେ । ହେଲେ ବିଧିର ବିଧାନ ଥିଲା **ଅନ୍ୟପ୍ରକାର ।** ତେଣୁ ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବା ଉତ୍ତାରୁ ବିଦ୍ୟାଳୟ ତ୍ୟାଗ କରିଥିଲେ । ବହି ବସ୍ତାନିରେ ଡ଼ୋର ବନ୍ଧାହୋଇଗଲା । ତାହା ଆଉ ଦ୍ୱିତୀୟ ବାର ଫିଟି ନ ଥିଲା ।

ଦଶ ବର୍ଷ ବୟସରୁ କିଶୋର ପତିତପାବନ ଅନେକ ମଠ ମନ୍ଦିରକୁ ଭ୍ରମଣ କରିବା ଉଦ୍ଦେଶ୍ୟ ନେଇ ଯାଉଥିଲେ । ଅନେକ ସମୟରେ ମଠ ମନ୍ଦିରର ଆଧାତ୍ମିକ ପରିବେଶର ଆକର୍ଷଣ ହେତୁ ସେ ସେସବୁ ମଠମନ୍ଦିରରେ ଅନେକ ସମୟରେ ରହି ଯାଉଥିଲେ । ପିତା କୃଷ୍ଣଦାସ ତାଙ୍କର ରହଣିସ୍ଥାନ ସ୍ଥାନୀୟ ଲୋକଙ୍କ ମୁଖରୁ ଶୁଣିବା ପରେ ନିଜେ ଯାଇ ତାଙ୍କୁ ପୁଣି ଗୃହକୁ ଫେରାଇ ଆଣୁଥିଲେ । ପୁଣି ସୁବିଧା ସୁଯୋଗ ଦେଖି ପତିତପାବନ ଗୃହତ୍ୟାଗୀ ହୋଇ ମଠ ନହେଲେ ମନ୍ଦିରକୁ ଚାଲି ଯାଉଥିଲେ । ପୁତ୍ରର ଏପରି ଆଚରଣ ଦେଖି ପିତାମାତା ଅନ୍ୟ ଉପାୟ ନଦେଖି ପୁଅକୁ ବୁଝାଇଶୁଝାଇ ଏକୋଇଶ ବର୍ଷ ବୟସରେ ତାଙ୍କୁ ବିବାହବନ୍ଧନରେ ଆବଦ୍ଧ କରିଦେଲେ । ସେମାନେ ଆଶା କରିଥିଲେ, ବିଶ୍ୱାସ ବି କରିଥିଲେ ଯେ, ପୁଅ ବାହାଚୂଡ଼ା ହେବା ପରେ ଘରେ ମନ ଦେବ । କିନ୍ତୁ ନବଯୁବକ ପତିତପାବନ ବିବାହର ଚାରିପାଞ୍ଚବର୍ଷ ପରେ ମଠ ଓ ମନ୍ଦିରର ପବିତ୍ର ପରିବେଶର ଆକର୍ଷଣରେ ଆକୃଷ୍ଟ ହୋଇ ପୁନର୍ବାର ମଠମନ୍ଦିର ଭ୍ରମଣରେ ବାରମ୍ବାର ଘର ଛାଡ଼ି ଯିବାକୁ ଆରମ୍ଭ କଲେ । ବିବାହବନ୍ଧନ କିମ୍ବା ଯୁବତୀ ପତ୍ନୀର ଆକର୍ଷଣରେ ସେ ମୋହିତ ହେଉ ନ ଥିଲେ । ପ୍ରକୃତରେ ସଂସାର ପ୍ରତି ତାଙ୍କର ମନପ୍ରାଣ ହୃଦୟରେ ଗାଢ଼ ବୈରାଗ୍ୟ ଜାତ ହୋଇଥିଲା । **'ଏ ମନ ଖୋଜୁଥାଏ ଯାହା । କାଳେ ପ୍ରାପତ ହୁଏ ତାହା ।'** ସ୍ୱାମୀଙ୍କର ଗୃହତ୍ୟାଗୀ ମନୋଭାବରେ ବିବ୍ରତ ଓ ବିଚଳିତ ହୋଇ ତାଙ୍କର ଧର୍ମପତ୍ନୀ ତାଙ୍କୁ ଛାଡ଼ି ଚାଲିଯାଇଥିଲେ । ବୃଦ୍ଧ ପିତା ଓ ବୃଦ୍ଧା ମାତା ଅନନ୍ୟୋପାୟ ହୋଇ ଭାଗ୍ୟକୁ ଆଦରି ଯେନତେନ ପ୍ରକାରେଣ ଜୀବନ ଯାପନ କରିବାକୁ ବାଧ ହୋଇଥିଲେ ।

ଏବେ ପତିତପାବନଙ୍କ ଜୀବନରେ ଗୋଟିଏ ନୂତନ ଅଧ୍ୟାୟର ଉନ୍ମୋଚନ ହେଲା । **'ମଲୁ ଖୋଜୁଥିଲା ପଇଡ଼ ପାଣି । ବଇଦ ବୋଇଲା ଦେ ତୋରାଣି ।'** ଏହି ସମୟ ପର୍ଯ୍ୟାୟରେ ପତିତପାବନ ବିଭିନ୍ନ ତୀର୍ଥସ୍ଥାନ ଓ ଦେବଦେବୀ ପୀଠ ଭ୍ରମଣ କରିଥିଲେ ଓ ସେ ସକଳ ସ୍ଥାନରେ ରହି ଦୀର୍ଘ ବର୍ଷ ବର୍ଷ ଧରି ଧ୍ୟାନ ତପସ୍ୟା ରତ ଥିଲେ । ସେ ସବୁ ସ୍ଥାନ ମଧ୍ୟରେ ଓଳାଶୁଣି, ଛତିଆବଟ, ନେମାଳବଟ, ଜଳେିକା ଓ ମାହାଙ୍ଗାର ମଲ୍ଲୀପୁରା ଅନ୍ୟତମ । ଏହି ପର୍ଯ୍ୟାୟ ଭୋଗ ଅନ୍ତେ ପତିତପାବନଙ୍କ ଜୀବନର ଅନ୍ୟ ଏକ ପର୍ଯ୍ୟାୟର ଶୁଭ ଅୟମାରମ୍ଭ ହେଲା ।

ବିଭିନ୍ନ ପୀଠ ଭ୍ରମଣାନ୍ତେ ସେ ଉଇଦିଆ ଗ୍ରାମରେ ଗୋଟିଏ ସୁଉଚ୍ଚ ଉଇହୁଙ୍କା ସନ୍ନିକଟରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ ଓ ତା' ସହିତ ଅନନ୍ତବାସୁଦେବ (ଅନନ୍ତଗୋପାଳ)ଙ୍କୁ ନିଷ୍ଠାର ସହିତ ସେବାପୂଜା କରି ନିଷ୍ଠାପର ଜୀବନ ଯାପନ କରିବାକୁ ଲାଗିଲେ । ତାହା ସେ ଏପର୍ଯ୍ୟନ୍ତ ଗଭୀର ବିଶ୍ୱାସ, ପ୍ରଗାଢ଼ ନିଷ୍ଠା ଓ ତ୍ୟାଗପୂତ ସେବାବ୍ରତର ସହିତ କରି ଆସୁଅଛନ୍ତି ।

କହିବା ବାହୁଲ୍ୟ ହେବ ନାହିଁ ଯେ, ସେ ଶୈଶବ ଓ ବାଲ୍ୟାବସ୍ଥାରେ ମାତ୍ର ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପାଇଥିଲେ ମଧ୍ୟ ସ୍ୱଳ୍ପଶିକ୍ଷା ତାଙ୍କୁ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ କରି ଛାଡ଼ି ନାହିଁ । ବାବା ପତିତପାବନ ଦାସ ମହୋଦୟ ମାଳିକା, ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଶାସ୍ତ୍ର, ଗ୍ରନ୍ଥ, ପୋଥି, ପୁରାଣମାନ ଅନର୍ଗଳ ବୋଲି

ପାରୁଛନ୍ତି । ତାଙ୍କ ନିଜ ଭାଷାରେ ସେ କହନ୍ତି - 'ମୋ' ପାଖରେ ଯେତେ ଗୀତ ଅଛି ତା'କୁ ସବୁ ସାତଦିନ ସାତରାତି ଗାଇଲେ ବି ଶେଷ ହେବ ନାହିଁ । ଏହା ବାବାଙ୍କର ଅନେକ ଅଲୌକିକ ଶକ୍ତି ମଧ୍ୟରୁ ଅନ୍ୟତମ ଅଟେ ।

ବାବାଙ୍କର ଗୋଟିଏ ବିଶେଷଗୁଣ ହେଉଛି, ସେ କେବେହେଲେ କାହାକୁ କିଛି ବି ମାଗନ୍ତି ନାହିଁ । ଯିଏ ଯାହା ତାଙ୍କୁ ଶ୍ରଦ୍ଧାର ସହିତ ଦିଏ, ସେ ତାହାକୁ ପରମ ସନ୍ତୋଷରେ ଭୋଜନ କରି ଦିବ୍ୟ ଆନନ୍ଦ ଲାଭ କରନ୍ତି । ଭକ୍ତମାନଙ୍କର ଅଯାଚିତ ଦାନରେ ସେ ଜୀବନ ନିର୍ବାହ କରନ୍ତି ପରମ ସୁଖରେ, ଶାନ୍ତିରେ ଓ ସନ୍ତୋଷରେ ।

ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ଜୀବନରେ କିଛି ଗୋଟିଏ ଲକ୍ଷ୍ୟ ଅବଶ୍ୟ ଥାଏ । ସେହିପରି ବାବା ପତିତପାବନ ଦାସଙ୍କର ଅନ୍ତିମ ଇଚ୍ଛା ଓ ଲକ୍ଷ୍ୟ ହେଉଛି ପରମମଙ୍ଗଳମୟ ଭଗବାନଙ୍କୁ ସ୍ଥୂଳରୂପରେ ଦର୍ଶନ କରିବା ଓ ଭଗବତ୍ ପ୍ରାପ୍ତି ଲାଭ କରିବା । ତାଙ୍କର ଆକାଂକ୍ଷା ଓ ଅଭିଳାଷ ହେଉଛି ତାଙ୍କର ଦେହାନ୍ତ ପରେ ତାଙ୍କର ବର୍ତ୍ତମାନ ବାସସ୍ଥଳରେ ଗୋଟିଏ ପବିତ୍ରକ୍ଷେତ୍ର ଗଢ଼ି ଉଠିବା । ଆମର ଦୃଢ଼ ବିଶ୍ୱାସ ସର୍ବାନ୍ତର୍ଯ୍ୟାମୀ ଭଗବାନ ଭକ୍ତର ଏହି ଶୁଭଇଚ୍ଛା ଅବଶ୍ୟ ପୂର୍ଣ୍ଣ କରିବେ ହିଁ କରିବେ । ତାହାର ଅଗ୍ରବାର୍ତ୍ତା ଜଣାଯାଏ ଏହି 'କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ' ଅନୁଷ୍ଠାନରୁ । ପ୍ରତିବର୍ଷ ଏହି ସମୟରେ ଏହି ଯଜ୍ଞର ସ୍ମାରକୀ ଉତ୍ସବ ନିଶ୍ଚୟ ଏଠାରେ ପାଳନ କରାଯିବ ଓ ଭକ୍ତଅନୁଗତଙ୍କର ମେଳା 'ସତ୍‌ସଙ୍ଗ' ଅବଶ୍ୟ ଅନୁଷ୍ଠିତ ହେବ । ଏହା କୃତନିଶ୍ଚୟ ନିଷ୍କର୍ଷ ଓ ସିଦ୍ଧାନ୍ତ ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅହଂକାର, ଛଳକପଟ ଶୂନ୍ୟ ନିର୍ମଳମନ ଓ ପବିତ୍ର ହୃଦୟରେ ଶରଣାଗତ ହୋଇ ଚରଣାଶ୍ରିତ ହେଲେ ଭକ୍ତଜନ ଅଶେଷ ବିଭୁକୃପା ଲାଭ କରିବା ସହିତ ଚରମପୁରୁଷଙ୍କର ଅସୀମ କରୁଣା ଓ ଅନନ୍ତ କଲ୍ୟାଣ ଅବଶ୍ୟ ପ୍ରାପ୍ତ ହେବେ । କଳିକାଳର କରାଳ କବଳରୁ ରକ୍ଷାପାଇ ସପରିବାର ସୁଖ ଶାନ୍ତି ସନ୍ତୋଷ ଓ ଆନନ୍ଦରେ ଦୀର୍ଘ ନିରାମୟ ଜୀବନ ଲାଭ ପାଇଁ ଯଜ୍ଞାନୁଷ୍ଠାନରେ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ସହଯୋଗ ଓ ସହାନୁଭୂତି କାୟମନୋବାକ୍ୟରେ ଦେବାପାଇଁ ଆମର ବିନମ୍ର ଅନୁରୋଧ ।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ ॥
ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ !
ଓଷଧୟଃ ଶାନ୍ତିଃ ! ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ !
ବ୍ରହ୍ମ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ !
ସା ମା ଶାନ୍ତିରେଧି !!
ଓଁ ଶାନ୍ତିଃ ! ଓଁ ଶାନ୍ତିଃ ! ଓଁ ଶାନ୍ତିଃ !

ତା ୧୪.୫.୨୦୧୧ ରିଖ
ଶନିବାର,
ସଂଧ୍ୟା ଅଧିବେଶନ ॥
ଅନନ୍ତ ଗୋପାଳ ଆଶ୍ରମ
ଭଲଦିଆ ॥

ଶ୍ରୀ କେଶବାର୍ପଣମସ୍ତୁ
କ୍ଷିତିଜ୍ୟୋତିଃ ଆଶ୍ରମ,
ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ,
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ ପରିବାର,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ॥

# ଆଶ୍ରମ ସନ୍ଦେଶ

୧. ପ୍ରତ୍ୟେକ ସଂକ୍ରାନ୍ତି ଓ ପୂର୍ଣ୍ଣିମା ତିଥିରେ ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରରେ ଅର୍ଘ୍ୟ ସତ୍‌ସଂଗ ଅନୁଷ୍ଠିତ ହେଉଅଛି । ଏଣୁ ପ୍ରତ୍ୟେକ ଭାଇଭଉଣୀ ଉକ୍ତ ସତ୍‌ସଂଗମାନଙ୍କରେ ସକାଳ ୯ ଘଟିକାରୁ ୧ ଘଟିକା ପର୍ଯ୍ୟନ୍ତ ଯୋଗଦାନ କରି ଧର୍ମଧାରା ସମ୍ପର୍କରେ ଶିକ୍ଷା ଗ୍ରହଣ କରନ୍ତୁ ।

୨. ଆଶ୍ରମକୁ ଆସୁଥିବା ସମୟରେ କିମ୍ବା ଯଜ୍ଞ ସତ୍‌ସଂଗକୁ ଯାଉଥିବା ସମୟରେ ଭାଇମାନେ ଆଚରିତ ବସ୍ତ୍ର (ଧଳା ଧୋତି, ପଞ୍ଜାବି କିମ୍ବା ଧୋତି ଚଦର) ଓ ଭଉଣୀମାନେ ଶୁଭ୍ର(ଧଳା) ବସ୍ତ୍ର ପରିଧାନ କରିବା ବିଧେୟ ।

୩. ପୂର୍ଣ୍ଣିମା ଓ ସଂକ୍ରାନ୍ତି ତିଥିମାନଙ୍କରେ ଆଶ୍ରମରେ ମୁକ୍ତ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଅଛି । ଯେଉଁମାନେ ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ଚାହୁଁଛନ୍ତି ସେମାନେ ପରିଷଦ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସମସ୍ତ ବିବରଣୀ ବୁଝିନେବେ ।

୪. ପରିଷଦ୍‌ର ବାର୍ଷିକ ମେମ୍ବର ଫିସ୍ (ସଭ୍ୟ ଚାନ୍ଦା) ଟ.୧୫ଙ୍କା ପରିବର୍ତ୍ତେ ଟ.୨୫ଙ୍କା ଧାର୍ଯ୍ୟ କରାଯାଇଅଛି । ଏଣିକି ଭାଇ ଭଉଣୀମାନେ ବାର୍ଷିକ ମେମ୍ବର ଫିସ୍ ଟ୨୫ଙ୍କା ପ୍ରଦାନ କରି ରସିଦ୍ ଗ୍ରହଣ କରିନେବେ । ଯାହାର ବିଗତ ବର୍ଷମାନଙ୍କର ବକେୟା ଅଛି ସେଗୁଡ଼ିକ ମଧ୍ୟ କାର୍ଯ୍ୟାଳୟରେ ଦାଖଲ କରିଦେବେ ।

୫. ନାମ ମନ୍ଦିରରେ ଚାଲିଥିବା ଅଖଣ୍ଡ ନାମର ସୁପରିଚାଳନା ପାଇଁ ଦୈନିକ ଟ୧.୦୦ଙ୍କା ଲେଖାଏଁ ଅର୍ଥାତ୍ ବାର୍ଷିକ ଟ୩୬୫ଙ୍କା ଦେବାର ଧାର୍ଯ୍ୟ କରାଯାଇଅଛି । ଏଣୁ ଯେଉଁ ଭାଇଭଉଣୀମାନେ ଏଥିପାଇଁ ବାର୍ଷିକ ମେମ୍ବର ହେବାକୁ ଚାହୁଁଛନ୍ତି ସେମାନେ ପରିଷଦ୍ କାର୍ଯ୍ୟାଳୟରୁ ଆବେଦନ ଫର୍ମ ସଂଗ୍ରହ କରିନେବେ ।

୬. ଶ୍ରୀ ଗୁରୁସ୍ୱାମୀଙ୍କୁ ଦର୍ଶନ ସମୟରେ ଶୂନ୍ୟ ହସ୍ତରେ ଦର୍ଶନ କରନ୍ତୁ ନାହିଁ । ସେଥି ନିମନ୍ତେ ଶ୍ରୀ ଗୁରୁସ୍ୱାମୀଙ୍କ ଶ୍ରୀପାଦପଦ୍ମ ତଳେ ଦ୍ରବ୍ୟ, ଅର୍ଥ, ଫଳ କିମ୍ବା ପୁଷ୍ପ ପ୍ରଦାନ କରି ଦର୍ଶନ କରିବା ବିଧିସମ୍ମତ ଅଟେ ।

୭. ଗୁରୁସ୍ୱାମୀଙ୍କ ପ୍ରିତ୍ୟାର୍ଥେ କିମ୍ବା ଆଶ୍ରମ ଗଠନ ଓ ପରିଷଦ୍‌ର ଆଠଗୋଟି ଅଙ୍ଗପାଇଁ କୌଣସି ଦାନ ଅନୁଦାନ ଦେବାକୁ ଚାହିଁଲେ ଦର୍ଶନ ସମୟରେ ଗୁରୁସ୍ୱାମୀଙ୍କ ପାଦପଦ୍ମରେ କିମ୍ବା ହୁଣ୍ଡି ବାକ୍ସରେ କିମ୍ବା ପରିଷଦ କାର୍ଯ୍ୟାଳୟରେ ଅର୍ଥ ପୈଠକରି ରସିଦ୍ ଗ୍ରହଣ କରି ନିଜପାଖରେ ସାଇତି ରଖନ୍ତୁ । କୌଣସି ବ୍ୟକ୍ତିବିଶେଷଙ୍କୁ ଦେଇ ପରେ ବିକାରଗ୍ରସ୍ତ ହୁଅନ୍ତୁ ନାହିଁ ।

## ସଂଘ ଓ କ୍ଷେତ୍ରର ଉତ୍ସବ ସୂଚୀ

ତା ୨୬.୧୦.୨୦୧୧ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଦିବସ ବ୍ୟାପୀ ମହାମନ୍ତ୍ର ନାମସଂକୀର୍ତ୍ତନ, ପୟାଶ୍ରାଦ୍ଧ ଓ ଦୀପଦାନ ମହୋତ୍ସବ ପାଳନ କରାଯାଇଅଛି ।

ତା ୩୦.୧୦.୨୦୧୧ରିଖ (ରବିବାର) : ପବିତ୍ର ନାଗ ଚତୁର୍ଥୀ ଦିନ ଠାକୁମା' ସୁକାନ୍ତୀ ଦେବୀଙ୍କ ମହାପ୍ରୟାଣ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

| | | |
|---|---|---|
| ତା ୦୭.୧୧.୨୦୧୧ରିଖ (ସୋମବାର) | : | ଚକେଇସିଆଣି ଗ୍ରାମର ଶରତ ଚନ୍ଦ୍ର ସେଠୀଙ୍କ ବାସଭବନ ପରିସରରେ ସଂଘ ତରଫରୁ ବାର୍ଷିକ ପାରିବାରିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୦.୧୧.୨୦୧୧ରିଖ (ଗୁରୁବାର) | : | ପବିତ୍ର ରାସପୂର୍ଣ୍ଣିମା ତିଥିରେ ଚରମ ଘାଟ ନିକଟରେ ହରିଆବନ୍ଦନା ଉତ୍ସବ, ଚତୁର୍ଥ ପ୍ରହର ନାମସଂକୀର୍ତ୍ତନ ସମୂହ ଅସ୍ଥି/କେଶ ବିସର୍ଜନ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୦.୧୧.୨୦୧୧ରିଖ (ରବିବାର) | : | ଦୋବନ୍ଧିଆ ଗ୍ରାମର ବିରକିଶୋର ଯେନାଙ୍କ ବାସଭବନ ପରିସରରେ ସଂଘ ଆନୁକୂଲ୍ୟରେ ପାରିବାରିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୯.୧୧.୨୦୧୧ରିଖ (ମଙ୍ଗଳବାର) | : | ପବିତ୍ର କୁରାଳପଞ୍ଚମୀ ଦିବସରେ ଚାୟାଁପାଳ ଗ୍ରାମର ଧନୁ, ମନୁ, ଅନୁ, ରେନୁ ଭାଇଙ୍କ ବାସଭବନ ପରିସରରେ ଗୀତାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଅଛି । |
| ତା ୯.୧୨.୨୦୧୧ରିଖ (ଶୁକ୍ରବାର) | : | ଭୁବନେଶ୍ୱର ସନ୍ନିକଟ କୋରଡକଣ୍ଡା ଗ୍ରାମର ଗଗନକୁମାର ବସ୍ତିଆଙ୍କ ବାସଭବନ ପରିସରରେ ସଂଘ ତରଫରୁ ପାରିବାରିକ ସତସଂଗ ଅନୁଷ୍ଠିତ ହୋଇ ଯାଇଅଛି । |
| ତା୨୦.୧୨.୨୦୧୧ରିଖ (ମଙ୍ଗଳବାର) | : | କୋରଡକଣ୍ଡା ଗ୍ରାମର ଗଗନକୁମାର ବସ୍ତିଆଙ୍କ ମାତୃଦେବୀ ସ୍ୱର୍ଗତ ଲଳିତା ବସ୍ତିଆଙ୍କ ତିଳତର୍ପଣ ଓ ସତସଂଗ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୨.୧୨.୨୦୧୧ରିଖ (ଗୁରୁବାର) | : | ଇନ୍ଦୁପୁର ନିକଟ ବଡଘାଗରା ଗ୍ରାମର ନରହରି ପରିଡାଙ୍କ ବାର୍ଷିକ ପାରିବାରିକ ସତ୍‌ସଂଗ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧.୧.୨୦୧୨ରିଖ (ରବିବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସୁନିଲବାବାଙ୍କ ଜନ୍ମୋତ୍ସବ ପାଳନ ଉପଲକ୍ଷେ କ୍ଷେତ୍ରରେ ସତ୍‌ସଂଗ ମହୋତ୍ସବ ଓ ହାଟପଡା ଗ୍ରାମର ଗୁରୁଭ୍ରାତା ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାସଭବନରେ ବାର୍ଷିକ ନାମ ଓ ନୂତନ ବର୍ଷର ଭାତୃମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୫.୧.୨୦୧୨ରିଖ (ଗୁରୁବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଠାକୁବା' ଯଦୁନାଥଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୬.୧.୨୦୧୨ରିଖ (ଶୁକ୍ରବାର) | : | ପୁରୀ ବନମାଳିପୁର ନିକଟ ଗୋଲାମହମ୍ମଦ ପାଟଣା ଗ୍ରାମର ଗୁରୁଭାଇ ପଞ୍ଚାନନ ସାହୁଙ୍କ ମାତୃଦେବୀ ସ୍ୱର୍ଗତ ଦୋଳି ସାହୁଙ୍କ ତିଳତର୍ପଣ ଓ ସତ୍‌ସଂଗ ସଂଘ ତରଫରୁ କରାଯାଇଅଛି । |
| ତା ୧୫.୧.୨୦୧୨ରିଖ (ରବିବାର) ଏବଂ ତା ୧୬.୧.୨୦୧୨ରିଖ (ସୋମବାର) | : | ଦୁଇଦିନବ୍ୟାପୀ କେନ୍ଦୁଝର ଜିଲ୍ଲା ସଂଗଠନ ଅନ୍ତର୍ଭୁକ୍ତ ଝୁମ୍ପୁରା ଶାଖା ପରିସରରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୯.୧.୨୦୧୨ରିଖ (ଗୁରୁବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ ତରଫରୁ ବାର୍ଷିକ ଗୁରୁପୂଜା ମହାସମାରୋହରେ ଅନୁଷ୍ଠିତ |

| | | |
|---|---|---|
| | | ହୋଇଯାଇଅଛି । ସଂଧ୍ୟାରେ ଛରିଆନଦୀ ତଟସ୍ଥ ସୁକାନ୍ତୀ ମା' ଘାଟ ନିକଟରେ ସନ୍ଥ ଅରକ୍ଷୀତ ଦାସଙ୍କ ଶ୍ରାଦ୍ଧ ତିଥି ଉପଲକ୍ଷେ ଖଞ୍ଜଣୀ ଭଜନ ଓ ପୋଡପିଠା ଲାଗି ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୬.୧.୨୦୧୨ରିଖ (ଗୁରୁବାର) ଏବଂ ତା ୨୭.୧.୨୦୧୨ରିଖ (ଶୁକ୍ରବାର) | : | ଦୁଇଦିବସ ବ୍ୟାପୀ ଫୁଲନଖରା ଗୋବିନ୍ଦପୁର ନିକଟ ନୂଆଗାଁ ଗ୍ରାମରେ ଗୁରୁଭ୍ରାତା ବସୁଦେବ ବର୍ଦ୍ଧନଙ୍କ ପ୍ରଚେଷ୍ଟାରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୩୦.୧.୨୦୧୨ରିଖ (ସୋମବାର) | : | ଭୁବନେଶ୍ୱର ପାଣ୍ଡବନଗରର ଗୁରୁଭ୍ରାତା ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବାସଭବନ ପରିସରରେ ସଂଘ ତରଫରୁ ବାର୍ଷିକ ପାରିବାରିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୯.୨.୨୦୧୨ରିଖ (ବୁଧବାର) | : | ଆଳି ନିକଟ ବାଙ୍କେଶ୍ୱର ଗ୍ରାମରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୧.୨.୨୦୧୨ରିଖ (ଶୁକ୍ରବାର) | : | ଜଗତସିଂହପୁର ଜିଲ୍ଲା ବଡବାଖରାବାଦ ଗ୍ରାମରେ ସଂଘ ତରଫରୁ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୨.୨.୨୦୧୨ରିଖ (ଶନିବାର) | : | ଡେରାବିଶ ଦୁମୁକାହାଟ ଗ୍ରାମରେ ବାର୍ଷିକ ପାରିବାରିକ ସତସଂଗ ଗୁରୁଭ୍ରାତା ଉମେଶ ଭାଇଙ୍କ ବାସଭବନ ପରିସରରେ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୬.୨.୨୦୧୨ରିଖ (ବୁଧବାର) | : | ଇନ୍ଦୁପୁର କୁଳସାହି ଗ୍ରାମରେ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ ହୋଇଯାଇଅଛି । |
| ତା ୨୯.୨.୨୦୧୨ରିଖ (ବୁଧବାର) | : | କେନ୍ଦ୍ରାପଡା ବଣିଆମାଳ ଗୁରୁଭ୍ରାତା ସ୍ୱର୍ଗତ ପ୍ରହଲ୍ଲାଦ ମାହାଲିଙ୍କ ଶ୍ରାଦ୍ଧତିଥି ଉପଲକ୍ଷେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧.୩.୨୦୧୨ରିଖ (ଗୁରୁବାର) | : | ବେଲଡଳ ଶାଖା (ପଢାମୁଣ୍ଡାଇ) ପରିସରରେ ସଂଘ ତରଫରୁ ବାର୍ଷିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨.୩.୨୦୧୨ରିଖ (ଶୁକ୍ରବାର) | : | ସଠିଲ ଶାଖା ଅନ୍ତର୍ଭୁକ୍ତ ପକ୍ଷୋଟ ଗ୍ରାମର ନିତ୍ୟାନନ୍ଦ ଭାଇଙ୍କ ବାସଭବନ ପରିସରରେ ସଂଘ ତରଫରୁ ପାରିବାରିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୫.୩.୨୦୧୨ରିଖ (ସୋମବାର) | : | ନହଙ୍ଗନିକଟ ବରସାରଦେଇପୁର ଗ୍ରାମରେ ସଂଘ ତରଫରୁ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୭.୩.୨୦୧୨ରିଖ (ବୁଧବାର) | : | ଦକ୍ଷିଣ ଉତ୍ତୁମା ଗ୍ରାମର ବିଶ୍ୱନାଥ ସାହୁଙ୍କ ବାସଭବନ ପରିସରରେ ବାର୍ଷିକ ପାରିବାରିକ ସତ୍‌ସଂଗ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |

| | | |
|---|---|---|
| ତା ୯.୩.୨୦୧୨ରିଖ (ଶୁକ୍ରବାର) | : | ବାଲିଚନ୍ଦ୍ରପୁର ନିକଟ ସିପୁରା ଗ୍ରାମର ଗୁରୁଭ୍ରାତା ବାବୁଲିଭାଇଙ୍କ ବାସଭବନ ପରିସରରେ ପ୍ରତିବର୍ଷ ଭଳି ଏବର୍ଷ ହୋଲି ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୧୦.୩.୨୦୧୨ରିଖ (ଶନିବାର) | : | କୁସୁପୁର ଗ୍ରାମରେ ସଂଘ ତରଫରୁ ଆଞ୍ଚଳିକ ସତସଂଗ ମହୋତ୍ସବ ଗୁରୁଭ୍ରାତା ନଟବର ଦାସଙ୍କ ଉଦ୍ୟମରେ ଓ ସ୍ଥାନୀୟ ଭାଇଭଉଣୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୧୪.୩.୨୦୧୨ରିଖ (ବୁଧବାର) | : | ପବିତ୍ର ମୀନସଂକ୍ରାନ୍ତି ଦିବସରେ ସଂଘ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ଅନ୍ୟାସୀପୁର ଗ୍ରାମର ଗୁରୁଭ୍ରାତା ଅଶୋକ କୁମାର ଜେନାଙ୍କ ଉଦ୍ୟମରେ ଓ ସ୍ଥାନୀୟ ଗୁରୁଭାଇ ଭଉଣୀଙ୍କ ସହଯୋଗରେ ବାର୍ଷିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୨୦.୩.୨୦୧୨ରିଖ (ମଙ୍ଗଳବାର) | : | ମାର୍ଶାଘାଇ ଶାଖା ପରିସରରେ ସଂଘ ତରଫରୁ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଅଛି । |
| ତା ୨୩.୩.୨୦୧୨ରିଖ (ଶୁକ୍ରବାର) | : | ଭଦ୍ରକ ବେତାଳିଗ୍ରାମ ହାଟ ନିକଟରେ ଗୁରୁଭ୍ରାତା ଭରତଚନ୍ଦ୍ର ସେଠୀଙ୍କ ବାସଭବନ ନିକଟରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୨୫.୩.୨୦୧୨ରିଖ (ରବିବାର) | : | କୋଶିଦା ମାହାଙ୍ଗା ଗ୍ରାମରେ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ କରାଯାଇଅଛି । |
| ତା ୨୬.୩.୨୦୧୨ରିଖ (ସୋମବାର) | : | କଟକ ନାରାୟଣ ମିଶ୍ର ଲେନ୍‌ର ଗୁରୁଭ୍ରାତା ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ବାସଭବନ ପରିସରରେ ବାର୍ଷିକ ପାରିବାରିକ ସତ୍‌ସଂଗ ଓ କଲ୍ୟାଣ ହୋମ ଯଜ୍ଞାନୁଷ୍ଠାନ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୭.୩.୨୦୧୨ରିଖ (ମଙ୍ଗଳବାର) | : | ଜଗତସିଂହପୁର ଜିଲ୍ଲା ପଟିଲ ଗ୍ରାମରେ ସଂଘ ତରଫରୁ ସତ୍‌ସଂଗ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୯.୩.୨୦୧୨ରିଖ (ଗୁରୁବାର) | : | ଜଗତସିଂହପୁର ଜିଲ୍ଲା ସଅଁରା ଗ୍ରାମରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୩୦.୩.୨୦୧୨ରିଖ (ଶୁକ୍ରବାର) | : | ଜଗତସିଂହପୁର ଜିଲ୍ଲା କୋଡିଆ ଗ୍ରାମରେ ସଂଘ ଦ୍ୱାରା ସତ୍‌ସଂଗ ମହୋତ୍ସବ କରାଯାଇଅଛି । |

## ଶ୍ରୀ ଗୁରୁସ୍ୱାମୀଙ୍କ ସ୍ୱହସ୍ତ ଲିଖିତ ପୁସ୍ତକ ଓ ଆଶ୍ରମଦ୍ୱାରା ପ୍ରକାଶିତ ପୁସ୍ତକ ଓ କ୍ୟାସେଟ୍‌ମାନ ଯେଉଁ ଭାଇଭଉଣୀମାନେ ସଂଗ୍ରହ କରିନାହାଁନ୍ତି ଆଶ୍ରମସ୍ଥ ଚରମ ପୁସ୍ତକାଳୟରୁ ସଂଗ୍ରହ କରିନେବେ ।

୧. ଚରମ ସଂଖ୍ୟା ୧ (ଏକ)ରୁ ଚରମ ସଂଖ୍ୟା ୪୬ (ଛୟାଳିଷ) ପର୍ଯ୍ୟନ୍ତ ।
୨. ଚିନ୍ତନ ସଂଖ୍ୟା ୧ (ଏକ)ରୁ ଚିନ୍ତନ ସଂଖ୍ୟା ୪ (ଚତୁର୍ଥ) ପର୍ଯ୍ୟନ୍ତ ।
୩. ଅନିର୍ବାଣ ଦୀପଶିଖା ।
୪. ୨୫ଟି ଯଜ୍ଞର ସ୍ମରଣୀକା ମାନ ।
୫. କଲ୍ୟାଣ ଦେଲି ତୋତେ ।
୬. ସଂଘୀୟ ସୂଚନା ।
୭. ସ୍ୱର୍ଣ୍ଣକ୍ଷେତ୍ର ସୂଚନା ।
୮. କ୍ଷେତ୍ରନୀତି ।
୯. କ୍ଷିତିଜ୍ୟୋତି ପୂଜା ପଦ୍ଧତି ।
୧୦. ନିତ୍ୟଧାରା ।
୧୧. ଏ ଦେହ ଥିଲେ ସର୍ବପାଇ ।
୧୨. ଅଧର ପିୟୂଷ ।
୧୩. ଭାବିବା ଚିନ୍ତିବା ବିବେକ ଜାଗ୍ରତ କରିବା ।
୧୪. କରିଆକୁଳିଆ ଭଜନ (ପୁସ୍ତକ)
୧୫. ସ୍ୱର୍ଣ୍ଣକ୍ଷେତ୍ର ଭଜନ ମାଳା ।

### କ୍ୟାସେଟ୍ - (CD, VCD, DVD)

୧. ଶ୍ରୀକେଶବ ଅମୃତବାଣୀ ।
୨. କରିଆ କୁଳିଆ ଭଜନ
**Part - 1 (VCD)**
**Part - 2 (VCD)**
**Part - 3 (VCD)**
୩. କ୍ଷିତିଜ୍ୟୋତି ଶାନ୍ତିଯଜ୍ଞ (VCD, DVD)
୫୪. ଅଷ୍ଟମପ୍ରହର ନାମସଂକୀର୍ତ୍ତନ (VCD)
୬. ପତିତ ଜନର ବନ୍ଧୁ (VCD)
୭. ମହାମନ୍ତ୍ର (mp3)
୮. ସ୍ପନ୍ଦନ ଏକ ମୁହୂର୍ତ୍ତର (VCD)

# ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍

**କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ-୭୫୪୨୦୬**

## ସପ୍ତଦଶ ନିର୍ବାହୀ ସଭାର କର୍ମକର୍ତ୍ତା/ସଭ୍ୟ-ସଭ୍ୟା ବୃନ୍ଦ

| କ୍ର.ନଂ. | ନାମ | ପଦବୀ | ବିଭାଗ |
|---|---|---|---|
| ୧. | ସର୍ବଶ୍ରୀ ଅଭିରାମ ମହାପାତ୍ର | ସଭାପତି | |
| ୨. | ,, ସୁରେଶ କୁମାର ଜେନା | ଉପ ସଭାପତି | |
| ୩. | ,, କେଶବ ଚନ୍ଦ୍ର ସାମଲ | ସାଧାରଣ ସଂପାଦକ | |
| ୪. | ,, ଅରକ୍ଷିତ ସାମଲ | ଯୁଗ୍ମ ସଂପାଦକ | |
| ୫. | ,, ଗଜେନ୍ଦ୍ର ନାଥ ଜେନା | ମୁଖ୍ୟ କୋଷାଧ୍ୟକ୍ଷ | |
| ୬. | ,, ଦାମୋଦର ପ୍ରଧାନ | ସମ୍ପାଦକ | ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ |
| ୭. | ,, ନନ୍ଦକିଶୋର ଜେନା | ସମ୍ପାଦକ | କ୍ଷେତ୍ର ପରିଚାଳନା ସମିତି |
| ୮. | ,, ମଧୁସୂଦନ ସାହୁ | ସମ୍ପାଦକ | ସେବାଶ୍ରମ ସଂଗଠନ |
| ୯. | ,, ଅଶୋକ କୁମାର ଜେନା | ସମ୍ପାଦକ | ବାପୁଜୀ ଶିଶୁ ମନ୍ଦିର |
| ୧୦. | ,, ସୁରେନ୍ଦ୍ର କୁମାର ରଣା | ସମ୍ପାଦକ | ସାହିତ୍ୟ ସଂସଦ |
| ୧୧. | ,, ନିରଞ୍ଜନ ପରିଡ଼ା | ସମ୍ପାଦକ | କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟ |
| ୧୨. | ସୁଶ୍ରୀ ରଞ୍ଜନା ମଲ୍ଲିକ | ସମ୍ପାଦିକା | ମାତୃବନ୍ଦନା ସଂଗଠନ |
| ୧୩. | ସର୍ବଶ୍ରୀ ବିଚିତ୍ରାନନ୍ଦ ସେନାପତି | ସମ୍ପାଦକ | ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନ |
| ୧୪. | ,, କୈଳାସ ଚନ୍ଦ୍ର ମହାନ୍ତି | ସଭ୍ୟ/ସାଂଗଠନିକ ମୁଖ୍ୟ | ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ |
| ୧୫. | ,, ଗଙ୍ଗାଧର ଜେନା | ସଭ୍ୟ | |
| ୧୬. | ,, ରତ୍ନାକର ଜେନା | ସଭ୍ୟ | |
| ୧୭. | ଶ୍ରୀମତୀ ସୁରେଖା ମଲ୍ଲିକ | ସଭ୍ୟା | |

**DECLARATION FORM-I**
(Rule-8)
**THE CHARAM PUBLICATION**

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Vishwa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Keshab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Vishwa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

1. Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack, Odisha here by declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarnakshetra, Mahanga, Cuttack-754206 and the particular in respect of the said magazine given above are true to the best of my knowledge and belief.

Sd-
**KESHAB CHANDRA SAMAL**
Signature of the Publisher

**Place : Mahanga**
Date : 29.10.2012

ଆମର ଲକ୍ଷ୍ୟ : ଚରମପ୍ରାପ୍ତି